

ପବିତ୍ର ଘୋଷଯାତ୍ରା ଅବସରରେ
ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ
ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ
ଜୀବନ କାମନା କରୁଛୁ ।
-'ସକାଳ' ପରିବାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-3 • BHUBANESWAR • FRIDAY • 27 JUNE 2025 • PAGE-16 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୩ • ଭୁବନେଶ୍ୱର • ଶୁକ୍ରବାର • ୨୭ ଜୁନ୍ ୨୦୨୫ • ପୃଷ୍ଠା-୧୬ • ଟ.୬.୦୦






ACC ସିମେଣ୍ଟ୍ ତରଫରୁ ପୁରୀ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତମାନଙ୍କର ସୁବିଧା ପାଇଁ ଅନେକ ବିଶେଷ ସେବା ଏବଂ ସୁବିଧା ପ୍ରଦାନ କରାଯାଉଅଛି । ଏହି ପବିତ୍ର ଯାତ୍ରା ପ୍ରତ୍ୟେକ ଭକ୍ତଙ୍କ ପାଇଁ ସୁଖଦାୟକ ଏବଂ ସଫଳ ହେଉ ଏହା ଆମର ଉଦ୍ଦେଶ୍ୟ ।

## ACC ସେବାଗୁଡିକ

- ମୁଖ୍ୟ ସ୍ଥାନଗୁଡିକରେ ପରିଷ୍କାର ଜଳ ର ଷ୍ଟଲ୍
- ପାଣିପାଗକୁ ଆଖି ଆଗରେ ରଖି ବଡ ବଡ ଛତାର ସୁବିଧା
- ଭକ୍ତମାନେ ରହିବା ପାଇଁ ବିଶ୍ରାମ ସ୍ଥଳର ବ୍ୟବସ୍ଥା

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-16 ◆₹ 6.00


◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦


## ଦୁଇ ମହିଳା ମାଓବାଦୀ ନିହତ

ମାଲକାନଗିରି,୨୬।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବାହିନୀଙ୍କ ପକ୍ଷରୁ ତଲାସି ଅଭିଯାନ କରାଯାଉଛି। ଅବୁଝମାଡ଼ ଜଙ୍ଗଲ ମଧ୍ୟରେ ବହୁସଂଖ୍ୟକ ମାଓବାଦୀ ଲୁଚି ରହିଥିବା ଖବର ପାଇ ଯବାନମାନେ ଆଜି ସକାଳୁ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ନାରାୟଣପୁର ଓ କୋଣ୍ଡାଗାଓଁ ଡିଆରଜି ଓ ଏସ୍‌ଟିଏଫ ଯବାନ ସାମିଲ ଥିଲେ। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଦୁଇଜଣ ମହିଳା ମାଓବାଦୀଙ୍କ ମରଶରୀର ସହ ଦୁଇଟି ବନ୍ଧୁକ, କିଛି ମାଓ ସାମଗ୍ରୀ ଜବତ କରିଥିଲେ। ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି।

## ଜୁଲାଇ ୧୧ ରେ ଓଡ଼ିଶା ଆସିବେ ରାହୁଲ

**ଭୁବନେଶ୍ୱର,୨୬।୬(ସମିସ):** ଆସନ୍ତା ଜୁଲାଇ ୧୧ ତାରିଖରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଓଡ଼ିଶା ଆସିବେ। ଏହି ଅବସରରେ ରାହୁଲ୍ ଏକ ଜନସଭାକୁ ସମ୍ବୋଧନ କରିବେ। ରାହୁଲ ଗାନ୍ଧୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁଗୋପାଳ ମଧ୍ୟ ଓଡ଼ିଶା ଆସିବାର



କାର୍ଯ୍ୟକ୍ରମ ରହିଛି। ୧୧ ତାରିଖ ରାହୁଲ୍‌ଙ୍କ କାର୍ଯ୍ୟକ୍ରମ ପାଇଁ ଏକ ପଡ଼ିଆ ଯୋଗାଇ ଦେବାକୁ ପିସିସି ପକ୍ଷରୁ ସରକାରଙ୍କୁ ପତ୍ର ଲେଖାଯାଇଛି। ସରକାରଙ୍କ ପକ୍ଷରୁ ଜନତା ମୈଦାନ, ବରମୁଣ୍ଡା ପଡ଼ିଆ କିମ୍ବା ତମାଣ୍ଡୋ ଫୁଟ୍‌ବଲ୍ ପଡ଼ିଆ ମଧ୍ୟରୁ ଯେ କୌଣସି ଗୋଟିଏ ପଡ଼ିଆ ଯୋଗାଇ ଦେଇପାରନ୍ତି ବୋଲି ସୂଚନା ମିଳିଛି।

ଗତ ସାଧାରଣ ନିର୍ବାଚନ ପରେ ଏହା ରାହୁଲଙ୍କ ପ୍ରଥମ ଓଡ଼ିଶା ଗସ୍ତ ହେବ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଏଆଇସିସି ଓଡ଼ିଶା ଉପରେ ଅଧିକ ଗୁରୁତ୍ୱ ଦେଉଛି। ବିଭିନ୍ନ ପ୍ରସଙ୍ଗରେ ଦଳର ଶୀର୍ଷ ନେତୃତ୍ୱ ସାମାଜିକ ଗଣମାଧ୍ୟମରେ ପ୍ରତିବାଦ କରୁଥିବା ବେଳେ ନିଜେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ନିକଟରେ ଗଞ୍ଜାମର ଧରାକୋଟ୍‌ରେ ଦଳିତଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ବିରୋଧରେ ରାହୁଲ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଏହାସହିତ ରାଜ୍ୟରେ ବଢୁଥିବା ମହିଳା ହିଂସା ପ୍ରସଙ୍ଗରେ ଏଆଇସିସିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆସି ରାଜ୍ୟର ୩ ଟି ଜିଲ୍ଲା ଗସ୍ତ କରିବା ସହ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏଭଳି ସ୍ଥିତିରେ ରାହୁଲ୍‌ଙ୍କ ଓଡ଼ିଶା ଗସ୍ତକୁ ନେଇ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇପଡ଼ିଛି।

**ଅଶାନ୍ତ ଚିଲିକା**

## ଦେଶୀ ବନ୍ଧୁକରୁ ୫୦ ରାଉଣ୍ଡ ଗୁଳିମାଡ଼

### ମତ୍ସ୍ୟଜୀବୀ ଗୁରୁତର / ପାଣିକୁ ଡେଇଁ ଜୀବନ ବଞ୍ଚାଇଲେ ୨

ବାଲୁଗାଁ, ୨୬।୬ (ସମିସ): ମାଛଧରାକୁ କେନ୍ଦ୍ର କରି ବୁଧବାର ବିଳମ୍ବିତ ରାତିରେ ଚିଲିକାରେ ଆଖିବୁଜା ଗୁଳିମାଡ଼ ହୋଇଛି। ପୁରୀ ଜିଲ୍ଲା ସିପିଆ ନିକଟବର୍ତ୍ତୀ ଅଞ୍ଚଳରେ କିଛି ଦୁର୍ବୃତ୍ତ ମତ୍ସ୍ୟଜୀବୀଙ୍କ ଉପରକୁ ଦେଶୀ ବନ୍ଧୁକରୁ ପ୍ରାୟ ୪୦ରୁ ୫୦ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଦୁଇଜଣ ମତ୍ସ୍ୟଜୀବୀ ପାଣିକୁ ଡେଇଁ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଅନ୍ୟଜଣଙ୍କ ଦେହରେ ଗୁଳି ବାଜିଛି। ସେ ହେଲେ, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମର ବୀର ଜାଲି (୫୫)। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣାକୁ ନେଇ ମତ୍ସ୍ୟଜୀବୀମାନେ ଭୟଭୀତ ହୋଇ ପଡ଼ିଛନ୍ତି।

ସୂଚନା ମୁତାବକ, ସବୁଦିନ ପରି ବୁଧବାର ବାଲୁଗାଁ ଥାନା ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମର ବୀରଙ୍କ ସହ ତୋଫାନ ବେହେରା ଓ କାହ୍ନା ବେହେରା ଗୋଟିଏ ଡଙ୍ଗାରେ ଚିଲିକାକୁ ମାଛ ମାରିବାକୁ ଯାଇଥିଲେ। ରାତ୍ରଭୋଜନ ସାରି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ସିପିଆ ଗ୍ରାମ ନିକଟ ଚିଲିକାରେ ମାଛ ମାରୁଥିବା ବେଳେ ରାତି ପ୍ରାୟ ୧୨ଟାରେ ହଠାତ୍ ୩ଟି ଡଙ୍ଗାରେ ୨୦ରୁ ୩୦ଜଣ ଦୁର୍ବୃତ୍ତ ଆସି ମତ୍ସ୍ୟଜୀବୀଙ୍କ ଡଙ୍ଗାକୁ ଘେରି ଦେଶୀ ଛେରା ବନ୍ଧୁକରେ



ଆଖିବୁଜା ଗୁଳିମାଡ଼ କରିଥିଲେ। ପ୍ରାଣ ବିକଳରେ ୨ଜଣ ମତ୍ସ୍ୟଜୀବୀ ପାଣି ଭିତରକୁ ଡେଇଁ ପଡ଼ିଥିଲେ। କିନ୍ତୁ ବୀର ଏଥିରୁ ବର୍ତ୍ତିପାରିନଥିଲେ। ତାଙ୍କ ଜଙ୍ଘରେ ଗୋଟିଏ ଗୁଳି ବାଜିଥିଲା। ତେବେ କୌଣସିମତେ ବୀର ଚନ୍ଦ୍ରାପୁଟ ଗ୍ରାମରେ ପହଞ୍ଚିଯିବାରୁ ଗ୍ରାମବାସୀ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାଟି କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଅଞ୍ଚଳରେ ଘଟିଥିବା ବେଳେ ଏଯାବତ୍ ଉକ୍ତ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। ପ୍ରାଥମିକ ଚିକିତ୍ସା ପରେ ଅଭିଯୋଗ କରାଯିବ ବୋଲି ଆହତ ମତ୍ସ୍ୟଜୀବୀଙ୍କ ପରିବାରଲୋକେ କହିଛନ୍ତି।

## ଓଡ଼ିଶାରୁ ଲୋପ ପାଇଯିବ ନଡ଼ିଆ ଚାଷ!

### ହ୍ରାସ ପାଉଛି ଉତ୍ପାଦନ; ସରକାର ଉଦାସୀନ

ଭୁବନେଶ୍ୱର, ୨୬।୬(ସମିସ): ନଡ଼ିଆ ଉତ୍ପାଦନର ପ୍ରମୁଖ ସ୍ଥାନ ହେଉଛି ଓଡ଼ିଶା। ଏଠି ୪୫୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି। ବେଳାଭୂମି ସଂଲଗ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ କତା ତିଆରି ଦ୍ରବ୍ୟ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ଅଛି। ଏହି ସୁଯୋଗର ସଦୁପଯୋଗ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରନ୍ତା। ଏଥିସହ ଚାଷୀଙ୍କ ଆୟ ବୃଦ୍ଧିରେ ମଧ୍ୟ ବିଶେଷ ସହାୟକ ହୁଅନ୍ତା। କିନ୍ତୁ ରାଜ୍ୟ ସରକାରଙ୍କର ଦୂରଦୃଷ୍ଟି ଅଭାବ ଓ ଭବିଷ୍ୟତମୁଖୀ ଯୋଜନା

- ■ ସୁଯୋଗର ସଦୁପଯୋଗ ହୋଇପାରୁନି
- ■ କାମରେ ଆସୁନି ସୁଦୀର୍ଘ ଉପକୂଳ

ନଥିବାରୁ ଏହା ସଫଳ ହୋଇପାରୁନି। ଫଳସ୍ୱରୂପ, ଭାରତରେ ନଡ଼ିଆ ଉତ୍ପାଦନ ସୂଚକାଙ୍କରେ ଓଡ଼ିଶା ଦିନକୁ ଦିନ ତଳକୁ ଖସୁଛି। ଏମିତିକି, ଆଗାମୀ ଦିନରେ ନଡ଼ିଆ ଉତ୍ପାଦନ ସଂପୂର୍ଣ୍ଣ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଉଛି।

ସମଗ୍ର ଭାରତବର୍ଷରେ ନଡ଼ିଆ ଉତ୍ପାଦନରେ କେରଳ ପ୍ରଥମ ସ୍ଥାନରେ ଅଛି। ତା' ପଛକୁ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ରହିଛନ୍ତି। ଏହି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ମାତ୍ର ଆମର ସୁଦୀର୍ଘ ବେଳାଭୂମି ରହିଛି। ଯାହା ଅନ୍ୟ ରାଜ୍ୟ ତୁଳନାରେ ନଡ଼ିଆ ଚାଷ ପାଇଁ ବେଶ ଉପଯୋଗୀ ଜମି। ପୂର୍ବରୁ ଆମ ରାଜ୍ୟ ତିନି ନମ୍ବରରେ ଥିଲା। ଗତ କିଛି ବର୍ଷ ଭିତରେ କେରଳ ମଡେଲ୍‌କୁ ଆପଣାଇ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆମଠାରୁ ଅଧିକ ନଡ଼ିଆ ଉତ୍ପାଦନ କରୁଛନ୍ତି। କେରଳରେ ସର୍ବାଧିକ ୭୬୦ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୫୩ ହଜାର ହେକ୍ଟର୍ ଜମିରେ ଚାଷ ହେଉଛି। ବିଶେଷକରି ୧୯୯୯ ମହାବାତ୍ୟାରେ ଓଡ଼ିଶାରେ ସର୍ବାଧିକ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଫନି ବାତ୍ୟାରେ ମଧ୍ୟ ପୁରୀ ଜିଲ୍ଲା ନଡ଼ିଆ ଚାଷ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ବାତ୍ୟା ଯୋଗୁଁ ଯେତିକି କ୍ଷତି ହୋଇଥିଲା,



ପରବର୍ତ୍ତୀ ସମୟରେ ତା'ର କିଛି ପରିମାଣରେ ନୂଆ ଗଛ ଲଗାଇ ଭରଣା କରାଯାଇଥିଲା। ହେଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପୂର୍ବଭଳି ଗଛଗୁଡ଼ିକ ବୃଦ୍ଧି ପାଇନଥିଲା ଓ ବିଭିନ୍ନ ରୋଗ ଦେଖାଦେଇଥିଲା।

ଓଡ଼ିଶାରେ ନଡ଼ିଆ ଚାଷ ଓ 'କଏର୍ ଇଣ୍ଡଷ୍ଟ୍ରି' ପାଇଁ ଅନୁକୂଳ ପରିବେଶ। ଏହାକୁ ଦୃଷ୍ଟିରେ ରଖି ୫ବର୍ଷ ପୂର୍ବରୁ ୫ଟି 'କଏର୍ କ୍ଲଷ୍ଟର୍' ସ୍ଥାପନ ହୋଇଥିଲା। ପୁରୀ ଜିଲ୍ଲାରେ କୋଣାର୍କ, ଡେଲାଙ୍ଗ ଓ ସତ୍ୟବାଦୀରେ ତିନୋଟି ଖୋଲାଯାଇଥିବା ବେଳେ ବାଲେଶ୍ୱର ଭୋଗରାଇ ଓ କେନ୍ଦ୍ରାପଡ଼ା ରାଜକନିକାରେ ଗୋଟିଏ ଲେଖାଁଏ କ୍ଲଷ୍ଟର୍ ଖୋଲାଯାଇଥିଲା। ମାତ୍ର ବର୍ଷ କେଇଟା ଭିତରେ ତିନୋଟି କ୍ଲଷ୍ଟର୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ପୁରୀ ଜିଲ୍ଲାର ସତ୍ୟବାଦୀ ଓ ଡେଲାଙ୍ଗରେ କ୍ଲଷ୍ଟର୍ କାର୍ଯ୍ୟକ୍ଷମ ରହିଛି। ମାତ୍ର ଏହାର କାର୍ଯ୍ୟକାରିତ କ'ଣ ନଡ଼ିଆ ଚାଷୀମାନେ ଜାଣିପାରୁନାହାନ୍ତି। ଫଳସ୍ୱରୂପ କ୍ଲଷ୍ଟର୍‌ଗୁଡ଼ିକ ଏକପ୍ରକାର ଅଚଳ ଅବସ୍ଥାକୁ ଆସିଗଲାଣି।

ନଡ଼ିଆ ଚାଷ ଉପରେ ବହୁବର୍ଷ ଧରି ଗବେଷଣା କରିଥିବା ଗବେଷକ ଅମରଯୋଶୀ ପଟ୍ଟନାୟକ କହିଛନ୍ତି, ସାରା ଭାରତବର୍ଷରେ ଆମ ରାଜ୍ୟର ମାଟି ଓ ଜଳବାୟୁ ନଡ଼ିଆ ଉତ୍ପାଦନ ପାଇଁ ସର୍ବୋତ୍କୃଷ୍ଟ। କେରଳ ଏବେ ସର୍ବାଧିକ ନଡ଼ିଆ ଉତ୍ପାଦନ ରାଜ୍ୟ ହୋଇଥିଲେ ହେଁ ଆମ ରାଜ୍ୟରେ ହେକ୍ଟର ପିଛା ୭୫୨୮ଟି ନଡ଼ିଆ ଫଳୁଛି। କେରଳରେ ଏହି ସଂଖ୍ୟା ୭୪୦୨। ଏସବୁକୁ ଦୃଷ୍ଟିରେ ଆମ ରାଜ୍ୟରେ ନଡ଼ିଆ ଚାଷକୁ ବ୍ୟବସ୍ଥିତ କରିପାରିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, କେବଳ ପଇଡ଼ କିମ୍ବା ନଡ଼ିଆ ଚାଷ ନୁହେଁ; ନଡ଼ିଆ ତେଲ, ନଡ଼ିଆ କ୍ଷୀର, ନଡ଼ିଆ ବିସ୍କୁଟ୍‌ଠାରୁ ଆରମ୍ଭ କରି ନଡ଼ିଆ କତା, ପାପୋଛ, କାର୍ପେଟ୍, ପୋଷାକ, ଦଉଡ଼ି, ଗୃହସଜ୍ଜା ସାମଗ୍ରୀ, କଣ୍ଢେଇ, ବିଞ୍ଚଣା ଆଦି ପ୍ରସ୍ତୁତ ହୋଇପାରିବ। ଏହାଦ୍ୱାରା କର୍ମନିଯୁକ୍ତି ବୃଦ୍ଧି ପାଇବ। ବର୍ତ୍ତମାନ ସରକାର ମାତ୍ରାଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କଲେ, ଏହା ଏକ ନଡ଼ିଆ ଚାଷରେ ଉନ୍ନତି ହେବା ସହ ଓଡ଼ିଶାରେ କୁଟୀର ଶିଳ୍ପ ବୃଦ୍ଧି ହେବ। ଯାହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଧାରିବାରେ ମହୌଷଧି ସାଜିବ ବୋଲି ସେ କହିଛନ୍ତି।

**ବିଏଡ୍ ପ୍ରବେଶିକା ପରୀକ୍ଷାରେ ସାଂଘାତିକ ଜାଲିଆତି**

## ଯାଞ୍ଚ ୮ଟି ଖାତାରେ ବାହାରିଲା ଅନିୟମିତତା

**ଭୁବନେଶ୍ୱର,୨୬।୬(ସମିସ):** ବିଏଡ୍ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଛି। ଜାଲିଆତି କରାଯାଇ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଅନୁଗୃହୀତ କରାଯାଇଥିବା ବେଳେ ଆଉ କିଛି ପରୀକ୍ଷାର୍ଥୀଙ୍କୁ କମ୍ ନମ୍ବର ଦିଆଯାଇଛି। ପରୀକ୍ଷା ପରିଚାଳନା କରିଥିବା ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପରୀକ୍ଷା ପରେ ଆନସାର୍ କି' ପ୍ରକାଶ ନକରି ଏକାବେଳେ ସ୍କୋର୍ କାର୍ଡ ପ୍ରକାଶ କରିଛି ବୋଲି ଅନେକ ପରୀକ୍ଷାର୍ଥୀ ସାଂଘାତିକ ଅଭିଯୋଗ କରିଛନ୍ତି। ଏହାପରେ

- ■ ପରୀକ୍ଷାର୍ଥୀଙ୍କ ୬୭ ନମ୍ବର ୩୫ ହେଲା କେମିତି
- ■ ୪ ଜଣ ପରୀକ୍ଷାର୍ଥୀ କମ୍ ନମ୍ବର ପାଇଲେ କିପରି
- ■ ଅନ୍ୟ ପରୀକ୍ଷାର୍ଥୀଙ୍କ ନମ୍ବର ଜାଲିଆତି ହେବା ସନ୍ଦେହ
- ■ ମେଧା ତାଲିକା ସ୍ଥଗିତ; ଭିଜିଲାନ୍ସ ତଦନ୍ତ ନିମନ୍ତେ ଦାବି

ନାମଲେଖା ପାଇଁ ବୁଧବାର ପ୍ରକାଶ ପାଇବାକୁ ଥିବା ମେଧା ତାଲିକାକୁ ସ୍ଥଗିତ ରଖାଯାଇଛି ଓ ନାମଲେଖା ପାଇଁ ସମୟ ସାରଣୀ ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି।

ଅଭିଯୋଗ ଅନୁଯାୟୀ, ନିଟ୍ ପରି ବହୁ ଜାତୀୟସ୍ତରର ପ୍ରବେଶିକା ପରୀକ୍ଷା ପରିଚାଳନା କରୁଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଏବଂ ରାଜ୍ୟର ବିଭିନ୍ନ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପରୀକ୍ଷା ପରେ ଆନ୍‌ସାର୍ କି' ପ୍ରକାଶ କରିଥା'ନ୍ତି। କୌଣସି ଉତ୍ତରରେ କାହାର ଆପତ୍ତି ଥିଲେ, ତଥ୍ୟ ସମେତ ଅଭିଯୋଗ କରିବାକୁ ପରୀକ୍ଷାର୍ଥୀଙ୍କୁ ଆହ୍ୱାନ କରନ୍ତି। ପିଲାମାନେ ତଥ୍ୟଭିତ୍ତିକ ଆବେଦନ କଲା ପରେ ବିଶେଷଜ୍ଞମାନେ ତାର ତର୍ଜମା କରି ସଠିକ୍ ଉତ୍ତର ସମ୍ପର୍କରେ ନିଷ୍ପତ୍ତି ନେଇଥା'ନ୍ତି। ପୂର୍ବରୁ ଏସ୍‌ଏସ୍‌ବି ମଧ୍ୟ ଏପରି ବ୍ୟବସ୍ଥା ଆପଣାଇଥିଲା। ମାତ୍ର ବିଇଡି ପ୍ରବେଶିକାରେ ପ୍ରୋଭିଜନାଲ ଆନ୍‌ସାର କି' ପ୍ରକାଶ କରାଯାଇନାହିଁ। ଏହା ଆଢୁଆଳରେ ଅନେକ ଯୋଗ୍ୟ ପରୀକ୍ଷାର୍ଥୀ ଅଯୋଗ୍ୟ ବିବେଚିତ ହେବାର ଆଶଙ୍କା ରହିଛି ଓ ଅଯୋଗ୍ୟମାନେ ନାମଲେଖାଇବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଏହାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି।

ଏହାପରେ ସୋମବାର ଏହି ପରୀକ୍ଷାର୍ଥୀମାନଙ୍କ ସ୍କୋର୍ ପୁନଃ ଯାଞ୍ଚ କରିବାକୁ ଏସ୍‌ଏସ୍‌ବିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ସାମସ୍ ଫାର୍ମ ଦ୍ୱାରା କରାଯାଇଥିବା କୋଡିଂରେ ୮ଜଣ ପରୀକ୍ଷାର୍ଥୀଙ୍କ ତଥ୍ୟ ଭୁଲ୍ ଥିବା ଏବଂ ସେମାନେ ଅଧିକ ନମ୍ବର ପାଇବାକୁ ଯୋଗ୍ୟ ବୋଲି ଏସ୍‌ଏସ୍‌ବି ଅବଗତ କରିଛି। ଜଣେ ପରୀକ୍ଷାର୍ଥୀ ୩୫.୭୫ ନମ୍ବର ପାଇଥିବା ବେଳେ ଯାଞ୍ଚ ପରେ ତାଙ୍କ ନମ୍ବର ପ୍ରାୟ ଦୁଇଗୁଣା ଅର୍ଥାତ୍ ୬୭କୁ ବୃଦ୍ଧି ପାଇଛି। ସେହିପରି ପ୍ରାୟ ୪ଜଣ ପରୀକ୍ଷାର୍ଥୀଙ୍କ ମାର୍କ ୨ରୁ ୬ମାର୍କ ପର୍ଯ୍ୟନ୍ତ ବଢ଼ିଛି।

ଅପରପକ୍ଷେ, ସାମସ୍-ଫାର୍ମର ଜଣେ କର୍ମଚାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଭାଗୀୟ ସଚିବ ଆସନ୍ତାକାଲିଠାରୁ ଜୁଲାଇ ୧୩ ପର୍ଯ୍ୟନ୍ତ ଛୁଟିରେ ରହିବେ। ପରେ ମେଧା ତାଲିକା ପ୍ରକାଶ ପାଇବ। ଫଳରେ ସମଗ୍ର ନାମଲେଖା ପ୍ରକ୍ରିୟା ବିଳମ୍ବିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅଭିଯୋଗ ସମ୍ପର୍କରେ ଏସ୍‌ଏସ୍‌ବି ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି ଯେ ପରୀକ୍ଷାର୍ଥୀମାନେ ପ୍ରୋଭିଜିନାଲ୍ ଆନ୍‌ସାର୍ କି' ପ୍ରକାଶ କରିବାକୁ ଦାବି କରୁଛନ୍ତି। ଯାହାକୁ ବିଚାର କରି ପିଲାଙ୍କୁ ରିଭାଇସ୍ ମାର୍କ ପ୍ରଦାନ କରାଯିବ। ମାତ୍ର କୋଡିଂରେ ଭୁଲ୍ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ କହିଛନ୍ତି, ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅନ୍ୟଥା ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ।


DADLS-36

ସତ୍ୟମେବ ଜୟତେ




ପବିତ୍ର ରଥଯାତ୍ରା ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା



ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା–୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍‌ପାଟି)





ପବିତ୍ର ରଥଯାତ୍ରା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0819/2526

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-16 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦




## ମହାପ୍ରଭୁଙ୍କ ନବଯୌବନ ଦର୍ଶନ କଲେ ଭକ୍ତ

■ **ପୁରୀ, ୨୬।୬ (ସମିସ):** ପନ୍ଦର ଦିନ ଅଣସରରେ ରହିବା ପରେ ଗୁରୁବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ।

**ଅନୁକୂଳ ପାଗ; ସଅଳ ହେଲା ନୀତିକାନ୍ତି**

**ଶୀଘ୍ର ସରିଲା ପରମାଣିକ ଦର୍ଶନ**

ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ନୀତିକାନ୍ତି ସଅଳ ସାଙ୍ଗକୁ ଅନୁକୂଳ ପାଗ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଶୁକ୍ରବାର ରଥରେ ବସି ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ। ଭୋର୍ ୫ଟା ୩୦ରେ ଦାରୁବିଗ୍ରହଙ୍କ ବନକଲାଗି ଶେଷ ହୋଇଥିଲା। ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ଭୋର୍ ୫ଟା ▶ପୃଷ୍ଠା-୯

**ଆଜି ଶ୍ରୀଗୁଣ୍ଡିଚା ଯାତ୍ରା**

# ସିଂହଦ୍ୱାରରେ ତିନି ରଥ, ମହାବାହୁଙ୍କ ଅପେକ୍ଷା

## ସକାଳ ସାଢ଼େ ୯ରେ ପହଣ୍ଡି

## ଅପରାହ୍ଣ ୪ଟାରେ ରଥଟଣା

## ସହରକୁ ଜଗିବେ ୨୦୫ ପ୍ଲାଟୁନ୍ ଫୋର୍ସ

## ପୁରୀ ଉପରେ ନଜର ରଖିଛି ୨୭୫ ଏଆଇ କ୍ୟାମେରା



ଫଟୋ- ଅନୀଲ

■ **ପୁରୀ, ୨୬।୬ (ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁଲର୍ଭ ଦର୍ଶନ। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ।

ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। କୋଳାହଳରେ ଫାଟିପଡ଼ୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପକ୍ଷୋ କରିରହିଛନ୍ତି ତିନି ରଥ। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।

ଗୁରୁବାର ସକାଳ ୬ଟା ୨୦ରେ ମଙ୍ଗଳ ଆଳତି, ୭ଟାରେ ଅବକାଶ ପୂଜା ସରି ୭ଟା ୫ରେ ପଟିଦିଅଁ ବାହୁଡ଼ା ବିଜେ କରିଥିଲେ। ୭ଟା ୨୫ରେ ତାଟିଫିଟିବା ପରେ ନିର୍ଦ୍ଧାରିତ ସମୟର ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୭ଟା ୪୦ରେ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ଯେହେତୁ କମ୍ ସଂଖ୍ୟକ ଭକ୍ତ ପରିମାଣିକ ଦର୍ଶନ ଟିକଟ୍ କରିଥିଲେ, ତେଣୁ ୨୦ ମିନିଟ୍ ଅର୍ଥାତ୍ ସକାଳ ୮ଟାରେ ପରିମାଣିକ ଦର୍ଶନ ସରିଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟା ୩୫ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଦର୍ଶନ ବନ୍ଦ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୪ଟା ୫ରେ ସକାଳ ଧୂପ ଶେଷ ହେବା ପରେ ୪ଟା ୪୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ▶ପୃଷ୍ଠା-୯

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

**ଫୋନ୍‌ରେ କଥା ହୋଇ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିଲେ**



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇର କୋକିଳାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି

**ନବୀନଙ୍କ ଯତ୍ନ ନେବାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ନବୀନଙ୍କ ସହ ଦୀର୍ଘ ସମୟ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଖୁବ୍ ଶୀଘ୍ର ନବୀନ ଆରୋଗ୍ୟଲାଭ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହା ସହ ଚିକିତ୍ସା କରୁଥିବା ବିଶେଷଜ୍ଞ ଡ଼ାକ୍ତରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଅସ୍ତ୍ରୋପଚାର ସମ୍ପର୍କରେ ପଚାରି ବୁଝିଛନ୍ତି ଓ ତାଙ୍କର ▶ପୃଷ୍ଠା-୯

## ନବୀନଙ୍କ ସହ କଥା ହେଲେ ଖଡ୍‌ଗେ ଓ ଧର୍ମେନ୍ଦ୍ର



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ନବୀନଙ୍କ ଦ୍ରୁତ ଓ ସମ୍ପୂର୍ଣ୍ଣ ଆରୋଗ୍ୟ ନିମନ୍ତେ ଦେଶର ବହୁ ନେତା କାମନା କରିଛନ୍ତି। ଏହି କ୍ରମରେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନବୀନଙ୍କ ସଫଳ ଅସ୍ତ୍ରୋପଚାର ନିମନ୍ତେ ଶ୍ରୀ ଖଡ୍‌ଗେ ଫୋନ୍ କରି ଶୁଭକାମନା ▶ପୃଷ୍ଠା-୯







# ରଥଯାତ୍ରାରେ ପ୍ରବଳ ବର୍ଷା

ଭୁବନେଶ୍ୱର,୨୬।୬(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଉପକୂଳ ଓଡିଶା ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏହି ଲଘୁଚାପ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଲଘୁଚାପ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ବଲାଙ୍ଗିରର ପାଟଣାଗଡ଼ରେ ସର୍ବାଧିକ ୧୭୧ ମିମି ବର୍ଷା ହୋଇଥିବା ବେଳେ କୋରାପୁଟର କୋଟପାଡ଼ରେ ୧୪୯, ନବରଙ୍ଗପୁର ପାପଡ଼ାହାଣ୍ଡିରେ ୧୨୦ ମିମି, କଟକର ନର୍ସିଂପୁର ୧୧୬, ନୟାଗଡ଼ରେ ୧୧୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ କଟକରେ ୫୭, ଭୁବନେଶ୍ୱର ୫୪, ବାଲେଶ୍ୱର ୪୫, ବୌଦ୍ଧରେ ୯୫ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର, ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଗାଙ୍ଗେଟିକ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଦେଇ ଏହି ଲଘୁଚାପ ଗତି କରିବ। ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ରଥଯାତ୍ରାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଝାରସୁଗୁଡା ଆଦି ୪ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଏହି ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ନେଇ ୟେଲୋ ଆଲର୍ଟ ଜାରି ହୋଇଛି। ଆସନ୍ତା ୩ ଜୁଲାଇ ଯାଏଁ ରାଜ୍ୟରେ ମୌସୁମୀ ସକ୍ରିୟ ରହିବା ସମ୍ଭାବନା ରହିଥିବା ବେଳେ ଏହାର ମାତ୍ରାଧିକ ପ୍ରଭାବ ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଓଡ଼ିଶାରେ ରହିବ। ଏହା ପ୍ରଭାବରେ ଆଗାମୀ ୨୯ରୁ ୨ ଜୁଲାଇ ଭିତରେ ବର୍ଷାର ପରିମାଣରେ ବୃଦ୍ଧି ପାଇବ। ଏହି ସମୟରେ ଅନେକ ସ୍ଥାନରେ (ଭାରି ରୁ ଅତି ଭାରି ବର୍ଷା) ହେବାର ସମ୍ଭାବନା ରହିଛି।



ରଥ ଉପରକୁ ଆଜ୍ଞାମାଳ ବିଜେ।



ଗୁରୁବାର ଅପରାହ୍ନରେ ବଡ଼ଦାଣ୍ଡରେ ତିନିରଥକୁ ଦକ୍ଷିଣ ମୋଡ଼ କରାଯାଉଛି

■ ସେବକଙ୍କ ମଧ୍ୟରେ ବିବାଦ

## ଗୁଣ୍ଡିଚା ମନ୍ଦିରରେ ଚୁଲି ଭାଙ୍ଗିଦେଲେ!

ପୁରୀ,୨୬।୬(ସମିସ): ରଥଯାତ୍ରା ପୂର୍ବରୁ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳୁଛି। ଅଣସରରେ ମହାପ୍ରଭୁଙ୍କ ପାଇଁ ଲାଗି ହେବାକୁ ଆସିଥିବା ଦଶମୂଳ ମୋଦକ ଚୋରି ହୋଇଥିବା ବେଳେ ଶ୍ରୀବିଗ୍ରହମାନଙ୍କୁ ମାରା ମୋଦକ ଲାଗି ହୋଇଛି। ଏହାକୁ ନେଇ ବାଦବିବାଦ ଥମି ନଥିବା ବେଳେ ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଗୁରୁବାର ରାତିରେ ଗୁଣ୍ଡିଚା ମନ୍ଦିରରେ ସୁଆର ସେବକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ଶୁଣିବାକୁ ମିଳିଛି। ଦୁଇଗୋଷ୍ଠୀ ସେବକଙ୍କ ମଧ୍ୟରେ ଉପୁଜିଥିବା ଏହି ବିବାଦ ପରେ ତୀବ୍ରରୂପ ଧାରଣ କରିଥିଲା। ଉଭୟପକ୍ଷ କଥା କଟାକଟି ପରେ ରୋଷଘର ଚୁଲି ଭାଙ୍ଗି ଦେଇଥିଲେ। ତେବେ କେତେ ଚୁଲି ଭାଙ୍ଗିଛି, ସେନେଇ କିଛି ସ୍ପଷ୍ଟ ସୂଚନା ଜଣାପଡ଼ିନାହିଁ।

ଏ ସମ୍ପର୍କରେ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆରଙ୍କୁ ପଚାରିବାରୁ ସେ କହିଛନ୍ତି, 'ଏମିତି କିଛି ଘଟିଥିବା ମୋ ପାଖରେ ଖବର ନାହିଁ। ମୁଁ ଶ୍ରୀମନ୍ଦିର ନିଯୋଗ କାର୍ଯ୍ୟାଳୟରେ ଆସନ୍ତାକାଲି ପାଇଁ ବ୍ୟସ୍ତ ଅଛି। ତେବେ ରଥଯାତ୍ରା ସମୟରେ ଏଭଳି ଖବର କରନ୍ତୁ ନାହିଁ' ବୋଲି କହି ପରୋକ୍ଷରେ ବିବାଦ ଘଟିଥିବା ଇସାରା ଦେଇଛନ୍ତି।

## ଯୁବମୋର୍ଚ୍ଚା ସଦସ୍ୟଙ୍କ ପାଇଁ ସ୍କାଉଟ୍ସ ପିଲାଙ୍କୁ କାଢ଼ିଦେଲେ

ପୁରୀ, ୨୬।୬(ସମିସ): ରଥଯାତ୍ରାରେ ଭକ୍ତଙ୍କୁ ସେବା ଯୋଗାଇଦେବାକୁ ଆସିଥିବା ସ୍କାଉଟ୍ସ ପିଲାମାନଙ୍କୁ ଦିଆଯାଇଛି ମାନସିକ ଯନ୍ତ୍ରଣା। ରାଜନେତାଙ୍କ ଚାପରେ ଖୋଦ୍ ସରକାରୀ ବାବୁ ଦେଇଛନ୍ତି ଏଭଳି ଯନ୍ତ୍ରଣା। ବିଦ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କୁ ରଖିବା ଲାଗି ସ୍କାଉଟ୍ସ ପିଲାଙ୍କୁ ଅଧାରୁ ସ୍ଥାନାନ୍ତର ହେବାକୁ ପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରଥମେ ବିଶ୍ୱମ୍ଭର ବିଦ୍ୟାପୀଠରେ ସ୍କାଉଟ୍ସ ପିଲା ରହିଥିଲେ। ହେଲେ ଅଚାନକ ସେମାନଙ୍କୁ ଅନ୍ୟତ୍ର ରଖାଯିବାର ବ୍ୟବସ୍ଥା କରାଯାଇ ବିଦ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ସଦସ୍ୟଙ୍କୁ ରଖିଛନ୍ତି ସରକାରୀ ବାବୁ। ସ୍କାଉଟ୍ସ ପିଲାମାନେ ନିଜ ଜିନିଷପତ୍ର ଗାଡ଼ିରେ ଲଦୁଥିବାର ଭିଡିଓ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ରଥଯାତ୍ରାରେ ଭକ୍ତମାନଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଆସୁଛି। ଏବର୍ଷ ମଧ୍ୟ ସଂଗଠନ ପକ୍ଷରୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ପୁରୀରେ ସେବା ଶିବିର ଆୟୋଜନ ହୋଇଥିଲା। ତେଣୁ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ଦେଶର ୭ଟି ରାଜ୍ୟରୁ ପ୍ରାୟ ୫୦୦ ରୋଭର୍ ରେଞ୍ଜର ଶିବିରରେ ଅଂଶଗ୍ରହଣ କରିଥିଲେ। ସଂସ୍ଥା ପକ୍ଷରୁ ପ୍ରଶାସନକୁ ୨ ମାସ ପୂର୍ବରୁ ଜଣାଯାଇଥିବା ବେଳେ ପ୍ରଶାସନ ମଧ୍ୟ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ କ୍ୟାମ୍ପ୍ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଫଳରେ ସଂଗଠନର କ୍ୟାଡେଟ୍‌ମାନେ ଗତ ୨୪ ତାରିଖରୁ ଆସି ଏଠାରେ ଅବସ୍ଥାନ କରିବା ସହ କ୍ୟାମ୍ପ୍‌ରେ ଯୋଗ ଦେଇଥିଲେ। ହେଲେ ବୁଧବାର ବିଜେପି ଯୁବମୋର୍ଚ୍ଚାର ସଦସ୍ୟମାନେ ସ୍କୁଲରେ ତାଙ୍କର କ୍ୟାମ୍ପ୍ କରିବା ନେଇ ସୂଚନା ଦେଇଥିଲେ। ପରେ ସ୍କାଉଟ୍ସ ଗାଇଡ୍ସ ସଂସ୍ଥାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା।

ଶୁଣିବାକୁ ମିଳୁଛି ଅଧିକାରୀଙ୍କ ଉପରେ ଏଭଳି ଚାପ ପଡ଼ିଥିଲା ଯେ, ସେମାନେ ସ୍କାଉଟ୍ସ ଗାଇଡ୍ସର କ୍ୟାଡେଟ୍‌ମାନଙ୍କୁ ଡିଓ କାର୍ଯ୍ୟାଳୟର ନୂତନ ଅଫିସକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଦୁଃଖର ବିଷୟ ସେଠାରେ ମୌଳିକ ସୁବିଧା ନାହିଁ, ଫଳରେ ପିଲାମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେବେ ଏକ ରାଜନୈତିକ ଦଳର କର୍ମୀମାନଙ୍କୁ ସ୍କୁଲରେ ରହିବା ପାଇଁ ପ୍ରଶାସନ ଅନୁମତି ପ୍ରଦାନ କଲା କେମିତି ବୋଲି ପ୍ରଶ୍ନ କରିଛନ୍ତି ସ୍ୱେଚ୍ଛାସେବୀ ସ୍ୱାଧୀନ ପଣ୍ଡା ଏବଂ ସଞ୍ଜୀବ ମହାନ୍ତି। ସ୍କାଉଟ୍ସଗାଇଡ୍ସ ପିଲାଙ୍କୁ ସ୍କୁଲରୁ ସ୍ଥାନାନ୍ତର କରି ରାଜନୈତିକ ଦଳର କର୍ମୀମାନଙ୍କୁ ସ୍କୁଲରେ ରହିବା ପାଇଁ ଅନୁମତିକୁ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ନାପସନ୍ଦ କରାଯିବା ସହ ଏ ଘଟଣାକୁ ନେଇ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ସହ ଅଲୋଚନା କରାଯିବ ବୋଲି ସୂଚନା ଦେଇଛନ୍ତି। ଆପ୍ ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ପୂର୍ବ ସରକାର ପିଲାଙ୍କ ପାଠପଢ଼ା ପାଇଁ ସ୍ମାର୍ଟ କ୍ଲାସ୍‌ରୁମ୍ କରିଥିଲେ। ବର୍ତ୍ତମାନ ସେହି ରୁମ୍‌ର ଆସବାବପତ୍ର ବାହାରକୁ କଢ଼ାଯାଇଛି। ଏ ସବୁ ନଷ୍ଟ ହେଲେ କିଏ ଦାୟୀ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିପାଇଁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ଉତ୍ତର ଦାବି କରିଛନ୍ତି।

**ରଥଯାତ୍ରା ବ୍ୟବସ୍ଥାବଳୀ**

## ଠାକୁରଙ୍କ ଆଗରେ ଠିଆ ହେବା ମନା

ପୁରୀ,୨୬।୬(ସମିସ): ଶୁକ୍ରବାର ରଥଯାତ୍ରା। ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ତେଣୁ ଭକ୍ତମାନେ ଯେପରି ଠାକୁରଙ୍କୁ ଭଲ ଭାବେ ଦର୍ଶନ କରିପାରିବେ ଏବଂ ରଥଯାତ୍ରା ଶୃଙ୍ଖଳିତ ହେବ ସେଥିପାଇଁ ପ୍ରତିବର୍ଷ ଭଳି ଏଥର ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତ କରିଛି ବ୍ୟବସ୍ଥାବଳୀ। ରଥଯାତ୍ରା ବ୍ୟବସ୍ଥାବଳୀ ଅନୁଯାୟୀ, କୌଣସି ଦର୍ଶନାର୍ଥୀ କିମ୍ବା ଅନଧିକୃତ ବ୍ୟକ୍ତି ଶ୍ରୀମନ୍ଦିର ଜଗମୋହନ କିମ୍ବା ନାଟମଣ୍ଡପ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ଅନଧିକୃତ ବ୍ୟକ୍ତିମାନେ ରଥ ଆରୋହଣ କରିବା ବା ଶ୍ରୀବିଗ୍ରହଙ୍କୁ ସ୍ପର୍ଶ କରିବା ସମ୍ପୂର୍ଣ୍ଣ ନିଷେଧ। ଉଲ୍ଲଂଘନ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଅନଧିକୃତ ବ୍ୟକ୍ତି ରଥ ଚଢ଼ିଲେ କାର୍ଯ୍ୟାନୁଷ୍ଠାନ**

ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ସ୍ପଷ୍ଟ ଦର୍ଶନ ନିମନ୍ତେ ଠାକୁରଙ୍କ ସେବାପୂଜା ନଥିବା ସମୟରେ କୌଣସି ସେବକ ମହାପ୍ରଭୁଙ୍କ ଉଭୟ ଭୁଜ ମଧ୍ୟରେ ବା ସମ୍ମୁଖରେ ଛିଡ଼ା ହେବେ ନାହିଁ। ଶ୍ରୀବିଗ୍ରହମାନଙ୍କ ଭୁଜ ଉପରେ ଭରା ଦେଇ କୌଣସି ସମୟରେ ଛିଡ଼ା ହୋଇ ରହିବା କିମ୍ବା ଠାକୁରଙ୍କୁ ପିଠି କରି ବସିବା ସଂପୂର୍ଣ୍ଣ ନିଷେଧ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଟାହିଆର ସୁରକ୍ଷା କରିବେ। ପ୍ରତିହାରୀ ସେବକ ଓ ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଦାରୁବିଗ୍ରହମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡ଼ିକ ସମ୍ମାନର ସହିତ ଖୋଲାଯିବ। ଟାହିଆ ଭାଙ୍ଗିଥିବା ବ୍ୟକ୍ତି ବା ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ୍ ଫୋନ୍ ନେବା ସମ୍ପୂର୍ଣ୍ଣ ନିଷିଦ୍ଧ। ପହଣ୍ଡି ସମୟରେ କୌଣସି ବ୍ୟକ୍ତି ଶ୍ରୀମନ୍ଦିର ପରିସରରେ ନୃତ୍ୟ କରିପାରିବେ ନାହିଁ। ରଥାରୂଢ଼ ଠାକୁରଙ୍କୁ ବଡ଼ଦାଣ୍ଡରେ ଅଗଣିତ ଭକ୍ତ ଯେପରି ଭଲଭାବେ ଦର୍ଶନ କରିବେ ସେଥିପ୍ରତି ସେବକମାନେ ଯତ୍ନବାନ ହେବେ। ଶ୍ରୀମନ୍ଦିର ଓ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ପହଣ୍ଡି ସମୟରେ କୌଣସି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇପାରିବ ନାହିଁ। ଶ୍ରୀଜୀଉମାନେ ରଥାରୂଢ଼ ହେବା ପରେ ରଥ ଉପରକୁ ଯେପରି କୌଣସି ଦର୍ଶନାର୍ଥୀ କିମ୍ବା ଅନଧିକୃତ ବ୍ୟକ୍ତି ନ ଉଠନ୍ତି ସେଥିପ୍ରତି କଡ଼ା ଦୃଷ୍ଟି ଦିଆଯିବ। ଶ୍ରୀଜୀଉଙ୍କ ସମ୍ମୁଖ ଭାଗରେ କୌଣସି ସେବକ ରହିବେ ନାହିଁ କି ରଥର ଉଭୟପାର୍ଶ୍ୱ ବାଡ଼ରେ ଠିଆ ହେବେ ନାହିଁ କିମ୍ବା ଫୁଲ ଇତ୍ୟାଦି ତଳକୁ ପକାଇବେ ନାହିଁ। ଗଜପତି ମହାରାଜାଙ୍କ ରଥ ଉପରେ ରାଜନୀତି ସମୟରେ ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ ଠିଆ ହୋଇ ଦର୍ଶନ ଅବରୋଧ କରିବେ ନାହିଁ।

### ତିନିରଥରେ ରହିବେ ୧୮୦ ସେବକ ଓ କର୍ମଚାରୀ

ପୁରୀ,୨୬।୬(ସମିସ): ରଥ ଉପରେ କେତେଜଣ ସେବାୟତ ଏବଂ କର୍ମଚାରୀ ରହିବେ, ତାହା ପ୍ରତିବର୍ଷ ସ୍ଥିର କରାଯାଏ। ବ୍ୟବସ୍ଥାବଳୀରେ ଏନେଇ ସ୍ପଷ୍ଟ ଭାବେ ଉଲ୍ଲେଖ ହୁଏ। ରଥ ବୈଠକରେ ସମସ୍ତେ ବ୍ୟବସ୍ଥାବଳୀକୁ ଅନୁପାଳନ କରିବେ ବୋଲି ମନ୍ଦିର ପ୍ରଶାସନ ସହିତ ସହମତି ପ୍ରକାଶ କରନ୍ତି। ହେଲେ ଠିକଣା ବେଳକୁ ତାହା ଫେଲ୍ ମାରିଥାଏ। ରଥ ଉପରେ ନିର୍ଦ୍ଧାରିତ ସେବକଙ୍କଠାରୁ ଅଧିକ ସେବାୟତ ଚଢ଼ିଥା'ନ୍ତି। ହେଲେ ଚଳିତବର୍ଷ କେବଳ ରଥ ଉପରେ ଅଧିକୃତ ସେବାୟତ ହିଁ ରହିବେ। ଏହାକୁ ଯେପରି କଡ଼ାକଡ଼ି କରାଯିବ, ସେନେଇ ବୈଠକରେ ସ୍ଥିର କରାଯାଇଛି। ଏଥର ତିନିରଥରେ ମୋଟ୍ ୧୮୦ଜଣ ସେବକ ଓ କର୍ମଚାରୀ ରହିବେ ବୋଲି ବ୍ୟବସ୍ଥାବଳୀରେ ସ୍ପଷ୍ଟ କରାଯାଇଛି। ଛେରାପହଁରା ପରେ କେବଳ ରଥ ସମ୍ପୃକ୍ତ ସେବକ ଓ କର୍ତ୍ତବ୍ୟରତ କର୍ମଚାରୀ ମିଶି ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୬୦ ଜଣ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ୫୦ଜଣ ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ୭୦ଜଣଙ୍କ ମଧ୍ୟରେ ସୀମିତ ରହିବେ ବୋଲି ଚୂଡ଼ାନ୍ତ ହୋଇଛି।

## ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

**ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ମମତାଙ୍କୁ ଟାର୍ଗେଟ୍**

ପୁରୀ, ୨୬।୬ (ସମିସ): କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଜଗତ୍‌ଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ନୀତିଗତ ନିଷ୍ପତ୍ତି ତଥା ଧାର୍ମିକ ବ୍ୟବସ୍ଥାରେ ନିଷ୍ପତ୍ତି ନେବାରେ ସେ ଅସଫଳ। କେବଳ ନିଜର ଆତ୍ମପ୍ରଚାର ଲାଗି ସେ କାମ କରୁଛନ୍ତି। କେବଳ ନିର୍ବାଚନ ପୂର୍ବରୁ ଭୟରେ ସେମାନେ ମୋତେ ଭେଟି ଆଶୀର୍ବାଦ ନେଇଥା'ନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ସେମାନେ ତାହା କାର୍ଯ୍ୟକାରୀ କରୁନାହାନ୍ତି। ଶ୍ରୀମନ୍ଦିର ଧାର୍ମିକ ବ୍ୟବସ୍ଥାରେ ଶଙ୍କରାଚାର୍ଯ୍ୟ ହେଉଛନ୍ତି ଧାର୍ମିକ ମୁଖ୍ୟ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ହେଲେ ଏହାକୁ କେହି ଅନୁପାଳନ କରୁନାହାନ୍ତି। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ତାଙ୍କ ପରାମର୍ଶ ନେଉନାହାନ୍ତି। ସେ ଉପରେ ପଡ଼ି କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ବୋଲି କହିଛନ୍ତି ଜଗତ୍‌ଗୁରୁ।

ସେହିପରି ଇସ୍କନର ଅଦିନିଆ ରଥଯାତ୍ରା ନେଇ ମଧ୍ୟ ବର୍ଷିଛନ୍ତି ଶଙ୍କରାଚାର୍ଯ୍ୟ। ଇସ୍କନର ଅଦିନିଆ ରଥଯାତ୍ରା ମନମାନି ପଛରେ କେଉଁମାନେ ଅଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଇସ୍କନ ପକ୍ଷରୁ ଭାରତ ଓ ଭାରତ ବାହାରେ ହୋଇଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଗଜପତି ମହାରାଜା ନିଜେ ଯୋଗ ଦେଇଛନ୍ତି। କିନ୍ତୁ ଇସ୍କନ୍ ତାଙ୍କ କଥା ଶୁଣୁନଥିବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଦୀଘାରେ ଜଗନ୍ନାଥ ଧାମ ନାମକରଣ ହେବା ଉପରେ ପ୍ରତିକ୍ରିୟା ରଖି ଶଙ୍କରାଚାର୍ଯ୍ୟ କହିଛନ୍ତି ଏହା ବିଧର୍ମୀ କାର୍ଯ୍ୟ। ଏହି ମନ୍ଦିରର ନିର୍ମାଣ ଧର୍ମୀୟ ଭାବନା ପାଇଁ ନୁହେଁ, ଆୟ ପାଇଁ କରାଯାଇଛି। ବହୁ ସଂଖ୍ୟାରେ ଭକ୍ତ ପଶ୍ଚିମବଙ୍ଗରୁ ପୁରୀକୁ ଆସିଥା'ନ୍ତି। ଏହାକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜାଣିଶୁଣି ଦୀଘାରେ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି। କେନ୍ଦ୍ର ସରକାର ଏହି ଘଟଣାରେ ହସ୍ତକ୍ଷେପ କରିବା ଉଚିତ ବୋଲି କହିଛନ୍ତି ଶଙ୍କରାଚାର୍ଯ୍ୟ। ଶୁକ୍ରବାର ନିଜ ଶିଷ୍ୟ ଓ ଅନୁଗାମୀଙ୍କ ସହ ରଥଯାତ୍ରାରେ ସାମିଲ ହେବେ ବୋଲି ସ୍ପଷ୍ଟ କରିଛନ୍ତି ଜଗତ୍‌ଗୁରୁ।

**୧୨ବର୍ଷ ପରେ ବହୁ ଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ରାୟ ପ୍ରକାଶ**

## ଧଳସାମନ୍ତ ଭ୍ରାତାଙ୍କ ସମେତ ୮ ଦୋଷମୁକ୍ତ

କଟକ, ୨୬।୬(ସମିସ): କଟକର ବହୁଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟା ମାମଲାର ଦୀର୍ଘ ୧୨ ବର୍ଷ ପରେ ଅଦାଲତଙ୍କ ରାୟ ଆସିଛି। ଗତ ଜୁନ ୧୮ ତାରିଖରେ ଏହି ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ ଜିଲ୍ଲା ଓ ଦୌରାଜଜ୍। ଆଜି ମାମଲାର ରାୟ ପ୍ରକାଶ କରି ଧଳସାମନ୍ତ ଭ୍ରାତା ଓ ଅନ୍ୟ ୬ଜଣଙ୍କୁ ସାକ୍ଷୀ ପ୍ରମାଣ ଅଭାବରୁ ଜିଲ୍ଲା ଦୌରାଅଦାଲତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର ଭ୍ରାତା ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ହତ୍ୟା ମାମଲା(ଆଇପିସି ଦଫା ୩୦୨ରୁ ଦୋଷମୁକ୍ତ କରାଯାଇଥିଲେ ହେଁ ଘରେ ଅସ୍ତ୍ରଶସ୍ତ୍ର ରଖିଥିବା ମାମଲା(ଆଇପିସି ୨୫-ଏ)ରେ ୭ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଧଳସାମନ୍ତ ଭ୍ରାତା ଜେଲରେ ଦୀର୍ଘ ୯ବର୍ଷରୁ ଅଧିକ ସମୟ ହେଲାଣି ରହିଥିବା ବେଳେ ସେମାନଙ୍କ ବିରୋଧରେ ଆଉ ଦୁଇ ତିନୋଟି ମାମଲା ବିଚାରାଧୀନ ରହିଛି। ଏଣୁ ଏବେ ସେମାନେ ଜେଲରୁ ମୁକୁଳିପାରିବେ ନାହିଁ ବୋଲି ଜଣାପଡ଼ିଛି। ଧଳସାମନ୍ତ ଭ୍ରାତାଙ୍କ ସମେତ ଆରିଫ ଖାଁ, ଦେବାଶିଷ ସାହୁ, ଦେବାଶିଷ କର, ଭରତ ବେହେରା, ଶୁଭେନ୍ଦୁ ଦାସ ଓ ଦେବଦତ୍ତ ଦାସ ମୋଟ ୮ ଜଣ ଏହି ହତ୍ୟାକାଣ୍ଡ ମାମଲାରୁ ଦୋଷମୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ମାମଲା ବିଚାରାଧୀନ ଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଥିବା ଭଜନା ଓ ଭୋଲାଭଗତର ମୃତ୍ୟୁ ହୋଇଯାଇଥିଲା। ସୂଚନାଯୋଗ୍ୟ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ଏକଦା ପ୍ରମୁଖ ସହଯୋଗୀ ଥିବା ଚାଉଳିଆଗଞ୍ଜ ଥଟାରି ସାହିର ଦୀପୁ ଓରଫ ମନୋଜ ମଲ୍ଲିକ ଓ ଓମ ଓରଫ ଓମପ୍ରକାଶ ସ୍ୱାଇଁଙ୍କୁ ୨୦୧୩ ମସିହାରେ ଅପହରଣ କରି ଆଠଗଡ ଖୁଣ୍ଟକଟା ଫାର୍ମ ହାଉସକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ପିଟିପିଟି ହତ୍ୟା କରାଯିବା ପରେ ଝାଡଖଣ୍ଡରେ ପୋଡି ଦିଆଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ଦୀପୁ ଓ ଓମଙ୍କ ନିଖୋଜ ନେଇ ୨୦୧୬ ମସିହାରେ ଦୀପୁର ବାପା ଅଦ୍ୱୈତ ମଲ୍ଲିକ ଓ ଓମର ପତ୍ନୀ ମାନି ସ୍ୱାଇଁଙ୍କ ଏତଲା ଆଧାରରେ ଚାଉଳିଆଗଞ୍ଜ ପୁଲିସ ମାମଲା ରୁଜୁ କରିଥିଲା। ୨୦୧୬ ଜାନୁଆରୀ ୨୯ ତାରିଖରେ କଟକ କମିସନରେଟ ପୁଲିସ ଭୁବନେଶ୍ୱରରୁ ସୁଶାନ୍ତ ଓ ସୁଶୀଲକୁ ଗିରଫ କରିଥିଲା। ପରେ ଧଳସାମନ୍ତ ଭ୍ରାତାଙ୍କ ନାମରେ ଚାଉଳିଆଗଞ୍ଜ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବା ପରେ ଜିଲ୍ଲା ଓ ଦୌରା ଅଦାଲତ ମଧ୍ୟ ଚାର୍ଜଫ୍ରେମ କରି ଶୁଣାଣି କରିଥିଲେ। ଏହି ମାମଲାରେ ଦୀପୁର ମା ଓ ବାପା, ଓମ୍‌ର ପିତା, ଖୁଣ୍ଟକଟା ଫାର୍ମହାଉସର ସୁପରଭାଇଜର ମାନସ ନାୟକ, ଚାଉଳିଆଗଞ୍ଜ ଥାନାର ତତ୍କାଳୀନ ଇନ୍ସପେକ୍ଟର୍ ରଶ୍ମିରଂଜନ ମହାପାତ୍ର,ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଆଇଆଇସି ଅଜୟ ଦାସ, ଦେବେନ୍ଦ୍ର ବିଶ୍ୱାଳ, ଫରେନସିକ ସାଇନ୍ସ ଲାବୋରୋଟୋରୀ(ଏସଏଫଏସଏଲ)ର ସହକାରୀ ନିର୍ଦ୍ଦେଶକ, ଝାଡ଼ଖଣ୍ଡର ଗୁଆ ଫାଣ୍ଡିର ତତ୍କାଳୀନ ଅଧିକାରୀ ବିଜୟ କେରକେଟ୍ଟାଙ୍କ ସମେତ ମୋଟ ୨୫ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମାମଲା ଶୁଣାଣିର ବିଭିନ୍ନ ତାରିଖରେ ଧଳଭ୍ରାତାଙ୍କୁ ବାଲେଶ୍ୱର ଓ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷାବଳୟରେ ଅଣାଯାଇ ହାଜର କରାଯାଉଥିଲା। ଧଳଭ୍ରାତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ପ୍ରସନ୍ନ ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ**

## ମାଟି ଖୋଳି ଶବ ବାହାର କଲା ପୁଲିସ୍

ବଲାଙ୍ଗିର, ୨୬।୬(ସମିସ): ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ହେବା, ଘଟଣାକୁ ଚାପିଦେବା ପାଇଁ ଟଙ୍କା ଦେଇ ପରିବାରଲୋକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା ଏବଂ ପରେ ପୁଲିସ୍ ମାଟି ଖୋଳି ମହିଳାଙ୍କ ଶବ ବାହାର କରିବା ଭଳି ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଟାଉନ୍ ଥାନା ପୁଲିସ୍ ସଂପୃକ୍ତ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କ ନାମରେ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ମୃତ ମହିଳାଜଣଙ୍କ ହେଲେ, ସୋନପୁର ଜିଲ୍ଲା ତରଭା ଥାନା ରାଣୀସର୍ଡା ଗାଁର ଅକ୍ଷୟ କୁମାର ନାଗଙ୍କ ସ୍ତ୍ରୀ ସୌଦାମିନୀ ନାଗ। ସୌଦାମିନୀ ଷ୍ଟୋନ୍ (ପଥରୀ) ରୋଗରେ ଆକ୍ରାନ୍ତ ଥିଲେ। ଚିକିତ୍ସା ପାଇଁ ଅକ୍ଷୟ ତାଙ୍କୁ ମଙ୍ଗଳ ହେଲ୍‌ଥକେୟାରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସୁବ୍ରତ କୁମାର ପ୍ରଧାନ ତାଙ୍କର ସମସ୍ତ ପରୀକ୍ଷା ରିପୋର୍ଟ ଦେଖିବା ପରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଗତ ୨୩ ତାରିଖରେ ସୌଦାମିନୀଙ୍କ ସେହି ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଅସ୍ତ୍ରୋପଚାର ବେଳେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଡାକ୍ତର

■ ଡାକ୍ତରଙ୍କ ନାମରେ ଟାଉନ ଥାନାରେ ମାମଲା
■ ମଙ୍ଗଳ ହେଲ୍‌ଥ କେୟାର ନାମରେ ସଙ୍ଗୀନ ଅଭିଯୋଗ

ତାଙ୍କ ସ୍ୱାମୀ ଅକ୍ଷୟଙ୍କୁ ୫ହଜାର ଟଙ୍କା ଦେଇ ବରଗଡ଼ର ବିକାଶ ଡାକ୍ତରଖାନାକୁ ନେବା ପାଇଁ ବାଧ୍ୟ କରିଥିଲେ। ଏପରିକି, ଡାକ୍ତର ନିଜେ ଆଉ ଏକ ଘରୋଇ ଡାକ୍ତରଖାନା ଆମ୍ବୁଲାନ୍ସ ମଧ୍ୟ ଡକାଇ ତାଙ୍କୁ ରାତିଅଧରେ ତରବରିଆ ଭାବେ ପଠାଇ ଦେଇଥିଲେ। କିନ୍ତୁ ବିକାଶ ଡାକ୍ତରଖାନାରେ ସୌଦାମିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅକ୍ଷୟ ଗତ ୨୪ ତାରିଖରେ ସୌଦାମିନୀଙ୍କ ଶବକୁ ଘରକୁ ଆଣି ପୋତି ଦେଇଥିଲେ। ପରେ ୨୫ତାରିଖରେ ସେ ବଲାଙ୍ଗିର ଟାଉନ୍ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ସଂପୃକ୍ତ ଡାକ୍ତର ସୁବ୍ରତ କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଆଜି ପୁଲିସ୍ ମାଟି ଖୋଳି ମହିଳାଙ୍କ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଡାକ୍ତରଖାନା ମାଲିକ ବିଶ୍ୱନାଥ ଝାଙ୍କ କହିବା ଅନୁସାରେ, ମହିଳାଙ୍କ ଅପରେସନ କରାଯାଇଥିଲା। ଅପରେସନ୍ ସମୟରେ ହିଁ ତାଙ୍କର କିଛି ସମସ୍ୟା ହୋଇଥିଲା। ଆମ ଡାକ୍ତରଖାନାରେ ତାହା ଠିକ୍ ହୋଇପାରିବ ନାହିଁ। ସେଥିପାଇଁ ତାଙ୍କୁ ବରଗଡ଼ ସ୍ଥାନାନ୍ତର କରାଯାଇଥିଲା।

## ୫୧ ଏସ୍‌ଆଇଙ୍କୁ ପଦୋନ୍ନତି


କଟକ, ୨୬।୬ (ସମିସ): ରାଜ୍ୟର ବିଭିନ୍ନ ପୁଲିସ୍ ଏଷ୍ଟାବ୍ଲିସମେଣ୍ଟରେ କାର୍ଯ୍ୟରତ ୬୩ଜଣ ସବ୍-ଇନ୍ସପେକ୍ଟର୍‌ଙ୍କୁ ଇନ୍ସପେକ୍ଟର୍ ଭାବେ ଦୋନ୍ନତି ମିଳିଛି। କେନ୍ଦ୍ରୀୟ ଚୟନ ବୋର୍ଡର ନିଷ୍ପତ୍ତି କ୍ରମେ ସେମାନଙ୍କୁ ବର୍ତ୍ତମାନ କାର୍ଯ୍ୟ କରୁଥିବା ସ୍ଥାନରେ ପଦୋନ୍ନତି ପାଇଁ ଅନୁମତି ପ୍ରଦାନ କରାଯାଇ ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ହାଇକୋର୍ଟରେ ଏଏସ୍‌ଆଇ ପଦୋନ୍ନତି ସମ୍ପର୍କିତ ବିଚାରାଧୀନ ଏକାଧିକ ମାମଲାର ଚୂଡ଼ାନ୍ତ ଫଳ ଉପରେ ଉକ୍ତ ପଦୋନ୍ନତି ନିର୍ଭର କରିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଏକଛତ୍ରବାଦ ଓ ଅହଙ୍କାର କଂଗ୍ରେସର ମାନସିକତା: ଧର୍ମେନ୍ଦ୍ର



ଭୁବନେଶ୍ୱର,୨୬।୬(ସମିସ): ପରିବାର ପ୍ରତି ଇନ୍ଦିରା ଗାନ୍ଧୀଙ୍କ ମୋହ ଏବଂ ପରିବାର ଦ୍ୱାରା ଦେଶକୁ ଚଲାଇବାର ମାନସିକତା ଏମର୍ଜେନ୍ସିର ମୂଳ କାରଣ ଥିଲା। ଆଜି ମଧ୍ୟ କଂଗ୍ରେସ ପାଖରେ ସେହି ସାମନ୍ତବାଦୀ, ଏକଛତ୍ରବାଦୀ ଓ ଅହଙ୍କାର ମାନସିକତା ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଗୁରୁବାର ଭୁବନେଶ୍ୱର ଠାରେ 'କଂଗ୍ରେସ ଦ୍ୱାରା ଗଣତନ୍ତ୍ରକୁ କୁଠାରଘାତ ଇତିହାସର ୫୦ ବର୍ଷର କାହାଣୀ' ଶୀର୍ଷକ ଆଲୋଚନା ଚକ୍ରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୭୫ ମସିହାର 'ଜରୁରୀକାଳୀନ ପରିସ୍ଥିତି' କୁ ଦେଶ କେବେ ଭୁଲିପାରିବ ନାହିଁ। ଏମର୍ଜେନ୍ସି ଲାଗୁ ହେଲା ପରେ ସାଧାରଣ ଭାରତୀୟ ନାଗରିକର ବାକ୍ ସ୍ୱାଧୀନତାକୁ ଦମନ କରାଯିବା ସହ ଚତୁର୍ଥ ସ୍ତମ୍ଭ ସ୍ୱାଧୀନତା ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଥିଲା। ସାଧାରଣ ଭାରତୀୟ ନାଗରିକଙ୍କୁ ବାଧ୍ୟତାମୂଳକ ଭାବରେ ବନ୍ଧ୍ୟାକରଣ କରିବା ସହ ବାକ୍ ସ୍ୱାଧୀନତା ଛଡେଇ ନିଆଯାଇଥିଲା। ସମସ୍ତ ବିରୋଧୀ ନେତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରାଯାଇଥିଲା। ଡ. ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ରାଧାନାଥ ରଥ, ବିଶ୍ୱଭୂଷଣ ହରିଚନ୍ଦନ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦୀ, ଅସହିଷ୍ଣୁ ତଥା ଆକ୍ରୋଶମୂଳକ ପଦକ୍ଷେପର ଶିକାର ହୋଇଥିଲେ। ଜରୁରୀକାଳୀନ ପରିସ୍ଥିତି ଆମ ଇତିହାସର କେବଳ ଏକ ଘଟଣା ନୁହେଁ ବରଂ କଂଗ୍ରେସ ମାନସିକତାର ଜ୍ୱଳନ୍ତ ପ୍ରମାଣ। ଅପରପକ୍ଷେ ଆମର ବିଚାରରେ ରାଷ୍ଟ୍ର ପ୍ରଥମ। ନିଜ ଓ ଦଳର ହିତ ଅପେକ୍ଷା ଦେଶ ହିତକୁ ମହତ୍ୱ ଦେଉ। ଏଥିପାଇଁ ଭାରତୀୟ ଜନସଂଘ ୫୦ ଦଶକରୁ ଆରମ୍ଭ ହୋଇ ଲୋକସେବା ଓ ଲୋକକଲ୍ୟାଣର ଏକ ବଡ ରାଜନୈତିକ ଦଳରେ ଆଜି ପରିଣତ ହୋଇଛି। ଏହି ଅବସରରେ ଶ୍ରୀ ପ୍ରଧାନ ଜରୁରୀକାଳୀନ ପରିସ୍ଥିତିର କଳା ସ୍ମୃତିର ୫୦ ତମ ବର୍ଷ ଉପଲକ୍ଷେ ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଥିଲେ।



## ଡାକ୍ତରଖାନାରୁ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର, ୨୬।୬ (ସମିସ):** ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ମୁମ୍ବାଇରୁ ଏକ ଭଡିଓ ବାର୍ତ୍ତା ଯୋଗେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି ଓ ପରବର୍ତ୍ତୀ ଚିକିତ୍ସା ଜାରି ରହିଛି। ଏହି ସ୍ଥିତିରେ ହସ୍ପିଟାଲ ବେଡ୍‌ରୁ ଏକ ବାର୍ତ୍ତା ଜାରି କରି ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, "ଭାଇ ଓ ଭଉଣୀମାନେ ! ଆପଣମାନଙ୍କୁ ମୋ'ର ନମସ୍କାର। ରଥଯାତ୍ରା ପାଇଁ ଆପଣମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜୟ ଜଗନ୍ନାଥ"।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-16 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦


### ନବୀନଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ ବହୁ ଜାତୀୟ ନେତାଙ୍କ କାମନା

## ସୁସ୍ଥତା କାମନା କଲେ ପାୱାର, ଷ୍ଟାଲିନ୍

■ **ଭୁବନେଶ୍ୱର,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ କାମନା କରିଛନ୍ତି ବହୁ ଜାତୀୟନେତା। କିଛି ନେତା ନବୀନଙ୍କ ସହ ବ୍ୟକ୍ତିଗତ କଥା ହୋଇ ତାଙ୍କର ଦ୍ରୁତ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ନିମନ୍ତେ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ଥ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍, ଏନ୍‌ସିପି ମୁଖ୍ୟ ଶରଦ ପାୱାର୍, ସାଂସଦ ସୁପ୍ରିୟା ସୁଲେ, ପୂର୍ବତନ ସାଂସଦ ତଥା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଂଘଭୀ, ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ସାଂସଦ ଶଶୀ ଥରୁର୍, ଆର୍‌ଜେଡି ସାଂସଦ ମନୋଜ ଝା, ସିପିଆଇଏମ୍ ସାଂସଦ ▶ପୃଷ୍ଠା-୯

# ଇତିହାସ ରଚିଲେ ଶୁଭାଂଶୁ

## ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌ରେ ପାଦ ଥାପିଲେ ପ୍ରଥମ ଭାରତୀୟ




■ **ଫ୍ଲୋରିଡ଼ା, ୨୬।୬ (ଏଜେନ୍ସି):** ଗୁରୁବାର ଭାରତୀୟ ସମୟ ସନ୍ଧ୍ୟା ୬ଟା ୧୦ ମିନିଟ୍। ଏହା ଥିଲା ଭାରତ ପାଇଁ ଐତିହାସିକ ମୁହୂର୍ତ୍ତ। ମହାକାଶ ଯାତ୍ରାରେ ଯାଇଥିବା ଶୁଭାଂଶୁ ଶୁକ୍ଲା ଆନ୍ତର୍ଜାତିକ ମହାକାଶ ଷ୍ଟେସନରେ (ଆଇଏସଏସ) ପ୍ରବେଶ କରିଥିଲେ। ଏହି ଉଲବଧି ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ଏହାସହିତ ସେ ମହାକାଶ ବିଜ୍ଞାନରେ ଭାରତ ପାଇଁ ଇତିହାସ ରଚିଛନ୍ତି।

ସନ୍ଧ୍ୟା ୬ଟା ୧୦।।ରେ ହ୍ୟାଚ୍ ଖୋଲିବା ସହିତ ଡ୍ରାଗନ୍ ମହାକାଶ ଯାନରୁ ବାହାରି ମହାକାଶ ଷ୍ଟେସନରେ ପ୍ରବେଶ କରିଥିଲେ ଶୁଭାଂଶୁ। ତାଙ୍କ ସହିତ ଅନ୍ୟ ତିନି ଜଣ ମହାକାଶ ଯାତ୍ରୀ ମଧ୍ୟ ଆଇଏସ୍‌ଏସ୍ ଭିତରେ ପ୍ରବେଶ କରିଥିଲେ। ପୂର୍ବରୁ ମହାକାଶ ଷ୍ଟେସନରେ ଥିବା ୭ ମହାକାଶ ଯାତ୍ରୀ ଶୁଭାଂଶୁଙ୍କ ଟିମ୍‌କୁ ସ୍ୱାଗତ କରିଥିଲେ।

ଏହି ୪ ଜଣ ମହାକାଶ ଯାତ୍ରୀ ଅକ୍ସିଅମ-୪ ଅଭିଯାନରେ ବୁଧବାର ଫ୍ଲୋରିଡା ସ୍ଥିତି କେନେଡି ସ୍ପେସ୍ ସେଣ୍ଟରରୁ ଆଇଏସ୍‌ଏସ୍ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଆଇଏସଏସ୍‌ରେ ପହଞ୍ଚିବା ପରେ ମହାକାଶଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ଶୁଭାଂଶୁ କହିଥିଲେ ଯେ ମହାକାଶରୁ ପୃଥିବୀର ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି। ଏଭଳି ଦୃଶ୍ୟ କିଛି ନିର୍ଦ୍ଦିଷ୍ଟ ଲୋକ ଉପଭୋଗ କରିଛନ୍ତି। ସେହି ଲୋକମାନଙ୍କ ମଧ୍ୟରେ ସାମିଲ ହେବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ। ଲୋକଙ୍କ ଭଲ ପାଇବା ଏବଂ ଆଶୀର୍ବାଦ ପାଇଁ ଆଇଏସ୍‌ଏସ୍‌ରେ ପହଞ୍ଚି ପାରିଲି। ଏଠାରେ ଛିଡ଼ା ହେବା ବହୁତ ସହଜ ଦେଖାଯାଉଛି, କିନ୍ତୁ ଏହା ଅତ୍ୟନ୍ତ କଠିନ। ମୋ ମୁଣ୍ଡ ଭାରି ଭାରି ଲାଗୁଛି। ଟିକେ ସମସ୍ୟା ହେଉଛି, କିନ୍ତୁ ଏହା ବହୁତ ସାଧାରଣ କଥା। ଧୀରେ ଧୀରେ ଏହା ଅଭ୍ୟାସରେ ପରିଣତ ହୋଇଯିବ। ଏହାପୂର୍ବରୁ ଶୁଭାଂଶୁ ମହାକାଶଯାନରୁ ଲାଇଭ୍ ଆଲୋଚନା ସମୟରେ କହିଥିଲେ ଯେ ମହାକାଶରୁ ନମସ୍କାର। ଏଠାରେ ଶିଶୁଙ୍କ ଭଳି ଶିକ୍ଷା ଲାଭ କରୁଛି। ଜୟ ହିନ୍ଦ, ଜୟ ଭାରତ କହି ସେ ତାଙ୍କର ବାର୍ତ୍ତା ଶେଷ କରିଥିଲେ।

ସୂଚନାଯୋଗ୍ୟ ଯେ ଯାନ୍ତ୍ରିକ ତ୍ରୁଟି ଏବଂ ଅନ୍ୟ କାରଣରୁ ପୂର୍ବରୁ ଡ୍ରାଗନ ଯାନ ଉତ୍‌କ୍ଷେପଣକୁ ୬ ଥର ଘୁଞ୍ଚା ଯାଇଥିଲା। ସେ ଆଏସ୍‌ଏସ୍‌ରେ ୧୪ ଦିନ ରହି ଫେରିଆସିବେ।




### ଦେଢ଼ ବର୍ଷ ପରେ ଦଣ୍ଡାଦେଶ

## କାଶ୍ମୀର ଯୁବକକୁ ୫ବର୍ଷ ଜେଲ୍



■ **ଧର୍ମଶାଳା/ବଡ଼ଚଣା, ୨୬।୬ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ମିଲତନଗରରୁ ଗତ ୨୦୨୩ ମସିହା ଡିସେମ୍ବର ୧୨ତାରିଖରେ ଗିରଫ ହୋଇଥିବା କାଶ୍ମୀର ଯୁବକ ସୟଦ୍ ଅହେସାନ ବୁଖାରୀକୁ ଠକେଇ ମାମଲାରେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ଆଜି ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ମୁତାବକ, କାଶ୍ମୀର ଯୁବକ ବୁଖାରୀ ନିଜକୁ କାଶ୍ମୀର ମେଡିକାଲର ଜଣେ ପ୍ରତିଷ୍ଠିତ ଡାକ୍ତର ପରିଚୟ ଦେଇ ନେଉଳପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍‌ଲାଇନ ସଂପର୍କ ରଖିଥିଲେ। ପରେ ତାଙ୍କ ସହିତ ବିବାହ କରି ନେଉଳପୁର ପଞ୍ଚାୟତର ମିଲତନଗରରେ ଏକ ଭଡ଼ା ଘରେ ପତ୍ନୀ ସହିତ ରହିଆସୁଥିଲା। ତାର ପତ୍ନୀ ସେଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଖାରୀ ଅଧିକାଂଶ ସମୟ କାଶ୍ମୀରରେ ରହୁଥିବା ବେଳେ ମଝିରେ ମାସେ ଦୁଇମାସ ପାଇଁ ମିଲତନଗରରେ ଥିବା ଭଡା ଘରେ ରହୁଥିବା ତା' ପତ୍ନୀ ଓ ସାତ ବର୍ଷର ଝିଅ ପାଖକୁ ଆସି ରହିଥାଏ। ତେବେ ତାର ହାବଭାବରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହ କରି ଏସଟିଏଫ୍ ଟିମ ତାକୁ ମିଲତନଗରସ୍ଥିତ ଭଡ଼ା ଘରେ ଚଢ଼ଉ କରି ଉଠାଇ ନେଇଥିଲା। ବିଭିନ୍ନ ମାମଲାରେ ତାର ▶ପୃଷ୍ଠା-୯






## ଭୁବନେଶ୍ୱର ସିଟି

# ସରିଲା ନବଯୌବନ ଦର୍ଶନ; ଆଜି ଘୋଷଯାତ୍ରା

ଭୁବନେଶ୍ୱର, ୨୬।୬(ସମିସ)

ସରିଲା ମହାପ୍ରଭୁ ଶ୍ରୀଜଗନାଥଙ୍କ ନବ ଯୌବନ ଦର୍ଶନ। ଏନେଇ ଭୁବନେଶ୍ୱରର ଇସ୍କନ ମନ୍ଦିରରେ ମଧ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଆସନ୍ତାକାଲି ବିଶ୍ୱ ପ୍ରସଦ୍ଧ ରଥଯାତ୍ରା ପାଇଁ ମଧ ଚଳଚଞ୍ଚଳ ହୋଇଛି ଏକାମ୍ରକ୍ଷେତ୍ର।

ଆସନ୍ତା କାଲି ଏକାମ୍ରକ୍ଷେତ୍ରରେ ପ୍ରାୟ ୫୪ଟି ରଥ ଟଣାଯିବ। ବିଶେଷକରି ଇସ୍କନ, କିସ୍ ଶ୍ରୀବାଣୀ କ୍ଷେତ୍ର, ୟୁନିଟ୍-୮ ଜଗନ୍ନାଥ, ଜାଗମରା, କୋଳଥିଆ, ପଟିଆ ଆଦି ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ନୀତି ନିର୍ଘଣ୍ଟ ଅନୁଯାୟୀ ମଙ୍ଗଳବାର ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ପାଇଁ ଫୁଲରେ ସଜେଇ ହୋଇଛି ଏକାମ୍ରକ୍ଷେତ୍ରର ସମସ୍ତ ଜଗନ୍ନାଥ ମନ୍ଦିର ଓ ରଥ। ଏଥର ଇସ୍କନରେ ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ ଆରମ୍ଭ ହେବାକୁ ଥିବା ବେଳେ ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଛେରା ପହଁରା ନୀତି ଅନୁଷ୍ଠିତ ହେବ। ଅପରାହ୍ନ ସମୟରେ ରଥଟଣା ଆରମ୍ଭ ହେବ ବୋଲି ଇସ୍କନ ମନ୍ଦିରର ରାଜ୍ୟ ପ୍ରଚାର ଅଧିକାରୀ ରାଧାକାନ୍ତ ଦାସ ସୂଚନା ଦେଇଛନ୍ତି। ସେହିପରି ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଯାୟୀ ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାରେ ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି।



ୟୁନିଟ୍-୧



ଇସ୍କନ



ପାତ୍ରପଡ଼ା

## ଡାକ ଟିକଟ୍, ଲଫାପାରେ ଶ୍ରୀ ଜଗନ୍ନାଥ




ମହାପ୍ରଭୁଙ୍କ ଘୋଷଯାତ୍ରା ଉପଲକ୍ଷେ ସଂଗ୍ରାହକ ସମରଞ୍ଜନ ମହାନ୍ତି ତାଙ୍କ 'ମୋ ସଂଗ୍ରହାଳୟ'ରେ ପ୍ରଦର୍ଶିତ କରିଛନ୍ତି ବିଭିନ୍ନ ସମୟରେ ପ୍ରକାଶ ପାଇଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କିତ ବିଭିନ୍ନ ଡାକ ଟିକଟ୍, ଲଫାପା। ପୁରୀ ଧାମର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଭାରତୀୟ ଡାକ ବିଭାଗ ଦ୍ୱାରା ପ୍ରଚଳିତ ଡାକ ଟିକେଟ, ସ୍ୱତନ୍ତ୍ର ଲଫାପା, ମଧ୍ୟରେ ରହିଛି ଜଗନ୍ନାଥ ମନ୍ଦିର, ପୁରୀ ନାମରେ ଏକ ପାଞ୍ଚ ଟଙ୍କିଆ ଡାକ ଟିକଟ, ରଥ ଯାତ୍ରା, ପୁରୀ ନାମରେ ଡାକଟିକଟ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ନବକଳେବରକୁ ନେଇ ପାଞ୍ଚ ଟଙ୍କିଆ ଡାକ ଟିକଟ ଆଦି ବିଭିନ୍ନ ସମୟରେ ପ୍ରକାଶ ପାଇଥିଲା। ଯାହାକୁ ସଂଗ୍ରହ କରି ନିଜ ସଂଗ୍ରହାଳୟରେ ପ୍ରଦର୍ଶିତ ଶ୍ରୀ ଜଗନ୍ନାଥରେ ସ୍ଥାନ ଦେଇଛନ୍ତି ସମ ରଞ୍ଜନ। ସେହିପରି ଆମ ଭାରତୀୟ ରୋଷେଇକୁ ନେଇ ଶ୍ରୀଜଗନ୍ନାଥଙ୍କ ଅଭଡ଼ା ଉପରେ ମହାପ୍ରସାଦ-ଅନ୍ନ ଡାଲି ନାମରେ ଏକ ପାଞ୍ଚ ଟଙ୍କିଆ ଡାକ ଟିକଟ ରହିଛି। ଯାହାକି ୨୦୧୭ ମସିହାରେ ପ୍ରକାଶ ପାଇଥିଲା। ଏହାସହ ରସଗୋଲା ଜଗନ୍ନାଥ ମହାପ୍ରଭୁଙ୍କ ପ୍ରିୟ ମିଠା ହୋଇଥିବାବେଳେ ରସୋଗଲା ଉପରେ ନୀଳାଦ୍ରି ବିଜେର ଏକ ଲଫାପା ମଧ ରହିଛି। ଯାହାକି ୨୦୧୮ ର ପ୍ରକାଶିତ। ରଥଯାତ୍ରା ଉପଲକ୍ଷେ ଭିଏସଏସନଗରରେ ନିଜ ଘରେ କରିଥିବା ସଂଗହାଳୟରେ ମହାପ୍ରଭୁଙ୍କ ସମ୍ପର୍କିତ ବିଭିନ୍ନ ଡାକଟିକଟ ଦେଖିବାକୁ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମୁଛି।










## 'ଚିତ୍ରରେ ଚିତ୍ରରେ ଶ୍ରୀ ଜଗନ୍ନାଥ'

ଭୁବନେଶ୍ୱର, ୨୬।୬(ସମିସ): ଶାନ୍ତିସ୍ତୂପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ହୋଇଯାଇଛି 'ଚିତ୍ରରେ ଚିତ୍ରରେ ଶ୍ରୀ ଜଗନ୍ନାଥ' ଶୀର୍ଷକ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ। ପ୍ରଦର୍ଶନୀକୁ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା, ମହାବିଦ୍ୟାଳୟର କାର୍ଯ୍ୟକାରୀ ସମିତି ସଦସ୍ୟା କମଳିନୀ ରଥ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗ ଦେଇଥିଲେ। ପ୍ରଦର୍ଶନୀରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା, ଭକ୍ତ ଓ ଭଗବାନ, ସନ୍ଧ୍ୟା ଆଳତି, କଳ୍କୀ ଅବତାର, ଶ୍ରୀକ୍ଷେତ୍ର ଓ ନୀଳଚକ୍ରର ଚିତ୍ର ସ୍ଥାନ ପାଇଥିଲା। ପ୍ରାରମ୍ଭରେ ଅଧ୍ୟାପକ ଭୂପତିଭୂଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।



ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ସ୍ମୃତିରଞ୍ଜନ ବେହେରା, ବର୍ଷା ରାଣୀ ଓଝା, ବୃନ୍ଦାବନ ପଣ୍ଡା, ଗୋବିନ୍ଦ ତ୍ରିପାଠୀ, ସତ୍ୟଶଙ୍କର ଦାସ, ପରାଶର ଲେଙ୍କା, ପ୍ରୀତିନନ୍ଦା ସାହୁ, ପ୍ରୀତି ସୌରଭ ଜେନା, ଲୋକନାଥ ନନ୍ଦ, ଅତୁଲ୍ୟା ଲୋହାର, ଦେବାଶିଷ ବେହେରା, ପ୍ରତୀକ୍ଷା ଷଡ଼ଙ୍ଗୀ, ପ୍ରକାଶ ସାହୁ, ଶୁଭଙ୍କର ମରାୟ, ଶୁଭସ୍ମିତା ନାୟକ, ରମ୍ୟ ନିଶାନ୍ତ ଓ ସ୍ୱସ୍ତିକା ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ପ୍ରସ୍ତୁତ ଜଗନ୍ନାଥଙ୍କ କାହାଣୀ ଆଧାରିତ ଚିତ୍ର ସ୍ଥାନ ପାଇଥିଲା।

### ମୁମ୍ବାଇର ଭକ୍ତ ସାଲବେଗ

## ରଥ ତିଆରି କଲେ ମୁସଲମାନ

ଭୁବନେଶ୍ୱର, ମୁମ୍ବାଇ, ୨୬।୬(ସମିସ): ନଭି ମୁମ୍ବାଇର ଖରଘର ସେକ୍ଟର ୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପ୍ରସ୍ତୁତି ଶେଷ ହୋଇଛି। ତେବେ ସେଠାରେ ଦିର୍ଘ ୨୦ବର୍ଷ ହେଲା ଜଣେ ମୁସଲମାନ ମହମ୍ମଦ ହାନିଫ୍ କାଚି ଏହି ରଥ ତିଆରି କରୁଛନ୍ତି। ସେ ରଥ କରିବା ବେଳେ ତାଙ୍କୁ ଭିନ୍ନ ଏକ ଭକ୍ତ ସାଲବେଗ ବୋଲି କୁହାଯାଉଛି। ୨୪ଫୁଟିଆ ଏହି ରଥରେ ୪ଟି ଘୋଡ଼ା, ସିଂହାସନରେ ଠାକୁରଙ୍କ ଆସନ, ରାହୁ ମୁଣ୍ଡ, ମାଛ, ଜୟ ବିଜୟ, ପରମ୍ପରା ଅନୁଯାୟୀ ଦଣ୍ଡା, ଚକ୍ର, କଳସ, ଓଲଟା ଶୁଆ, ଖପୁରୀ, ଋଷି ପଟା, କନକ, ମୁଣ୍ଡାଇ, ମକର, ଦଣ୍ଡା, ଗଇପଟା, ଜାଲି, ସିଂହଦ୍ୱାର, ବଙ୍କି, ପତାକା, ଦଧିନଉତି, ପାରା ଭାଡ଼ି, କୁମ୍ଭିପଟା, ଷୋଳ ନାହାକା, ସାରଥୀ ପିଢ଼ା, ଭୂମି, ହଂସ ପଟା, କଣି, ଦାଣ୍ଡିଆ, ଅରା ଓ ପାର୍ଶ ଦେବତା ଆଦି ତିଆରିକରି ରଥକୁ ପ୍ରସ୍ତୁତ କରିଛନ୍ତି। କାଚିଙ୍କ କହିବା ଅନୁଯାୟୀ ମୋର ପିତା ମାତାଙ୍କ ଆଶୀର୍ବାଦ ଯୋଗୁଁ ଓ ଆଲ୍ଲା ଓ ଶ୍ରୀ ଜଗନ୍ନାଥଙ୍କ କୃପାରୁ ରଥ ନିର୍ମାଣ ହୋଇପାରୁଛି। ଚଳିତ ଥର୨୦ବର୍ଷ ରଥ ତିଆରି କରୁଛି। ଟ୍ରଷ୍ଟର ସଦସ୍ୟମାନଙ୍କ ସହଯୋଗରେ ୪୦ ଦିନ ପରିଶ୍ରମ କରିବା ପରେ ସୁନ୍ଦର ରଥ ହୋଇପାରିଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ଏହି ରଥଯାତ୍ରା କରାଯାଉଛି। ଏହି ଅବସରରେ ଠାକୁରଙ୍କ ପହଣ୍ଡି ବିଜେ ଓ ନୀତି ପୂଜା ପରେ ଶ୍ରୀଜିଉଙ୍କ ନିକଟରେ ଛେରା ପହଁରା ପରେ ରଥ ଟଣା ହେବ।



ପ୍ରକାଶ ଥାଉ କି ୨୦ବର୍ଷ ହେଲା ଏଠାରେ ଚାଲିଛି ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା। ୨୦୦୬ ମସିହାରୁ ଉଦ୍ୟୋକ୍ତା ଭାବେ ରାମ ପ୍ରସାଦ ମୁଦୁଲି ରଥ ଯାତ୍ରା ଆରମ୍ଭ କରିଥିଲେ। ୨୦୦୮ ରୁ ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନଓଡ଼ିଆସାମିଲହୋଇଟ୍ରଷ୍ଟରସଦସ୍ୟଓସେବକମାନେ ସହଯୋଗ ଦ୍ୱାରା ଏହି ରଥଯାତ୍ରା ମହୋତ୍ସବ ହୋଇ ଆସୁଛି।



### ନିଆରା ବିଦାୟ ସମ୍ବର୍ଦ୍ଧନା

## ପଦୋନ୍ନତି ଖୁସିରେ ଚାରାରୋପଣ

ବାଲିଅନ୍ତା, ୨୬।୬(ସମିସ): କାହାରି ପଦୋନ୍ନତି ହେଲେ କିଏ ଖୁସିରେ ମିଷ୍ଟାନ୍ନବଣ୍ଟନକରେତକିଏଭୋଜିଭାତରଆୟୋଜନକରିଥାଏ। କିନ୍ତୁ ଏମିତି ଜଣେ ସ୍ୱାସ୍ଥ୍ୟ ଅଧିକାରୀ ଅଛନ୍ତି ଯାହାଙ୍କ ପଦୋନ୍ନତି ଖୁସିରେ ଚାରାରୋପଣ କରିଛନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପେରିଣ୍ଟେଡେଣ୍ଟ ଡ. ତନ୍ମୟ ତ୍ରିପାଠୀ। ତାଙ୍କ ପଦୋନ୍ନତିଜନିତ ପରେ ବଦଳି ହୋଇଛି। ତେଣୁ ଖୁସି ଓ ସ୍ମୃତିକୁ ମନେ ରଖିବା ପାଇଁ ଏକ ସ୍ୱତନ୍ତ୍ର ଓ ନିଆରା ପଦକ୍ଷେପ ସ୍ୱରୂପ ସେ ବୃକ୍ଷ ଚାରା ରୋପଣ କରିଥିଲେ। ଏହି ଅବସରରେ ମେଡିକାଲ କର୍ତ୍ତୃପକ୍ଷ ଏକ ସଭାର ଆୟୋଜନ କରିଥିଲେ। ଆୟୋଜିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ରର ସମଗ୍ର କର୍ମୀ, ଯଥା ସିଏଚସି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ସୁପରଭାଇଜର, ସିଏଚଓ, ଆଶା କର୍ମୀ, ଏଚଏମ କର୍ତ୍ତୃପକ୍ଷ, ସମସ୍ତେ ଶ୍ରୀ ତ୍ରିପାଠୀଙ୍କ ଗୁଣଗାନ କରି ଭାବବିହ୍ୱଳ ହେଇଯାଇଥିଲେ। ଶ୍ରୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶାନୁରୂପକ ବିକାଶ ହୋଇଥିବା ନେଇ କର୍ମଚାରୀ ଓ ଅଧିକାରୀ ବକ୍ତବ୍ୟରେ କାହିଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରାଯାଇଥିଲା।

## ନିଶା ବର୍ଜନ ପାଇଁ ଶପଥ ପାଠ

ଭୁବନେଶ୍ୱର, ୨୬।୬(ସମିସ): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଖଣ୍ଡୁଆଳ ବସ୍ତିରେ ସେବା ପ୍ରତିନିଧିର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ଓଡ଼ିଶା ନିଶାମୁକ୍ତ ହେବା ପାଇଁ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ଉତ୍ସବରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ହୃଷୀକେଶ ବେହେରା, ପ୍ରଶାନ୍ତ କୁମାର ମହାନ୍ତି, ତାରା ଚରଣ ଆଚାର୍ଯ୍ୟ, ସୌଦାମିନୀ ସାମଲ, ପତିତପାବନ ପଣ୍ଡା ପ୍ରମୁଖଅଂଶଗ୍ରହଣ କରିଥିଲେ।

### ହଇଜା ସଂକ୍ରମଣରୁ କିଛି ବି ଶିଖିଲାନି ବିଏମ୍‌ସି

## ଅଧିକାଂଶ ଆପାର୍ଟମେଣ୍ଟରେ ନାହିଁ ଏସ୍‌ଟିପି

ଭୁବନେଶ୍ୱର, ୨୬।୬(ସମିସ)

ରାଜଧାନୀ ଅଧିକାଂଶ ଆପାର୍ଟମେଣ୍ଟରେ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନାହିଁ। ଏଭଳି ପ୍ଲାଣ୍ଟ ନିର୍ମାଣ କରିବାକୁ ବିଏମ୍‌ସି ବାରମ୍ବାର ଅନୁରୋଧ କରୁଛି। ହେଲେ ଆପାର୍ଟମେଣ୍ଟ ସୋସାଇଟି କିମ୍ବା ପ୍ରମୋଟର କେହିବି ଶୁଣୁ ନାହାନ୍ତି। ଏସ୍‌ଟିପି ବାଧ୍ୟତାମୂଳକ ବୋଲି ଅଧିକାଂଶ ଆପାର୍ଟମେଣ୍ଟ ବାସିନ୍ଦା ଏପର୍ଯ୍ୟନ୍ତ ଜାଣି ନାହାନ୍ତି। ଯେଉଁମାନେ ଏସ୍‌ଟିପି ନିର୍ମାଣ କରୁ ନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯାଉ ନାହିଁ। କଥା କଥାକେ ରାସ୍ତା କଡ଼ ଦୋକାନୀଙ୍କୁ ଧମକାଉଥିବା ବିଏମ୍‌ସି କିନ୍ତୁ ଏତେବେଳକୁ ନୀରବୀ ଯାଉଛି।

ଏସ୍‌ଟିପି ଜନସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ। ଏହା ନର୍ଦ୍ଦମା ଜଳରୁ କ୍ଷତିକାରକ ପ୍ରଦୂଷକକୁ ଦୂର କରି ଜଳ ପ୍ରଦୂଷଣ ଓ ରୋଗ ବ୍ୟାପିବାକୁ ରୋକିଥାଏ। ଶୋଧିତ ଜଳକୁ ସିଞ୍ଚନ ଭଳି ଅ-ପାନୀୟ କାର୍ଯ୍ୟରେ ନିରାପଦ ଭାବେ ପୁନଃବ୍ୟବହାର କରାଯାଇପାରେ। ଜଳଜନିତ ରୋଗକୁ ରୋକି ଏହି ପ୍ଲାଣ୍ଟଗୁଡ଼ିକ ରୋଗ ଚିକିତ୍ସା ସହ ଜଡ଼ିତ ସ୍ୱାସ୍ଥ୍ୟ ଖର୍ଚ୍ଚକୁ ହ୍ରାସ କରିଥାଏ। ଅଶୋଧିତ ନର୍ଦ୍ଦମା ଜଳରେ ରୋଗସୃଷ୍ଟିକାରୀ ଜୀବାଣୁ (ବ୍ୟାକ୍ଟେରିଆ, ଭୂତାଣୁ, ପରଜୀବୀ) ଥାଇପାରେ, ଯାହା ଜଳଜନିତ ରୋଗ ସୃଷ୍ଟି କରିଥାଏ। ଏସ୍‌ଟିପି ଏହି ଜୀବାଣୁକୁ ଦୂର କରି ରୋଗ ବ୍ୟାପିବାର ଆଶଙ୍କାକୁ ବହୁତ ହ୍ରାସ କରିଥାଏ।

ନିରାପଦ ପାନୀୟ ଜଳ ଯଦିଓ ନର୍ଦ୍ଦମା ଶୋଧନ ପ୍ଲାଣ୍ଟ ପାନୀୟ ଜଳ ଉତ୍ପାଦନ କରେ ନାହିଁ। ଏହା ଜୀବାଣୁ ଓ ପ୍ରଦୂଷକ ହ୍ରାସ କରି ନଦୀ କିମ୍ବା ଜଳାଶୟରୁ ପାନୀୟ ଜଳ ଶୋଧନ ପାଇଁ ଉପଯୁକ୍ତ ଜଳସ୍ରୋତକୁ ସୁରକ୍ଷା ଦେଇଥାଏ। ଅଶୋଧିତ ନର୍ଦ୍ଦମା ନଦୀ, ହ୍ରଦ ଓ ଭୂଗର୍ଭ ଜଳକୁ ପ୍ରଦୂଷିତ କରିପାରେ। ଯାହା ଜଳଜନ୍ତୁଙ୍କ ପାଇଁ କ୍ଷତିକାରକ। ପାନୀୟ ଜଳସ୍ରୋତକୁ ପ୍ରଦୂଷିତ କରେ। ଜଳରେ ମନୋରଞ୍ଜନ କାର୍ଯ୍ୟକୁ ଅନୁପଯୁକ୍ତ କରିଥାଏ। ପ୍ରଦୂଷକ ଦୂର କରି ବିଶୋଧନ ପ୍ଲାଣ୍ଟ ଜଳଜ ପରିବେଶ ତନ୍ତ୍ରର ସ୍ୱାସ୍ଥ୍ୟ ରକ୍ଷା କରେ।

କିଛିଦିନ ତଳେ କଳିଙ୍ଗବିହାରସ୍ଥିତ ଟ୍ରାଇଡେଣ୍ଟ ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ଏସ୍‌ଟିପି କାର୍ଯ୍ୟକ୍ଷମ ନଥିଲା। ଯାହା ହଇଜା ବ୍ୟାପିବାର ଅନ୍ୟତମ କାରଣ ବୋଲି ବିଏମ୍‌ସି ଟିମ୍ ପରିଦର୍ଶନରେ ଜାଣିବାକୁ ପାଇଥିଲା। ତଦନ୍ତରେ ଜଣାପଡ଼ିଥିଲା ପ୍ରମୋଟର ଆରମ୍ଭରୁ ଏସ୍‌ଟିପି କାର୍ଯ୍ୟକ୍ଷମ କରାଇବାରେ ବିଫଳ ହୋଇଥିଲେ। ଏଣୁ ସିଧାସଳଖ ପାଣି ଯାଇ ସମ୍ପରେ ମିଶିଥିଲା। ଏସ୍‌ଟିପି କାର୍ଯ୍ୟକ୍ଷମ ହୋଇଥିଲେ ଏଭଳି ହୋଇ ନଥାନ୍ତା ବୋଲି କିଛି ବିଏମ୍‌ସି ଅଧିକାରୀ ଯୁକ୍ତି ରଖିଥିଲେ।

ଅନ୍ୟପକ୍ଷରେ କଟକରୋଡ୍, ବମିଖାଲ, କଳିଙ୍ଗ ବିହାର, ପଟିଆ, ଗାଡ଼କଣ, ସୁନ୍ଦରପଦା ପ୍ରଭୃତି ଅଞ୍ଚଳରେ ମାଳ ମାଳ ଆପାର୍ଟମେଣ୍ଟ ରହିଛି। ଏହି ଆପାର୍ଟମେଣ୍ଟ୍ ଗୁଡ଼ିକର ସ୍ୱରେଜ ଜଳ ସିଧାସଳଖ ନାଳକୁ ଛାଡି ଦିଆଯାଉଛି। କିଛି ଆପାର୍ଟମେଣ୍ଟ୍ ପ୍ରମୋଟର ଏହାକୁ କଡାକଡି ଭାବେ ମାନୁଥିଲେ ହେଁ ଅଧିକାଂଶ ଏହି ନିୟମକୁ ଫୁ କରିଦେଉଛି। ଏହାସତ୍ତ୍ୱେ ବିଏମ୍‌ସି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ବିଏମ୍‌ସି ଏହି ଘଟଣାକୁ ଯଦି ଶିଖିଲାନି ତେବେ କେବେ ଶିଖିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

### ରାଜଧାନୀରେ ପୁଣି ଝାଡ଼ାବାନ୍ତି ଆତଙ୍କ

## ସିପେଟ୍ ହଷ୍ଟେଲ୍‌ରୁ ଖାଦ୍ୟ ଖାଇ ଅନେକ ଛାତ୍ର ଅସୁସ୍ଥ

ଭୁବନେଶ୍ୱର, ୨୬।୬(ସମିସ): ରାଜଧାନୀରେ ପୁଣି ଝାଡାବାନ୍ତି ଆତଙ୍କ। କଳିଙ୍ଗ ବିହାର ଟ୍ରାଇଡେଣ୍ଟ୍ ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ଝାଡ଼ାବାନ୍ତି ମାଡିବା ପରେ ଏବେ ମଞ୍ଚେଶ୍ୱର ଅଞ୍ଚଳରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଏଠାରେ କିଛି ଲୋକ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି। ଅସୁସ୍ଥ ମାନଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ମଞ୍ଚେଶ୍ୱର ସ୍ଥିତ ସିପେଟ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ମେସ୍‌ରେ ଛାତ୍ରମାନେ ଅଚାନକ ଅସୁସ୍ଥ ହୋଇଗଲେ। ହଷ୍ଟେଲର ଅଧିକାଂଶ ଛାତ୍ରଙ୍କ ପେଟ ଖରାପ ହେବା ସହ ଝାଡାବାନ୍ତି ହୋଇଥିଲା। ଏହାପରେ କ୍ୟାମ୍ପସରେ ଆତଙ୍କ ଖେଳିଯାଇଥିଲା। କର୍ତ୍ତୃପକ୍ଷ ଏନେଇ ସହରାଞ୍ଚଳ ପ୍ରଶାସନକୁ ଜଣାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସି ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ।

ମେସ୍‌ର ଖାଦ୍ୟ ଏବଂ ପାଣିର ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ଜଣାପଡ଼ିଥିଲା ହଷ୍ଟେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସଂକ୍ରମିତ ହୋଇଯାଇଛି। ଫଳରେ ବହୁ ସଂଖ୍ୟାରେ ଛାତ୍ର ଅସୁସ୍ଥ ହୋଇଥିଲେ। ଏସମ୍ପର୍କରେ ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି ଅନୁଷ୍ଠାନର ମାତ୍ର ଗୋଟିଏ ହଷ୍ଟେଲରେ ଖାଦ୍ୟ ସଂକ୍ରମିତ ହୋଇଯାଇଥିଲା। ଏହାକୁ ଖାଇ ପିଲାଙ୍କ ପେଟ ଖରାପ ହେବା ସହ ସେମାନେ ଗୋଟିଏ ଦିନ ଝାଡା ହୋଇଥିଲା। ତେବେ ସଂକ୍ରମଣ ହଷ୍ଟେଲ ବାହାରକୁ ଯାଇ ନଥିଲ। ବିଏମ୍‌ସି ପକ୍ଷରୁ ଏହାପରେ ବିଭିନ୍ନ ହୋଟେଲକୁ ଯାଞ୍ଚ କରାଯାଇଥିଲା।



# ଭୁବନେଶ୍ୱର ସିଟି



## ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ଧମକ

# ପୁଣି ବନ୍ଧାହେଲା ନକଲି ପୁଲିସ ଇନ୍ସପେକ୍ଟର

ଭୁବନେଶ୍ୱର, ୨୬।୬ (ସମିସ)

ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ପ୍ରତାରଣା କରି ଗିରଫ ହୋଇଥିବା ନକଲି ପୁଲିସ ଇନ୍ସପେକ୍ଟରକୁ ପୁଣି ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଏଥର ମାମଲା ଉଠାଇବାକୁ ଗାଳିଗୁଲଜ ଓ ଧମକ ଦେଇ ବନ୍ଧା ହୋଇଛି। ଗିରଫ ଅଭିଯୁକ୍ତ ହେଉଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ତୁମ୍ବପଦି ଗାଁର ସୁବାସ ଚନ୍ଦ୍ର କହଁର (୫୫)।

ପୁଲିସ ସୂଚନା ଅନୁସାରେ, ସୁବାସ ନିଜକୁ ଇନ୍ସପେକ୍ଟର ମନୋଜ ମିଶ୍ର ବୋଲି ପରିଚୟ ଦେଇ ଚିଲିକା ଅଞ୍ଚଳର ଜଣେ ଯୁବତୀ ତଥା ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ସହିତ ଫେସବୁକରେ କଥାବାର୍ତ୍ତା ହୋଇଥିଲା। ଏମିତିକି ସେ ରାଉରକେଲା ସେକ୍ଟର ୧୫ ଥାନାର ଆଇଆଇସି ବୋଲି କହିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବିବାହ କରିବା ସହିତ ବିଭିନ୍ନ ଆଳର ଦେଖାଇ ଲକ୍ଷାଧିକ ଟଙ୍କା ହଡ଼ପ କରିଥିଲା। ସୁବାସ ଚଳାଉଥିବା କାରର କିସ୍ତି ନକଲି ପୁଲିସର ଅସଲି ଗୁମର ଖୋଲି ଦେଇଥିଲା। ସେ କାର କିସ୍ତି ଦେବା ପାଇଁ ଫୋନରେ କଥା ହେଉଥିବାବେଳେ ସୁବାସ କହଁର ନାମରେ କାର ଥିବା କହିଥିଲା। ଏତିକି କଥା ପତ୍ନୀଙ୍କ କାନରେ ପଡ଼ିବା ପରେ ସେ ଖୋଳତାଡ଼ ଆରମ୍ଭ କରିଥିଲେ। କାରର ରେଜିଷ୍ଟ୍ରେସନ ନମ୍ବରରୁ ମାଲିକାନା ଓ ଠିକଣା ବାହାର କରି ଭଦ୍ରକ ସ୍ଥିତ ସୁବାଷର ଗାଁକୁ ଯାଇଥିଲେ। ସେଠାରୁ ସବିଶେଷ ତଥ୍ୟ ପାଇବା ପରେ ନକଲି ପୁଲିସର ଅସଲି ମୁଖା ଖୋଲିଥିଲା। ପତ୍ନୀ

**■ ପୂର୍ବରୁ ଆଇଆଇସି କହି ବିବାହ କରିଥିଲା**
**■ ସମୁଦାୟ ୩ଥର ବାହା ହୋଇଛି**

ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ଗତବର୍ଷ ସେପ୍ଟେମ୍ବର ମାସରେ ପୁଲିସ ତା'କୁ ଗିରଫ କରିଥିଲା। ସୁବାଷ ପ୍ରାୟ ୩୦ ବର୍ଷ ପୂର୍ବେ ପ୍ରଥମ ବିବାହ କରିଥିବା ବେଳେ ତାଙ୍କର ବିବାହିତା ଝିଅ ଓ ଗୋଟିଏ ପୁଅ ମଧ ରହିଛନ୍ତି। ଏଥିସହିତ ପ୍ରାୟ ୧୫ ବର୍ଷ ପୂର୍ବେ ସୁବାସ ଦ୍ୱିତୀୟ ବିବାହ କରିଥିବା ପୁଲିସ ଜାଣିବାକୁ ପାଇଥିଲା।



ତେବେ ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ମିଶାଇ ସୁବାଷ ମୋଟ ୩ଟି ବିବାହ କରିଥିବା ଜଣାପଡ଼ିଥିଲା। ଏଥିସହିତ ଏକାଧିକ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ପୁଲିସ ଜାଣିବାକୁ ପାଇଥିଲା।

ତେବେ ସୁବାଷ ଜେଲରେ ରହିବା ପରେ ଗତ ମାର୍ଚ୍ଚ ମାସରେ ଜେଲରୁ ମୁକୁଳି ଥିଲା। ସୁବାସ ଜାମିନରେ ଆସିବା ପରେ ପ୍ରତି ପ୍ରତିଶୋଧ ପରାୟଣ ହୋଇ ଓଏଏସ୍ ଅଧିକାରିଣୀଙ୍କ ଭଉଣୀଙ୍କୁ ବିଭିନ୍ନ ପ୍ରକାର ଉପାୟରେ ହଇରାଣ ହରକତ କରିଥିଲା। ବିଳମ୍ବିତ ରାତିରେ ନିଜ ଓ ନିଜ ବନ୍ଧୁଙ୍କ ମୋବାଇଲ ଫୋନରୁ ତାଙ୍କୁ ଭଏସ କଲ ଓ ଭିଡିଓ କଲ କରି ଦୁର୍ବ୍ୟବହାର କରିଥିଲା। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଇଥିଲା। ଏଥିସହିତ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ନକଲି ପୁଲିସ ଇନ୍ସପେକ୍ଟର ସୁବାଷକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତା' ଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରିଥିଲା। ତା' ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୨ଟି ଓ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ୭୦ ଜଣଙ୍କୁ ମିଳିଲା ନିଯୁକ୍ତି; ଅପେକ୍ଷାରେ ୯୯

ଭୁବନେଶ୍ୱର,୨୬।୬(ସମିସ): ନିକଟରେ ପଦୋନ୍ନତି ପାଇଥିବା ୭୦ଜଣ ଡିଏସ୍‌ପିଙ୍କୁ ମିଳିଛି ନବ ନିଯୁକ୍ତି। ହେଲେ ପଦୋନ୍ନତି ପାଇଥିବା ବାକି ୯୯ ଜଣଙ୍କୁ ମିଳିନି। ଏହାକୁ ନେଇ ପୁଲିସ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ଯେଉଁମାନେ ନୂଆ ପୋଷ୍ଟିଂ ପାଇନାହାନ୍ତି ସେମାନଙ୍କୁ କେବେ ମିଳିବ କାହା ପାଖରେ ଉତ୍ତର ନାହିଁ। ନିକଟରେ ୧୬୯ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ର୍‌ୟାଙ୍କ୍‌କୁ ପଦୋନ୍ନତି ମିଳିଥିଲା। ସେମାନେ ଦୁଇ ମାସରୁ ଅଧିକ ଦିନ ସେହି ପୁରୁଣା ସ୍ଥାନରେ ରହି କାମ କରଛନ୍ତି। ଆଜି ପଦୋନ୍ନତି ପାଇଥିବା ୭୦ ଡିଏସ୍‌ପି ଏବଂ ପୁରୁଣା ୯ଜଣ ଡିଏସ୍‌ପିଙ୍କୁ ନୂଆ ପୋଷ୍ଟିଂ ମିଳିଛି। କିନ୍ତୁ ବାକି ୯୯ଜଣଙ୍କ ମିଳିନାହିଁ। ଏଭଳି ପାତର ଅନ୍ତର ଯୋଗୁଁ ପୋଷ୍ଟିଂ ପାଇନଥିବା ଡିଏସ୍‌ପିଙ୍କ ମନୋବଳ ଦୁର୍ବଳ ହୋଇଯିବ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୨୫୦ରୁ ଅଧିକ ଇନ୍ସପେକ୍ଟର ପଦବୀ ଏବେ ଖାଲି ପଡ଼ିଛି। ତେଣୁ ୮ଶହ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‌ୟାଙ୍କ୍‌କୁ ପଦୋନ୍ନତି ନମିଳିବା ଯାଏ ଡିଏସପି ପଦୋନ୍ନତି ପାଇଥିବା ଇନ୍ସପେକ୍ଟର ଥାନା ଦାୟିତ୍ୱ ତୁଲାଇବେ ବୋଲି କୁହାଯାଉଛି। ଯେଉଁଥିପାଇଁ ଆଉ ୯୯ଜଣ ଡିଏସ୍‌ପିଙ୍କୁ ନୂଆ ପୋଷ୍ଟିଂ ଦିଆଯାଇନି।

ସେହିପରି ରାଜଧାନୀରେ ଥିବା ୩ଜଣ ଏସିପି ଅନ୍ୟ ପୁଲିସ ଜିଲ୍ଲାକୁ ଯାଇଥିବା ବେଳେ କମିଶନରେଟ ପୁଲିସରେ ଥିବା ୩ଜଣ ଅଧିକାରୀ ଏଠାରେ ଅଛନ୍ତି। ଡିଏସ୍‌ପି ସୁଧାଂଶୁ ଭୂଷଣ ଜେନାଙ୍କୁ କମିଶନରେଟ୍ ପୁଲିସରୁ ଭଦ୍ରକ ସିଟି ଡିଏସ୍‌ପି ଭାବେ ନିଯୁକ୍ତି ମିଳିଥିବା ବେଳେ ଏସିପି ରଜନିକାନ୍ତ ସାମଲଙ୍କୁ ଏସ୍‌ଡିପିଓ କାମାକ୍ଷାନଗର ଭାବେ ନିଯୁକ୍ତି କରାଯାଇଛି। ଦେଓଗଡ଼ ଡିଏସ୍‌ପି ଥିବା ଶରତଚନ୍ଦ୍ର ପାତ୍ରଙ୍କୁ କମିଶନ୍‌ରେଟ ପୁଲିସରେ ଏସିପି ଭାବେ ନିଯୁକ୍ତି ମିଳିଛି। ଖାରବେଳନଗର ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ରଜନିକାନ୍ତ ମିଶ୍ରଙ୍କୁ ରାଇରଖୋଲ ଏସ୍‌ଡିପିଓ ଭାବେ ନିଯୁକ୍ତି ମିଳିଛି। କମିଶନରେଟ୍ ପୁଲିସରେ ଥିବା ବିଜୟିନି ମଲ, ଡିଏସ୍‌ପି ଅଭିମନ୍ୟୁ ନାୟକ, ସତ୍ୟରଞ୍ଜନ ପ୍ରଧାନ କମିଶନରେଟ୍ ପୁଲିସରେ ଏସିପି ଭାବେ ନିଯୁକ୍ତି ମିଳିଛି। ସେହିପରି ଏଠାରେ ଥିବା ରେଣୁବାଳା ତ୍ରିପାଠିଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି।

## ଲୁଗା ଗୋଦାମରେ ଅଗ୍ନିକାଣ୍ଡ ଘଟଣା

# ନୋଟିସ୍ ପରେ ବି ଚେତିଲେନି

ଭୁବନେଶ୍ୱର, ୨୬।୬ (ସମିସ): କଳ୍ପନା ଛକସ୍ଥିତ ତାରିଣୀ ବସ୍ତ୍ରାଳୟ ଅଗ୍ନିକାଣ୍ଡ ଘଟଣାରେ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ପୁରୀ ଜିଲ୍ଲା ଭାରତୀ ପାଟଣାର ରାକେଶ କୁମାର ସାହୁ (୨୭)। ଆଜି ଲକ୍ଷ୍ମୀସାଗର ଥାନା ପୁଲିସ ମୃତଦେହ ବ୍ୟବଚ୍ଛେଦ କରିଛି। ସେପଟେ ଅଗ୍ନିକାଣ୍ଡ ପରେ ସାଙ୍ଘାତିକ କଥା ପଦାକୁ ଆସିଛି। ଗୋଦାମର ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

**■ ନ ଥିଲା ଅଗ୍ନି ନିର୍ବାପକ ବ୍ୟବସ୍ଥା, ମୃତ୍ୟୁବରଣ କଲେ ଗୁରୁତର କର୍ମଚାରୀ**



ମିଳିଥିବା ସୂଚନା ଅନୁସାରେ, ଗତକାଲି ରାତିରେ ବୁଦ୍ଧ ନଗର ସ୍ଥିତ ତାରିଣୀ ବସ୍ତ୍ରାଳୟର ଗୋଦାମରେ ହଠାତ୍ ନିଆଁ ଲାଗି ଯାଇଥିଲା। କ୍ଷଣିକ ମଧ୍ୟରେ ଦ୍ୱିତୀୟ ମହଲାର ନିଆଁ ତୃତୀୟ ମହଲାକୁ ବ୍ୟାପି ଯାଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଧୂଆଁ ଓ ନିଆଁ ମୟ ହୋଇ ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ଗୋଟିଏ ପରେ ଗୋଟିଏ ହୋଇ ୬ଟି ଦମକଳ ଗାଡ଼ି ଓ ୪୦ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

ସେହି ସମୟରେ ଉପସ୍ଥିତ ଥିବା ଗୋଦାମ କର୍ମଚାରୀ ରାକେଶ ମଧ ଅଗ୍ନିଶମ ବାହିନୀ ସହିତ ଭିତରକୁ ପଳାଇଥିଲେ। ନିଆଁର ପ୍ରଖର ଗତିରେ ପୁରା ଘର ଧୂଆଁ ମୟ ହୋଇ ଯାଇଥିଲା। ଫଳରେ ରାକେଶ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ତାଙ୍କୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗତକାଲି ରାତିରୁ ରାକେଶଙ୍କର ଚିକିତ୍ସା ଜାରି ରହିଥିଲା। ହେଲେ ଆଜି ସକାଳୁ ଡାକ୍ତର ତାଙ୍କୁ ମୃତ ଘୋଷଣା। ବାପା ବିଶ୍ୱନାଥ ସାହୁଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀସାଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସେପଟେ ଗୋଦାମରେ ନିଆଁ ଲାଗିବା ପରେ ପ୍ରକୃତ କଥା ପଦାକୁ ଆସିଛି। ଗୋଦାମରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ପ୍ରାଥମିକ ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଇ ମାସକ ପୂର୍ବରୁ ଗୋଦାମକୁ ନୋଟିସ କରାଯାଇଥିଲା। ଖୋଦ୍ ଡେପୁଟି ଫାୟାର ଅଫିସର ଗୋଦାମ ମାଲିକଙ୍କୁ ନୋଟିସ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ ଆବଶ୍ୟକୀୟ ଯନ୍ତ୍ରାଂଶ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଗୋଦାମ କର୍ତ୍ତୃପକ୍ଷ ଚେତି ନଥିଲେ କି ଅଗ୍ନିଶମ ବିଭାଗର କଥାକୁ ଖାତିର କରିନଥିଲେ। ଫଳରେ ବୁଧବାର ବଡ଼ ଧରଣର ଅଗ୍ନିକାଣ୍ଡ ଘଟିବା ସହିତ ଜଣେ କର୍ମଚାରୀ ପ୍ରାଣ ହରାଇଲେ। ତେବେ ଖୁବଶୀଘ୍ର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ଟିମ୍ ଗୋଦାମକୁ ଯାଇ ତଦନ୍ତ କରିବ। ତଦନ୍ତ ପରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ଗୋଦାମ ସିଲ୍ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଧରାପଡ଼ିଲେ ୩ ଆନ୍ତଃରାଜ୍ୟ ଡକାୟତ

ଭୁବନେଶ୍ୱର, ୨୬।୬ (ସମିସ)

ଶ୍ୟାମପୁର ଭୂଦାନ ଅଞ୍ଚଳରେ ଚାଲିଥିବା ଡକାୟତି ଯୋଜନାକୁ ପଣ୍ଡ କରିଛି କମିସନରେଟ ପୁଲିସ। ପଣ୍ଡାକୁଦିଆ ବସ୍ତି ଅଞ୍ଚଳରୁ ୩ ଆନ୍ତଃରାଜ୍ୟ ଡକାୟତଙ୍କୁ କାବୁ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଭିତରଗଡ଼ର ଦୀପ୍ତିରଞ୍ଜନ ଜେନା ଓରଫ୍ ଦିପୁ (୨୦), ପଶ୍ଚିମବେଡ଼ାର

**■ ବନ୍ଧୁକ, ଗୁଳି, ଖଣ୍ଡା, ଭୁଜାଲି ଓ କଟୁରି ଜବତ**
**■ ପୁଲିସକୁ ଚକମା ଦେଇ ଖସିଗଲେ ଦୁଇ ଅପରାଧୀ**
**■ ପେଟ୍ରୋଲ ପମ୍ପରୁ କରିଥାନ୍ତେ ଡକାୟତି**
**■ ଗ୍ୟାଙ୍ଗ ସଦସ୍ୟଙ୍କ ନାଁରେ ୨୯ ମାମଲା**

ପ୍ରବୀର କୁମାର ସ୍ୱାଇଁ ଓରଫ୍ ସିପୁ (୨୮) ଓ ନିଆଳି ଥାନା କପସି ଗାଁର ଆଶିଷ ରଞ୍ଜନ ଦାସ (୨୨)। ସେମାନଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ତେବେ ଦୁଇ ଅପରାଧୀ ଧର୍ମେନ୍ଦ୍ର ରାଉତ ଓରଫ୍ ବିକ୍ରମ ଓ ହରି ଓରଫ୍ ହରେକୃଷ୍ଣ ସ୍ୱାଇଁ ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଛନ୍ତି।

ପୁଲିସ ସୂଚନା ମୁତାବକ, ବୁଧବାର ଅପରାହ୍ଣରେ ଦିପୁ, ସିପୁ, ଆଶିଷ, ବିକ୍ରମ ଓ ହରି ଏକ ବୋଲେରୋରେ ମାରଣାସ୍ତ୍ର ଧରି ଭରତପୁର ଥାନା ଅଞ୍ଚଳରେ ବୁଲୁଥିଲେ। ପରବର୍ତ୍ତୀ



ସମୟରେ ସେମାନେ ପଣ୍ଡାକୁଦିଆ ବସ୍ତି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ଖବର ପାଇଥିଲା। ଭରତପୁର ଥାନାର ଏକ ସ୍ୱତନ୍ତ୍ର ଟିମ୍ ହଠାତ୍ ଭୂଦାନ ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଡକାୟତମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ଟିମ୍ କୌଶଳ କ୍ରମେ ଦିପୁ, ସିପୁ, ଆଶିଷକୁ କାବୁ କରିଥିବାବେଳେ ବିକ୍ରମ ଓ ହରି ଖସିଯିବାରେ ସଫଳ ହୋଇଥିଲେ।

ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଦୁଇଟି ବନ୍ଧୁକ, ୭.୬୫ ଏମ୍‌ଏମର ୬ଟି ଜୀବନ୍ତ ଗୁଳି, ଖଣ୍ଡା, ଭୁଜାଲି, କଟୁରି, ଲୁଟ୍ ସୁନା ଚେନ, ୧୮ ହଜାର ଟଙ୍କା, ଗୋଟିଏ ବୋଲେରୋ ଓ ୪ଟି ମୋବାଇଲ ଫୋନ ଜବତ କରିଥିଲା। ସେମାନଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲା। ଅଭିଯୁକ୍ତମାନେ ଘାଟିକିଆ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରୁ ଡକାୟତି କରିବାକୁ ଯୋଜନା କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ।

୨୦୨୧ ମସିହା ଅକ୍ଟୋବର ମାସରେ ଭରତପୁରର ରମାକାନ୍ତ ଦାଶ ଓ ଦିପୁ ଗୋଷ୍ଠୀ ମଧ୍ୟରେ ଦୁର୍ଘଟଣାକୁ ନେଇ ବଚସା ହୋଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଦିପୁ ଓ ସହଯୋଗୀମାନେ ଆସି ଫାୟାରିଂ କରିବା ସହିତ ରମାକାନ୍ତଙ୍କୁ ଆକ୍ରମଣ କରିଥିଲେ। ତେବେ ଇଏ ଗୋଟିଏ ଘଟଣା ନୁହଁ, ପୂର୍ବରୁ ଦିପୁ ନାମରେ ୪ଟି ଓ ସିପୁ ନାମରେ ଗୋଟିଏ ମାମଲା ରହିଛି। ସେହିପରି ଫେରାର ଥିବା ହରି ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏପର୍ଯ୍ୟନ୍ତ ମୋଟ ୨୧ଟି ଓ ବିକ୍ରମ ନାଁରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ମିଳିଲା ମୃତ ବାଇକ୍ ଆରୋହୀଙ୍କ ପରିଚୟ

ଭୁବନେଶ୍ୱର, ୨୬।୬ (ସମିସ): ସିଆରପି ଫ୍ଲାଏ ଓଭର ଉପରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବାଇକ୍ ଆରୋହୀଙ୍କ ପରିଚୟ ମିଳିଛି। ମୃତକ ହେଉଛନ୍ତି ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ସୁରୁବଣ ଗାଁର ଅଶୋକ କୁମାର ମହାପାତ୍ର। ସେପଟେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ହେଉଛି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଁଳା ବେରେଣୀ ଗାଁର ଭାଗିରଥି ନାୟକ (୫୮)।

ମିଳିଥିବା ସୂଚନା ଅନୁସାରେ, ଅଶୋକ ଏରୋଡ୍ରମ ଏରିଆ ଲେନ୍ - ୯ରେ ରହିବା ସହିତ ଓଲାରେ ବାଇକ୍ ଲଗାଇଥିଲେ। ଗତକାଲି ରାତି ପ୍ରାୟ ସାଢେ ୧୧ଟା ସମୟରେ ଅଶୋକ ବାଇକ୍ ଯୋଗେ ବରମୁଣ୍ଡାରୁ ଜୟଦେବ ବିହାର ଆଡ଼କୁ ଯାଉଥିଲେ। ସେ ସିଆରପି ଫ୍ଲାଏ ଓଭର ଉପରେ ପାଇଥିବା ବେଳେ ତେଲ ଟ୍ୟାଙ୍କର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେ ଘଟଣାସ୍ଥଳରେ ଛିଟିକି ପଡ଼ିବା ସହିତ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରିଥିଲା। ସେପଟେ ଜୟଦେବ ବିହାର ଛକରୁ ତେଲ ଟ୍ୟାଙ୍କର ଗାଡ଼ିକୁ ଠାବ କରିବା ସହିତ ଭାଗିରଥିକୁ ଗିରଫ କରିଥିଲା।

**ଟ୍ୟାଙ୍କର୍ ଚାଳକ ଗିରଫ; ଗାଡ଼ି ଜବତ**



# ଡିଜିଟାଲ୍ ଆରେଷ୍ଟ ଫାଶରେ ବଡ଼ବଡୁଆ

ଭୁବନେଶ୍ୱର, ୨୬।୬(ସମିସ)

ସାଇବର ଫ୍ରଡର ନୂଆ ତରିକା ଡିଜିଟାଲ ଆରେଷ୍ଟ। ଏବେ ଏହି ଡିଜିଟାଲ ଆରେଷ୍ଟ ଫାଶରେ ପଡୁଛନ୍ତି ବଡବଡୁଆ। ସାଇବର ଠକ ନିଜକୁ ସିବିଆଇ, ଇଡି ଏବଂ ଆଇବି ଅଫିସର କହି ଡିଜିଟାଲ ଆରେଷ୍ଟ କରୁଛନ୍ତି। ଘର ଭିତରେ ବନ୍ଦୀ କରି ଭିଡ଼ିଓ କଲ୍ ମାଧ୍ୟମରେ ଜେରା କରୁଛନ୍ତି। ଗିରଫର ଭୟ ଦେଖାଇ ଆକାଉଣ୍ଟର ସମସ୍ତ ତଥ୍ୟ ନେଇ ଖାଲି କରିଦେଉଛନ୍ତି। ଗତ ୨ମାସରେ ୫କୋଟିରୁ ଉର୍ଦ୍ଧ୍ୱ ଠକେଇ ଘଟଣା ପଦାକୁ ଆସିବା ପରେ ଓଡ଼ିଶା ପୁଲିସର ଚିନ୍ତା ପଶିଛି। ଏପରିକି ଦିଲ୍ଲୀରୁ ନାଇଜେରିଆ ଠକ ଗିରଫ ହେବା ପରେ ସେମାନଙ୍କୁ ପଚରାଉଚରା ପରେ ଏହି ଡିଜିଟାଲ ଆରେଷ୍ଟ ତଥ୍ୟ ପଦାକୁ ଆସିଥିଲା। କିଭଳି ସାଇବର ଠକ ବଡ଼ ବଡୁଆଙ୍କୁ ଟାର୍ଗେଟ କରନ୍ତି ଗିରଫ ହୋଇଥିବା କିଛି ନାଇଜେରିଆ ଠକ କ୍ରାଇମ୍‌ବ୍ରାଞ୍ଚକୁ ବତାଇଛନ୍ତି। ଏହା ଜଣାପଡ଼ିବା ପରେ ପୁଲିସ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି।



କୌଣସି ବ୍ୟକ୍ତି ଏଭଳି ହ୍ୱାଟ୍ସଆପ୍ କଲ୍ କରି ନିଜକୁ ସିବିଆଇ, ଇଡି ଏବଂ ଆଇବି କହୁଥିଲେ ବିଶ୍ୱାସ କରନ୍ତୁ ନାହିଁ। ସେମାନେ ଯଦି ଗିରଫର ଭୟ ଦେଖାଇ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଅନ୍ୟାନ ତଥ୍ୟ ମାଗନ୍ତି ଦିଅନ୍ତୁ ନାହିଁ। ଏନେଇ ସାଇବର ପୁଲିସର ଟୋଲଫ୍ରି ନମ୍ବରକୁ କଲ୍ କରି ଜଣାନ୍ତୁ ବୋଲି ସେ କହିଛନ୍ତି। ନିକଟରେ କିଛି ଉଚ୍ଚ ପଦସ୍ଥ ଅଧିକାରୀ ସାଇବର ଅପରାଧୀଙ୍କ ଜାଲରେ ଫସି ମୋଟା ଅଙ୍କରେ ଲୁଟର ଶିକାର ଅଭିଯୋଗ ହୋଇଛି। ଦିଲ୍ଲୀରୁ ୨ ନାଇଜେରୀୟଙ୍କୁ ଗିରଫ କରି ଓଡ଼ିଶା ଆଣିବା ପରେ ଆମ ରାଜ୍ୟରେ ବି ଡିଜିଟାଲ ଆରେଷ୍ଟ ତରିକାର ନେଟୱାର୍କ ବଢୁଥିବା ନେଇ ଚର୍ଚ୍ଚା ହେଉଛି। ସାଇବର ଲୁଟେରାଙ୍କ ଠକେଇର ନୂଆ ତରିକା ଡିଜିଟାଲ ଆରେଷ୍ଟ। ଅନଲାଇନରେ ବଡ଼ ବଡ଼ ଅଫିସରଙ୍କୁ ବୋକା ବନାଇ ଲୁଟୁଛନ୍ତି କୋଟି କୋଟି ଟଙ୍କା। ଗଲା କିଛି ମାସ ଭିତରେ ଓଡ଼ିଶାରେ ବି କାୟା ବିସ୍ତାର କଲାଣି ଡିଜିଟାଲ ଆରେଷ୍ଟ ତରିକାର ବଡ଼ ନେଟୱାର୍କ। ଡିସେମ୍ବର ୨୦୨୩ରେ ରାଜ୍ୟର ଜଣେ ଅବସରପ୍ରାପ୍ତ ବରିଷ୍ଠ ଆଇଏସ ଅଧିକାରୀଙ୍କଠାରୁ ଲୁଟ୍ ହୋଇଥିଲା ଅଢେଇ କୋଟିରୁ ଅଧିକ ଟଙ୍କା। ପରେ ମେ ୨୦୨୪ ରେ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ସାଇବର ଲୁଟେରା ଠକି ନେଇଥିଲେ ୩୦ ଲକ୍ଷ। ଏନେଇ କ୍ରାଇମବ୍ରାଞ୍ଚ ସାଇବର ସେଲରେ ଅଭିଯୋଗ ପରେ ପୂର୍ବତନ ଆଇଏଏସଙ୍କୁ ଲୁଟ୍ ଘଟଣାର ପ୍ରାୟ ୭ ମାସ ପରେ ଲୁଟେରାଙ୍କ ପାଖରେ ପହଞ୍ଚିଥିଲା କ୍ରାଇମବ୍ରାଞ୍ଚ ପୁଲିସ। ସେହିଭଳି ଦ୍ୱିତୀୟ ଘଟଣାରେ ୫ ଅନ୍ତର୍ଜାତୀୟ ଲୁଟେରାଙ୍କୁ ଗତ ବର୍ଷ ଜୁନ୍ ୧୮ରେ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ। ଏ ଦୁଇଟି ଯାକ ହାଇପ୍ରୋଫାଇଲ୍ ଲୁଟ୍ ମାମଲା ସାମ୍ନାକୁ ଆସିବା ପରେ ଏବେ ଓଡ଼ିଶାରେ ଯେ ଡିଜିଟାଲ ଆରେଷ୍ଟ ଲୁଟ୍ ତରିକାର ଜାଲ ବିଛା ସରିଛି, ସେ କଥା ସ୍ପଷ୍ଟ ହୋଇଛି। ତେଣୁ ବଡ଼ ବଡ଼ ଅଫିସରଙ୍କୁ ବିଭିନ୍ନ ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପୁଲିସ। ତେବେ କ'ଣ ଏହି ଡିଜିଟାଲ ଆରେଷ୍ଟ? କେଉଁ ଉପାୟରେ ବଡ଼ ବଡ଼ିଆଙ୍କଠାରୁ ମୋଟା ଅଙ୍କର ଲୁଟ୍ କରୁଛନ୍ତି ସାଇବର ଲୁଟେରା ? ବିଶେଷଜ୍ଞଙ୍କ ମତରେ ଡାକ୍ତର, ବ୍ୟାଙ୍କର, ଉଚ୍ଚ ପଦପଦବୀରେ ଥିବା ଅଧିକାରୀଙ୍କୁ ଭୟ ଦେଖାଇ ଲୁଟେରା କରୁଛନ୍ତି ଡିଜିଟାଲ ଆରେଷ୍ଟ।

**■ ସିବିଆଇ, ଇଡ଼ି ଏବଂ ଆଇବି ଅଧିକାରୀ କହି ଲୁଟୁଛନ୍ତି**
**■ ଦୁଇମାସରେ ୫ କୋଟିରୁ ଅଧିକ ଲୁଟିଲେଣି**
**■ ଏଭଳି ନକଲି ପୁଲିସକୁ ପ୍ରତି ସତର୍କ ରହିବାକୁ ପରାମର୍ଶ**

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

ସକାଳ THE SAKALA

## ମୂଲ୍ୟବୋଧର ସୁରକ୍ଷା

ଗତ ସାତଦିନ ମଧ୍ୟରେ ଦେଶରେ ଏଭଳି ତିନିଟି ଅଘଟଣ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିଛି, ଯାହା ଆଜିର ସଭ୍ୟ ସମାଜ ଓ ଏକବିଂଶ ଶତାବ୍ଦୀର ମାନବ ସଭ୍ୟତା ପ୍ରତି ଏକ କଳଙ୍କ କହିବାର ଯଥାର୍ଥତା ରହିଛି। ଗଣମାଧ୍ୟମର ଦୃଷ୍ଟି ଆଢୁଆଳରେ ଦେଶରେ ପ୍ରତିକୋଣରେ ପ୍ରତିକ୍ଷଣରେ ଏଭଳି ଅନେକ ସ୍ପର୍ଶକାତର ଘଟଣା ଘଟୁଥିଲେ ମଧ୍ୟ ନିର୍ଯାତିତ ଓ ପୀଡ଼ିତମାନେ ଭାଗ୍ୟକୁ ଆଦରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। କେଉଁଠାରେ ଦଳିତମାନଙ୍କର ଘର ପୋଡ଼ି ଦିଆଯାଉଛି ତ କେଉଁଠାରେ ନିଆଁପାଣି ବାସନ୍ଦ କରାଯାଉଛି। ଏପରିକି ପିଇବା ପାଇଁ ପାଣିରୁ ମଧ୍ୟ ବଞ୍ଚିତ କରାଯାଉଛି। ସେଥିମଧ୍ୟରୁ କାଁ ଭାଁ କେତୋଟି ଘଟଣା ଗଣମାଧ୍ୟମ ଜରିଆରେ ପ୍ରତିଫଳିତ ହେଉଛି।

ନିକଟରେ ଘଟିଥିବା ସେଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଉତ୍ତରପ୍ରଦେଶରେ ଇଟାହ୍ୱା ଜିଲ୍ଲାର ଦାଦରପୁର ଗାଁରେ ଜଣେ ଦଳିତ ବ୍ୟକ୍ତି ପ୍ରବଚନ ଦେଉଥିବା ବେଳେ ସେଥିପାଇଁ ତାଙ୍କର ଅଧିକାର ଉପରେ ପ୍ରଶ୍ନ ଉଠାଇ କିଛି ଲୋକ ତାଙ୍କୁ ଅଧାମୁଣ୍ଡନ କରିବା ଓ ପରିସ୍ରା ପିଇବାକୁ ବାଧ୍ୟ କରିବା ସହିତ ମାଡ଼ ମାରିଥିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଦ୍ୱିତୀୟ ଘଟଣା ଘଟିଛି ଓଡ଼ିଶାରେ। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିରି ଗ୍ରାମରେ ଦଳିତ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ସେମାନଙ୍କ ଝିଅର ଶାଶୂଘରକୁ ଯୌତୁକ ଦେବା ପାଇଁ ତିନିଟି ଗାଈ ନେଇ ଯାଉଥିବା ବେଳେ କିଛି ଲୋକ ସେମାନଙ୍କୁ ଅଟକାଇ ଚାନ୍ଦା ଦାବି କରିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନଙ୍କୁ ଗୋଚାଲାଣକାରୀ ଭାବେ ଅଭିଯୁକ୍ତ କରି ଅଧା ମୁଣ୍ଡନ କରାଇବା ସହିତ ନର୍ଦ୍ଦମା ପାଣି ପିଆଇବା ଏବଂ ପ୍ରାୟ ଦୁଇକିମି ପର୍ଯ୍ୟନ୍ତ ଆଣ୍ଠେଇ ଚାଲିବାକୁ ବାଧ୍ୟ କରିଥିଲେ। ଦୁଇଟିଯାକ ଘଟଣାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଓଡ଼ିଶା ଘଟଣାରେ ଦଳିତ ମହାସଭା ଆପତ୍ତି ଉଠାଇଥିବା ବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଘଟଣାକୁ ନିନ୍ଦା କରିଛନ୍ତି। ଉତ୍ତରପ୍ରଦେଶ ଘଟଣାରେ ମାନବାଧିକାର ଆୟୋଗ ରିପୋର୍ଟ ତଲବ କରିଛନ୍ତି। ତୃତୀୟ ଘଟଣା ଘଟିଛି ଏକ ଘରୋଇ ବିମାନ ଚଳାଚଳ ସଂସ୍ଥାରେ। ବିମାନରେ ତାଲିମ ନେଉଥିବା ଜଣେ ଅଧସ୍ତନଙ୍କୁ ଉପରିସ୍ଥ ଅଧିକାରୀ ଜାତିଆଣ ଆକ୍ଷେପ କରି ନିର୍ଯାତନା ଦେଇଥିବା ଅଭିଯୋଗ ଆସିଛି। ବିମାନ ସଂସ୍ଥା ପକ୍ଷରୁ ଜାତିଆଣ ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ମଧ୍ୟ ପୁଲିସ୍ ଏଫ୍ଆଇଆର ବଳରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜାତିଆଣର ଧୂଆଁ ଯେ ଶିକ୍ଷ୍ୱ ଓ ସମ୍ଭ୍ରାନ୍ତ ଜଗତକୁ ମଧ୍ୟ ବ୍ୟାପୀଚାଲିଛି ତାହା ଉପରୋକ୍ତ ଘଟଣାରୁ ପ୍ରମାଣିତ ହୋଇଛି।

ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ତା'ର ସମ୍ବିଧାନର ୭୫ତମ ବର୍ଷ ପାଳନ କରୁଛି। ଦେଶ ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଛି। ରୂଢ଼ିବାଦୀ ପରମ୍ପରା ଅନ୍ଧବିଶ୍ୱାସ ଆଦିକୁ ପଛରେ ଛାଡ଼ି ବିଶ୍ୱଗୁରୁ ହେବା ପାଇଁ ଭାରତ ସ୍ୱପ୍ନ ଦେଖୁଛି। ଅଥଚ ଆଜି ମଧ୍ୟ ଆମ ସମାଜ ମଧ୍ୟଯୁଗୀୟ ରକ୍ଷଣଶୀଳତା ଓ ବର୍ବରତାରୁ ମୁକ୍ତି ପାଇନାହିଁ। ଆମ ସମ୍ବିଧାନର ଅନେକ ବିଶେଷତ୍ୱ ମଧ୍ୟରୁ ସ୍ୱତନ୍ତ୍ର ହେଲା ସମାଜର ନିମ୍ନସ୍ତରରେ ଥିବା ବର୍ଗଙ୍କ ବିକାଶ ଓ କଲ୍ୟାଣ। ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠେ ଆମେ ୭୫ ବର୍ଷ ଭିତରେ ସମ୍ବିଧାନର ଏହି ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇଛୁ କି? ଇଟ୍‌ହ୍ୱା ଓ ଧରାକୋଟ ପରି ଘଟଣା ଭିଆଇ ଆମେ ଆମ ଦେଶଶାସନ ଓ ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ ସମ୍ବିଧାନର ସ୍ୱତଃ ଅପମାନ କରୁନାହୁଁ କି? ସଂଯୋଗବଶତଃ ଏହି ଦୁଇଟି ଯାକ ରାଜ୍ୟ ନିକଟରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରିଛନ୍ତି। ତେଣୁ ଉକ୍ତ ଦିବସ ପାଳନର ଶବ୍ଦାର୍ଥ ଓ ତାତ୍ତ୍ୱିକ ଅନୁଶୀଳନ ଏବଂ ଦଳିତ ବିରୋଧୀ ଅଘଟଣକୁ ମିଶାଇ ତର୍ଜମା କଲେ ସାଧାରଣ ଭାବେ ଯେଉଁ ନିଷ୍କର୍ଷ ଆସୁଛି ତାହାର ସରଳ ଓ ସ୍ପଷ୍ଟ ବ୍ୟାଖ୍ୟା ଜରୁରୀ ମନେ ହୁଏ।

ପ୍ରାଚୀନ କାଳରୁ ବର୍ଣ୍ଣାଶ୍ରମ ଆଧାରରେ ଗଢ଼ି ଉଠିଥିବା ଭାରତୀୟ ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପ୍ରଥାରୁ ଯେ ଜାତିବାଦ ବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ସମ୍ପୂର୍ଣ୍ଣ ଲୋପ କରିଦିଆଯାଇପାରିବ ସେ କ୍ଷମତା ବା ସୁଯୋଗ ଆପାତତଃ କୌଣସି ଶାସନ ଓ ପ୍ରଶାସନର ଥିବା ପରି ମନେ ହେଉନାହିଁ। ତେଣୁ କୌଣସି ସରକାରଙ୍କୁ ଏଥିପାଇଁ ଆକ୍ଷେପ ବା ସମାଲୋଚନା କରିବା ବୃଥା। ଅନ୍ତତଃ ସ୍ୱାଧୀନତାର ଅମୃତକାଳ ମଧ୍ୟରେ ଜାତିବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସମ୍ଭାବନା ଯେ ଆଦୌ ନାହିଁ, ତାହା ଆଗାମୀ ଜାତିଭିତ୍ତିକ ଜନଗଣନା ଘୋଷଣାରୁ ଜୋର ଦେଇ କହିହେଉଛି। ଆଇନ କାନୁନ ଓ ବିଧିବ୍ୟବସ୍ଥା ଯେତେ ସ୍ୱଚ୍ଛ, ସରଳ, ଉଦାର କିମ୍ବା କଠୋର ହେଲେ ମଧ୍ୟ ଆମ ଗଣତନ୍ତ୍ରର ନିର୍ବାଚନୀ-ସଂସ୍କୃତି ଜାତିବାଦକୁ ସମାପ୍ତ ହେବାକୁ ଦେବ ନାହିଁ - ଏହା ଅବଧାର୍ଯ୍ୟ। କେବଳ ଆରୋପ-ପ୍ରତ୍ୟାରୋପ, ଆଲୋଚନା-ସମାଲୋଚନା, ଆଲୋଡ଼ନ-ସମବେଦନାର କିଞ୍ଚିତ ଜଳଛିଞ୍ଚନ ଦ୍ୱାରା ଜାତିଆଣ ହିଂସା ଓ ଉତ୍ତେଜନା ସାମୟିକ ପ୍ରଶମିତ ହୋଇଯିବ ସିନା ପାଉଁଶ ତଳେ ଥିବା ନିଆଁ କେବେ ଲିଭିବ ନାହିଁ। ସମୟ ସମୟରେ ଉତ୍ସୁକାଣର ପବନରେ ତାହା ପୁଣି ଅଗ୍ନିସ୍ଫୁଲିଙ୍ଗ ପାଲଟୁଥିବ ଏବଂ ଇତିହାସରେ ଗୋଟିଏ ଲେଖାଏଁ କଳଙ୍କିତ ଅଧ୍ୟାୟ ଲେଖି ଚାଲିଥିବ।

ସାମାଜିକ ବ୍ୟବସ୍ଥାରୁ ଜାତିଆଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ ନ ହେବା ପଛରେ ଅନେକ କାରଣ ରହିଛି। କିନ୍ତୁ ଏହା ଯଦି ଉଚ୍ଚଶିକ୍ଷିତ ଓ ସଭ୍ୟ ସମାଜର ପରିଚାୟକ କର୍ପୋରେଟ୍ କ୍ଷେତ୍ରକୁ ବ୍ୟାପିଥାଏ ତେବେ ତାହାର ପ୍ରତିକାର ଏକ ଉଦ୍‌ବେଗଜନକ ଓ ଜଟିଳ ପ୍ରସଙ୍ଗ। କର୍ପୋରେଟ୍ ଅର୍ଥନୀତିରେ ଜାତିବାଦକୁ ଅନୁଶୀଳନ କରି ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକର କହିଥିଲେ ଯେ ଅର୍ଥନୀତିରେ ଜାତିବାଦ ଶ୍ରମ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବର) ନୁହେଁ, ବରଂ ଶ୍ରମିକଙ୍କ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବରର)। ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଭାରତୀୟ ସାମାଜିକ ବ୍ୟବସ୍ଥାରେ ଏଭଳି ତୀବ୍ର ବର୍ଣ୍ଣବୈଷମ୍ୟ ଓ ଜାତିଆଣ ମନୋଭାବରୁ ହିଁ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥାଟି ଜନ୍ମ ନେଇଥିଲା, ଯାହା ହଟିବାର କୌଣସି ସମ୍ଭାବନା ଭବିଷ୍ୟତରେ ଦେଖାଯାଉନାହିଁ।

ଆମ ଧର୍ମଧାରଣା ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ସର୍ବଧର୍ମ ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟ ଭାବନାର ଊର୍ଦ୍ଧ୍ୱରେ ମାନବତାର ଉଦ୍‌ଘୋଷଣା କରୁଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପତିତପାବନ ଜଗତରନାଥ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ବଡ଼ଦାଣ୍ଡକୁ ଆସିଛନ୍ତି। ଏହି ପତିତପାବନ ଯାତ୍ରାର ପବିତ୍ର ସନ୍ଦେଶ ଆମ ଜୀବନାଦର୍ଶ ହେଉ। ସବର୍ଣ୍ଣ-ଅସବର୍ଣ୍ଣ ବିଭେଦରୁ ଊର୍ଦ୍ଧ୍ୱରେ ଆମ ଦୃଷ୍ଟିକୋଣ ଓ ମାନସିକତା ମାନବବାଦୀ ହେଉ। ମାନବତାର ସୁରକ୍ଷା ହୋଇପାରିଲେ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ସ୍ୱତଃ ହୋଇଯିବ।

## ଘୋଷଯାତ୍ରାରେ ଶ୍ରୀପୁରୁଷୋତ୍ତମ ଚେତନା

ଚାରଣ ବସନ୍ତ ପଣ୍ଡା

ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା। ବଡ଼ଦାଣ୍ଡରେ ଦିବ୍ୟ ଆଭରଣରେ ମଣ୍ଡିତ ହୋଇ ଝଟକୁଛନ୍ତି ତିନିରଥ। ନିର୍ଦ୍ଦେଶ ପାଇବା ମାତ୍ରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଅତିକ୍ରମ କରିଯିବେ। ରଥରୂଢ଼ ନୀଳାଚଳ ଶିଖା ମଣେ। କ୍ଷରଶୀଳ ଜଗତରୁ ଅତୀତ, ଅକ୍ଷର ଜୀବ ଭୂତ ଆତ୍ମାଠାରୁ ଶ୍ରେଷ୍ଠ, ସବୁର ଆଦି, ଅନ୍ତ, ମଧ୍ୟ, ପରମ- ଧାମ ଓ ଆଧାର ମଧ୍ୟ ଏହି। ଏଠି ରାଜା-ପ୍ରଜା, ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। କେହି ଜ୍ୟେଷ୍ଠ-ଶ୍ରେଷ୍ଠର ଅଧିକାରୀ ନୁହନ୍ତି। ସେହି କ୍ଷରାକ୍ଷରାତୀତ ଏ ପରମ ପୁରୁଷ ଜଗତର ଏକମାତ୍ର କାରଣ। ସମସ୍ତ ଚିନ୍ତା-ଚେତନାକୁ, ଧର୍ମ-ଧାରଣାକୁ ଧଣ୍ଡା ମାଳ ସମ ଗଳାରେ ଲମ୍ବାଇ ସୃଷ୍ଟି କରିଛନ୍ତି ଏକ ଧର୍ମୀୟ ମହୋଦଧି। 'ଐତିହାସିକତାର ପ୍ରମାଣ ଖୋଜ ନାହିଁ; କେବଳ ମାନବବାଦର ଆଧାତ୍ମିକ ଭାବନାକୁ ସାକ୍ଷ୍ୟ ରୂପେ ଗ୍ରହଣ କର' - ଏ ଭାବନା ତାଙ୍କ ସଂସ୍କୃତିରେ ପାଖୁଡ଼ା ପାଖୁଡ଼ା ହୋଇ ଉନ୍ମୋଚିତ ହୋଇଛି।

ବହୁ ଧର୍ମର ଧ୍ୱଜା ଏ ମାଟିରେ ଉଡ଼ିଛି। ବହୁ ଧର୍ମର ମହାପ୍ଲାବନ ଘଟିଛି ଏ ମାଟିରେ। ତଥାପି ତା'ର ରୂପ, ଗୁଣ, ଧର୍ମକୁ କେହି ପରିବର୍ତ୍ତନ କରିପାରି ନାହାନ୍ତି; ବରଂ ସେମାନେ ସେ ଦାରୁଦେହରେ ସ୍ୱ ସ୍ୱ ଧର୍ମର ଇଷ୍ଟକୁ ଦର୍ଶନ କରି ପ୍ରତ୍ୟେକେ ତା'କୁ ନିଜର କରି ନେଇଛନ୍ତି। ଫଳତଃ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ଏକ ବିରାଟ ସାଂସ୍କୃତିକ ସୌଧ। ସମୟର ସ୍ରୋତରେ ମହାଭାରତୀୟ ବିଚାରଧାରା, ବ୍ୟବହାରିକ ରୀତିନୀତିକୁ ନେଇ ଗଢ଼ି ଉଠିଥିବା ଆର୍ଷ ଓ ଆପ୍ତ ରୂପକ ଦୁଇଟି ପରମ୍ପରା ଦିନେ ବିପରୀତ ଦିଗରେ ଧାବିତ ହୋଇ ସରସ୍ୱତୀ ସଭ୍ୟତାଠାରୁ ଆରମ୍ଭ କରି ସରିତ ସଭ୍ୟତା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା। ଗୋଷ୍ଠୀ ଭାବନାକୁ କେନ୍ଦ୍ର କରି ମୈତ୍ରୀ ଭାବନା ବିବାଦରେ ପରିଣତ ହୋଇଥିଲା। ସେହି ବିବାଦର ସମାଧାନ ଏହିଠାରେ ହିଁ ସମ୍ଭବ ହୋଇଛି।

ବଡ଼ ବିଚିତ୍ର ବିଚିତ୍ର ଏହାଙ୍କ ପରମ୍ପରା। ଯେଉଁଠାରେ ଶବର, ଦିଶାରି ଓ ଆର୍ଯ୍ୟ ପୁରୋଧା ସମାନ ଭାବରେ ସ୍ୱ ସ୍ୱ ଆସନରେ ମର୍ଯ୍ୟାଦାବନ୍ତ ହୋଇଥା'ନ୍ତି। ଯେଣୁ ଏ ସଂସ୍କୃତିର ମୂଳମନ୍ତ୍ର ସମନ୍ୱୟବାଦ, ଏହାଙ୍କ ଯଜ୍ଞ ପ୍ରତିଷ୍ଠିତ ଅନ୍ନ(ମହାପ୍ରସାଦ) ଜାତିଭେଦ ରହିତ। ମୁକ୍ତିକାମୀ ଜନଜୀବନର ଆଲୋକବର୍ତ୍ତିକା। ଏହାଙ୍କ ନିର୍ମାଣ ଶୈଳୀକୁ ଦେଖାଯାଉ। ସବୁରି ମଧ୍ୟରେ ତାଙ୍କର ନେତ୍ରଦ୍ୱୟ। କେହି କେବେ ଏହାଙ୍କ ନେତ୍ରଦ୍ୱୟକୁ ରମଣୀୟ ନେତ୍ର କହିପାରେ? ଶାବର ପଦ୍ଧତିରେ ଏ ନେତ୍ର ଉପାସିତ ହେଉଥିଲେ ମଧ୍ୟ ସମଗ୍ର ଜଗତ୍ ଏ ନେତ୍ର ମଧ୍ୟରେ ଯେଉଁ ଚରମ ସତ୍ୟକୁ ଉଦ୍‌ଘାଟନ କରିଛି, ତାହା ହେଉଛି 'ସମ ଦୃଷ୍ଟିପାତ'। ନେତ୍ର ମଧ୍ୟସ୍ଥ ଘୂର୍ଣ୍ଣୟମାନ ସେ ତ୍ରାଟକ ଡୋଳା, ଦଶଦିଶାକୁ ସମ ବ୍ୟବଧାନରେ ଧାବିତ ହୋଇଥାଏ। ଏଥିରୁ କ'ଣ ପ୍ରମାଣିତ ହୁଏ? ଏଥିରୁ ପ୍ରମାଣିତ ହୁଏ ଏ ଦ୍ରଷ୍ଟା ନିରପେକ୍ଷ ଭେଦଭାବରହିତ। ଅଙ୍ଗୁଳିଯୁକ୍ତ ହସ୍ତ ଦଣ୍ଡ ନିର୍ଦ୍ଦିଷ୍ଟ ବସ୍ତୁକୁ ସ୍ପର୍ଶ ଜନିତ ସୁଖ ପ୍ରଦାନ କରିଥାଏ। ମାତ୍ର ଅଙ୍ଗୁଳି ବିହୀନ ହସ୍ତ ସାର୍ବଜନୀନ ସୁଖ ଦିଏ, ଯାହାକି ସଦା ନିରପେକ୍ଷତା ଉପରେ ପ୍ରତିଷ୍ଠିତ।

ଏବେ ଏହାଙ୍କ ସୃଷ୍ଟିରେ ବିରଳ ଦର୍ଶନ ବିଧିକୁ ଦେଖାଯାଉ। ଦେଖିଛ କେଉଁଠାରେ ସାଧକ ତା'ର ସାଧ୍ୟକୁ କୋଳ କରିବାର ପଦ୍ଧତି? ଉପାସ୍ୟ ତା'ର ଉପାସକକୁ ଆଲିଙ୍ଗନ କରିବାର ଭାବଭଙ୍ଗୀ? ଏଥିରେ ଜାତି-ଅଜାତି, ସ୍ପୃଶ୍ୟ-ଅସ୍ପୃଶ୍ୟର ହୀନମାନ୍ୟତା ଭାବ ନାହିଁ। ଏବେ ଦେଖିବା ବର୍ଣ୍ଣ ବା ରଙ୍ଗ ଭେଦ। ସମଗ୍ର ବିଶ୍ୱବାସୀଙ୍କୁ ତିନି ଗୋଟି ବର୍ଣ୍ଣ (ରଙ୍ଗ) ଭେଦରେ ବିଭକ୍ତ କରାଯାଇପାରେ - ଶ୍ୱେତ, ପୀତ, କୃଷ୍ଣ। ତାହାର ଏକତ୍ରୀକରଣ ଶ୍ରୀପୁରୁଷୋତ୍ତମ ଚେତନାରେ ସମ୍ଭବ ହୋଇପାରିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ମୁଣ୍ଡଟେକି ଉଠୁଥିବା ବର୍ଣ୍ଣଭେଦ ଭାବ ଏଠାରେ ବିଲୟ ଘଟିଛି। ପ୍ରକାରାନ୍ତରେ ଶ୍ରୀପୁରୁଷୋତ୍ତମ ଚିନ୍ତନ ଘୋଷଣା କରୁଛି - ବର୍ଣ୍ଣବୈଷମ୍ୟ ଜନିତ ଭାବନାକୁ ମନ ମଧ୍ୟରୁ ପରିହାର କରି ଭ୍ରାତୃତ୍ୱର ଶୃଙ୍ଖଳାରେ ସମସ୍ତେ ଆବଦ୍ଧ ହୁଅ।

ମଣିଷ ମନରେ ପୂର୍ଣ୍ଣତା ଆସେ, ଯେବେ ତା'ର ମନ ମଧ୍ୟରେ ସହନଶୀଳତାର ଭାବ ସାର୍ଥକ ଲଭେ। ଅର୍ଥାତ୍ ଯେତେବେଳେ ସେ ଦୀପ୍ତତା ସହିତ ସହନଶୀଳତାକୁ ସମଞ୍ଜାନ କରେ। ଏପରି ଧାରା କେବଳ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ସଂସ୍କୃତିରେ ପ୍ରତିଭାତ ହେଉଛି। ଏଠାରେ ସୃଷ୍ଟି ବିଚାର ଧାରାକୁ ପର୍ଯ୍ୟାଲୋଚନା କରାଯାଉ। ଜଗତରେ ଯେତେ ପଦାର୍ଥ ଅଛି, ତା'କୁ ଯଦି ଅଗ୍ନିରେ ନିକ୍ଷେପ କରିବା ତା'ର ଏକ ପାର୍ଶ୍ୱ ଉତ୍ତପ୍ତ ହେଲେ ଅପର ପାର୍ଶ୍ୱ ତାପ ପ୍ରଦାନ କରିବ। ମାତ୍ର ସମଗ୍ର ଜଗତରେ ଏକମାତ୍ର ଦାରୁ (କାଷ୍ଠ)କୁ ଯଦି ସେହି ପକ୍ରିୟାରେ ଦେଖାଯାଏ, ତେବେ ତା'ର ଏକ ପାର୍ଶ୍ୱ ଉତ୍ତପ୍ତ (ଜଳୁଥିବା) ହେଉଥିବା ସମୟେ ପାରପାର୍ଶ୍ୱ ଶୀତଳତା ପ୍ରଦାନ କରୁଥିବ। ତେଣୁ ଜଡ଼ ଓ ଚେତନା ମଧ୍ୟରେ ସମନ୍ୱୟ ରକ୍ଷା କରେ ଶ୍ରୀପୁରୁଷୋତ୍ତମ ସଂସ୍କୃତି, ଯାହାର ପଟାନ୍ତର ନାହିଁ। ଏ ଚିନ୍ତନକୁ ଭୁବନବିଦିତ କରିବା ପାଇଁ ସ୍ୱୟଂ ଦେବାଧିଦେବରାଜ ଆପଣାର ବାପୁକୁ ଦାରୁରେ ନିର୍ମାଣ କରାଇଛନ୍ତି।

ସେବା ଭାବକୁ ଦେଖିବା। ଆର୍ଯ୍ୟ ମତବାଦର ପ୍ରବର୍ତ୍ତକ ରାଜଶ୍ରୀ ଇନ୍ଦ୍ରଦ୍ୟୁମ୍ନ ଯଦି ଶାବରମାନଙ୍କୁ ଯଥାମାନ୍ୟ ମର୍ଯ୍ୟାଦା ଦେଇ ସେମାନଙ୍କୁ ତୃପ୍ତ କରିବାର ଅଭିଳାଷ ମନରେ ପୋଷଣ କରିଥା'ନ୍ତେ, ତେବେ ତାଙ୍କୁ ମହାପ୍ରଭୁଙ୍କ ବହୁ ମହାର୍ଘ୍ୟ ସେବା ମିଳି ପାରିଥା'ନ୍ତା। ପରନ୍ତୁ ଏ ପ୍ରତିଷ୍ଠାପକ ଶକ୍ତି ସମାଜର ସର୍ବକନିଷ୍ଠ ସେବା(ମାର୍ଜନୀ)କୁ ଆଦରି ନେଲେ କାହିଁକି? ପରକ୍ଷଣରେ ସେ ମହାଭାଗ ପ୍ରମାଣ କରିଦେଇ ଗଲେ ସମାଜର ସର୍ବୋଚ୍ଚ ଆସନରେ ଯେ ଆସୀନ ହେବ ସେ ସମାଜର ସର୍ବନିମ୍ନ ସେବାର ଆଦର୍ଶକୁ ଗ୍ରହଣ କରିବା ଉଚିତ୍। ସୃଷ୍ଟିର ଆଦିମ ଚିନ୍ତା ଏହି କି, କନିଷ୍ଠକୁ ତଥା ତାଙ୍କର ମହତ୍ତ୍ୱକୁ ପ୍ରତିଷ୍ଠା କରାଇବା ଜ୍ୟେଷ୍ଠର ପ୍ରଧାନ କର୍ତ୍ତବ୍ୟ। ତେଣୁ ଏ ଭାବ ଧାରାକୁ ଲୋକଲୋଚନରେ ପରିପ୍ରକାଶ କରିବା ପାଇଁ ସ୍ୱୟଂ ମହାପ୍ରଭୁ ତଳେ ରହି ପ୍ରାସାଦର ସର୍ବୋଚ୍ଚ ଶିଖରରେ ଦେବାୟୁଧ ସୁଦର୍ଶନଙ୍କୁ ସ୍ଥାନ ଦେଇ ତାହାଙ୍କ ନିକଟରେ ଜଗତର କଲ୍ୟାଣକାରୀ ବାଣୀକୁ ଉଦ୍‌ଘୋଷଣା କରାଉଛନ୍ତି। ଏ ସଂସ୍କୃତିରେ ଭାଇ-ଭଉଣୀ ମଧ୍ୟରେ ଯେଉଁ ଅପ୍ରାକୃତ ସ୍ନେହ, ପ୍ରେମ ତା'ର ସର୍ବବାଦୀ ଦର୍ଶନର ଚରମ ନିଦର୍ଶନ ମଧ୍ୟ ପ୍ରତିଷ୍ଠା ଲାଭ କରିଛି। ଏହି ଭାବଧାରାକୁ ଆଜି ସକଳ ମାନବ ସମାଜ ଆଦରି ନେବା ଉଚିତ୍।

ପରିଶେଷରେ ଏତିକି କୁହାଯାଇପାରେ ଯେ ଏ ସଂସ୍କୃତିରେ ସଦାସର୍ବଦା ଧର୍ମନିରପେକ୍ଷତା, ଧର୍ମସହବସ୍ଥାନ, ସମନ୍ୱୟବାଦୀ ଦର୍ଶନ, ନିରହଙ୍କାରିତା, ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ଘଟିଛି ପୁଷ୍କଳ ପରିପ୍ରକାଶ, ଯାହାକି କୌଣସି ଶାସକ ଆପଣାର କ୍ଷମତା ବଳରେ ଏହାକୁ ପ୍ରତିଷ୍ଠା କରିନାହିଁ, ବରଂ ଏହା ଶତାବ୍ଦୀ ଶତାବ୍ଦୀ ଧରି ସାଧନା, ପରୀକ୍ଷା, ନିରୀକ୍ଷା ମଧ୍ୟରେ ଗତିକରି ପରିପକ୍ୱତା ଲାଭ କରିଛି। ପରବର୍ତ୍ତୀ ସମୟରେ ଆତ୍ମୀୟତା ଓ ବିଶ୍ୱାସର ଶାଶ୍ୱତ ଧାରାରେ ରୂପ ନେଇଛି ଏକ ଗଣଧର୍ମର। ପୁରୁଷୋତ୍ତମ ଜଗନ୍ନାଥ ଉକ୍ତ ଚେତନା/ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ଜାତୀୟ ସଂହତି ରକ୍ଷାର ଦୃଢ଼ କବଚ। ସେ ଏକ ସ୍ୱଚ୍ଛ ମୁକୁର, ଯେଉଁଥିରେ ପ୍ରତିବିମ୍ବିତ ହୁଏ ମହାନ୍ ଐତିହ୍ୟ ତଥା ସୁସଂହତ ଭାବନାର, ଆଧାତ୍ମିକ ଉଦାରତାର, ମୈତ୍ରୀ ଚେତନାର, ବିଶ୍ୱ ଭ୍ରାତୃତ୍ୱର। ମାନବିକ ଐକ୍ୟ, ସାମ୍ୟ ତଥା ସମନ୍ୱୟବାଦ, ଜାତୀୟ ସଂହତି, ମାନବିକତା ଏବଂ ସୁସ୍ଥ ସାମାଜିକ ପରମ୍ପରାର ସନ୍ଦେଶ ଏହି ମହାନ ସଂସ୍କୃତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଘୋଷ ଯାତ୍ରା ଅବକାଶରେ ସତେଯେପରି ସୂକ୍ଷ୍ମ ଶ୍ରୁତି ଲଭ୍ୟ ଜ୍ଞାନରେ ଶୁଣାଉଛନ୍ତି - ହେ ବିଶ୍ୱ ମାନବ ଗଣ! ପରସ୍ପର ମଧ୍ୟରୁ ଭେଦଭାବ ଭୁଲି ସ୍ନେହର ବନ୍ଧନରେ ଆବଦ୍ଧ ହୁଅ। ସଂଘବଦ୍ଧ ଭାବରେ ମୈତ୍ରୀ ଭାବନାରେ ପରସ୍ପରକୁ କୋଳାଗ୍ରତ କର। କାରଣ ମୈତ୍ରୀ ପ୍ରଣୋଦିତ ଜନସଂହତି ବିନା ରାଷ୍ଟ୍ରସଂହତି ରକ୍ଷା ଅସମ୍ଭବ। ତେଣୁ ଐକ୍ୟବଦ୍ଧ ହୁଅ। ଏହାଦ୍ୱାରା ରାଷ୍ଟ୍ରୀୟ ମହତ୍ତ୍ୱ ପ୍ରତିଷ୍ଠା ହେବ। ମାନବିକତାର ଅମୀୟ ଧାରା ସର୍ବତ୍ର ପ୍ରବାହିତ ହେବ।

ପଦ୍ମଶ୍ରୀ ରଥଶର୍ମାଙ୍କ ଭାଷାରେ, ଶ୍ରୀଜଗନ୍ନାଥ ସଂସ୍କୃତି କେଉଁ ସ୍ମରଣାତୀତ କାଳରୁ ମହାଭାରତୀୟ ସନାତନ ଚିନ୍ତନରେ ଏକ ସାଂସ୍କୃତିକ ପିଣ୍ଡି, ଯେଉଁଥିରେ ବୈଦିକ ବିଚାର, ବ୍ରହ୍ମ ଜିଜ୍ଞାସାର ସିଦ୍ଧାନ୍ତ, ତାନ୍ତ୍ରିକ ଆଚରଣ ବିଧି, ପୌରାଣିକ ଆଦର୍ଶ ଗତ ଆଖ୍ୟାୟିକା ସ୍ତର ବିସ୍ତାରିତ ହୋଇଛି। ତାଦୃଶୀ ତାଙ୍କର ଘୋଷଯାତ୍ରା। ଆଜି ଜଗତ ଯୋଡ଼ହସ୍ତ ହୋଇ ପ୍ରାର୍ଥନା କରୁଛି - ହେ ମହାପ୍ରଭୁ! ତୁମେ ହିଁ ଜଗତର କାରଣ। ଜୟ ଜଗନ୍ନାଥ!


ନୟାଗଡ଼, ମୋ: ୯୨୩୭୦୯୫୨୪୯

## ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ

ମଦନ ମୋହନ ମହାପାତ୍ର

ବର୍ତ୍ତମାନ ବିଶ୍ୱ ଜନମାନସ ଆଗ ଭଳି ସାହିତ୍ୟାନୁରାଗୀ ନୁହେଁ। ବର୍ତ୍ତମାନ ସାହିତ୍ୟ ପଛ ଧାଡ଼ିରେ। ଆଗରେ ଅଛି -ଏସ.ଟି.ଇ.ଏମ.(ସାଇନ୍ସ-ବିଜ୍ଞାନ, ଟେକ୍‌ନୋଲଜି-ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ-ଯାନ୍ତ୍ରିକ ବିଦ୍ୟା, ମ୍ୟାଥମେଟିକ୍ସ-ଗଣିତ)। ଆମେରିକା, ଚୀନ ଆଦି ବିକଶିତ ଦେଶମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଜିର ଦୁନିଆ ସହିତ ତାଳ ଦେଇ ନିଜକୁ ବଞ୍ଚାଇ ରଖିବାକୁ ହେଲେ ଏହା ଉପରେ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ ହେଇପଡ଼ିଛି।

ଜେଡ ଜେନେରେସନର କ୍ୱଚିତ ପିଲା (୧୩ ରୁ ୨୮ ବର୍ଷ ବୟସ) କ୍ଲାସିକ କିମ୍ବା ସମସାମୟିକ ସାହିତ୍ୟ ପଢ଼ନ୍ତି ବା କୌଣସି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଜାଣନ୍ତି। କେବଳ ବେବି ବୁମର୍ସ (ଜନ୍ମ ୧୯୪୬-୧୯୬୪) ଏବଂ ଜେନ ଏକ୍ସ (ଜନ୍ମ ୧୯୬୫-୧୯୮୦)ମାନେ ସାହିତ୍ୟ ପାଠକ ବର୍ଗର ଅଟନ୍ତି। ଅର୍ଥାତ ସାହିତ୍ୟ ଧାରାରେ ନୂଆ ପିଢ଼ିର ଉପସ୍ଥିତି ନଗଣ୍ୟ। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ। ଏଠାରେ ସାଧାରଣ ସାହିତ୍ୟ ପାଠକଙ୍କ ସଂଖ୍ୟା ଖୁବ କମ ଏବଂ ପ୍ରାୟତଃ ବୟସ୍କ କବି ଓ ଲେଖକମାନେ ହିଁ ପରସ୍ପରର କୃତି ପଢ଼ିବାର ଦେଖାଯାଇଥାଏ। ସାଧାରଣ ଲୋକଙ୍କର ସାହିତ୍ୟ ସହିତ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ ମିଡିଆର କିଛି ସୋପ ଅପେରା, ଲଘୁ ସଙ୍ଗୀତ, ଶସ୍ତା ଧାରାବାହିକ ଓ ଫର୍ମୁଲା ଚଳଚ୍ଚିତ୍ରରେ ସୀମିତ ହେଇ ରହିଯାଉଛି। ଅପରପକ୍ଷରେ ଉନ୍ନତମାନର ଓଡ଼ିଆ ଚଳଚ୍ଚିତ୍ର, ଲଘୁ ସଙ୍ଗୀତ ଓ ଧାରାବାହିକ ଅଭାବରେ ଓଡ଼ିଶାର ଦର୍ଶକମାନଙ୍କ ନିକଟରେ ଦିନକୁ ଦିନ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର ଓ ଲଘୁ ସଙ୍ଗୀତର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।




ଏ ତ ଗଲା ସାହିତ୍ୟ କଥା। ଭାଷାକୁ ଆସିବା। ଏ ବିଷୟରେ ତର୍ଜମା କଲା ବେଳେ ଓଡ଼ିଆ ଭାଷାର ଭବିଷ୍ୟତ ସେତେ ଉଜ୍ଜ୍ୱଳ ଦେଖାଯାଏ ନାହିଁ। ପୃଥିବୀର ପ୍ରାୟ ୮୨୨ କୋଟି ଲୋକଙ୍କ ଭିତରୁ ଇଂରାଜୀ ଭାଷାଭାଷୀ ମାତ୍ର ୩୯ କୋଟି ବା ୪.୭%। କିନ୍ତୁ ପୃଥିବୀର ପାଖାପାଖି ୧୫୩ କୋଟି ବା ୧୮.୬% ଲୋକ ଇଂରାଜୀ ବ୍ୟବହାର କରନ୍ତି, ଯାହାକି ସର୍ବାଧିକ ବ୍ୟବହୃତ ଭାଷାର ମାନ୍ୟତା ପାଇଚାଲିଛି। ପ୍ରାୟ ୫ କୋଟି ଓଡ଼ିଆ ବିଶ୍ୱ ଜନସଂଖ୍ୟାର ପାଖାପାଖି ୦.୬ ଭାଗ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୮୨ ଭାଗ ଲୋକଙ୍କର ମୁଖ୍ୟ ବ୍ୟବହୃତ ଭାଷା ଓଡ଼ିଆ। ଓଡ଼ିଶା ବାହାରେ ରହୁଥିବା ଖୁବ କମ ଲୋକ ଓଡ଼ିଆ ବୁଝିପାରନ୍ତି।

ଦିନକୁ ଦିନ ଅଣଇଂରାଜୀ ଭାଷାଭାଷୀ ଦେଶ (ଭାରତ, ଚୀନ, ଜର୍ମାନୀ, ନେଦରଲାଣ୍ଡ ସମେତ ଅନ୍ୟ ଏସୀୟ ଓ ଆଫ୍ରିକୀୟ ଦେଶ)ମାନଙ୍କରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ବଢ଼ି ଚାଲିଛି। ସମଗ୍ର ବିଶ୍ୱରେ କେବଳ ଇଂରାଜୀ ହିଁ ସାଧାରଣ ଭାବ ବିନିମୟ ଓ ଶିକ୍ଷାର ମାଧ୍ୟମ ହେବାକୁ ବସିଛି। କାରଣ ଇଂରାଜୀ ଭିନ୍ନ ଅନ୍ୟ ଭାଷାରେ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ଓ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିଷୟରେ ଜ୍ଞାନ ଆହରଣ କରିବା ଏବଂ ବୈଜ୍ଞାନିକ, ଯୁକ୍ତିବାଦୀ ଆଧୁନିକ ମଣିଷର ଭାବାବେଗକୁ ପ୍ରକାଶ କରିବା କଷ୍ଟକର। ସେଥିପାଇଁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଇଂରାଜୀ ଶବ୍ଦ ଓ ଭାଷାର ପ୍ରଚଳନ ଅପରିହାର୍ଯ୍ୟ ହେଇପଡ଼ିଛି।

ଓଡ଼ିଆ ମାଧ୍ୟମରେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ। ଓଡ଼ିଆ ମାଧ୍ୟମରେ ଦଶମ ଯାଏଁ ପଢ଼ିଥିବା ଏବେକାର ଅନେକ ଓଡ଼ିଆ ପିଲା ହିନ୍ଦୀ ଓ ସଂସ୍କୃତ ବିଷୟକୁ ତୃତୀୟ ଭାଷା ଭାବେ ନେଇ ପଢ଼ନ୍ତି। ଅପରପକ୍ଷରେ ଓଡ଼ିଆ କିମ୍ବା ଅନ୍ୟ ଭାରତୀୟ ଭାଷା ଠିକ ଭାବେ ପଢ଼ି ବା ବୁଝି ପାରୁ ନ ଥିବା ବେଳେ ପ୍ରତ୍ୟେକ କାମ ପାଇଁ କେବଳ ଇଂରାଜୀକୁ ହିଁ ଏକମାତ୍ର ବିକଳ୍ପ ଭାଷା ଭାବେ ବାଛି ନେଇଥିବାର ପ୍ରତ୍ୟକ୍ଷ ଅନୁଭୂତି ଲେଖକର ରହିଛି। ବର୍ତ୍ତମାନ ପିଢ଼ି ସାମ୍ନାରେ ପ୍ରଶ୍ନବାଚୀ - ଯଦି ସେମାନେ ଇଂରାଜୀରେ ମେଲ କରିବେ, ମେସେଜ କରିବେ, ଚାଟିଂ କରିବେ, ପାଠ ପଢ଼ିବେ, ସାକ୍ଷାତକାର ଦେବେ, ଅଫିସ କାମ କରିବେ, ମନୋରଞ୍ଜନ ପାଇଁ ଇଂରାଜୀ ଚଳଚ୍ଚିତ୍ର ଦେଖିବେ ତେବେ ଓଡ଼ିଆ ପଢ଼ିବେ କାହିଁକି? ଆଉ ବିନା ଭାଷାଜ୍ଞାନରେ ସାହିତ୍ୟର ଗଭୀରତାକୁ ଜଣେ ଛୁଇଁବ କେମିତି?

ଓଡ଼ିଆ ସାହିତ୍ୟର ପାଠକୀୟତା ଓ ଓଡ଼ିଆ ଭାଷାର ଗ୍ରହଣୀୟତାରେ ବୃଦ୍ଧି ନଘଟିଲେ ଏହାର ଆୟୁଷ ବେଶୀ ଦିନ ନୁହେଁ। ଏକଦା ମହାନ ଭାଷାର ମାନ୍ୟତା ପାଇଥିବା ସଂସ୍କୃତର ଅବସ୍ଥା ଏବେ ଯାହା, ସେହି ଅବସ୍ଥା ଭବିଷ୍ୟତରେ ଓଡ଼ିଆ ଭାଷା ଭୋଗିବାକୁ ଯାଉଛି। ତେଣୁ ଏ ସମୟ ଓଡ଼ିଆ ସାହିତ୍ୟର ଆଲୋଚକ, ପ୍ରକାଶକ ଓ ଲେଖକମାନଙ୍କ ପାଇଁ ଏକ ଆହ୍ୱାନର ସମୟ। ନୂତନ ପିଢ଼ିକୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରାଗୀ କରାଇବାକୁ ହେଲେ ଯୁବ ପିଢ଼ିର ରୁଚି, ଚିନ୍ତା, ଚେତନା, ସମସ୍ୟା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ସଂକ୍ଷିପ୍ତ, ବୋଧଗମ୍ୟ, ସରଳ, ଭାବଗର୍ଭକ ଓ ଯୁଗପୋଯୋଗୀ ସାହିତ୍ୟ କୃତିକୁ ପ୍ରୋତ୍ସାହନ ଦେବା ସହିତ ଭାଷାର ଶବ୍ଦକୋଷରେ ସାମ୍ପ୍ରତିକ ମାନବୀୟ ଭାବର ପ୍ରକାଶଯୋଗ୍ୟ ଯଥେଷ୍ଟ ଶବ୍ଦ ରହିବା ଦରକାର। ସେଥିପାଇଁ ହୀନମନ୍ୟତା, ଗତାନୁଗତିକତା, ରକ୍ଷଣଶୀଳତା ଓ ଗୋଷ୍ଠୀ ପ୍ରତିଯୋଗିତାରୁ ଊର୍ଦ୍ଧ୍ୱକୁ ଆସି କାମ କଲେ ହୁଏତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଗାମୀ ପିଢ଼ି ଯାଏ ବଞ୍ଚିବାରେ ସାହାଯ୍ୟ କରି ହୁଅନ୍ତା।

ଭୁବନେଶ୍ୱର, ମୋ: ୯୮ ୯୨୦୦୦୨୨୪

## ଡାକ୍ତର ହନୁମାନ

ଓଜସ୍ୱିନୀ

*ନାସୈ ରୋଗ ହରୈ ସବ୍ ପିରା, ଜୋ ସୁମିରୈ ହନୁମତ ବଲବୀରା... ।*

ସଦାସର୍ବଦା ପବନସୁତ ହନୁମାନଙ୍କ ଚିନ୍ତନ, ସ୍ମରଣ ଓ ନାମ ସ୍ମରଣ କରିବା ଦ୍ୱାରା ସବୁ ଦୁଃଖକଷ୍ଟରୁ ମୁକ୍ତି ମିଳିବା ସହିତ ସମସ୍ତ ରୋଗ ନାଶ ହୋଇଥାଏ। ହନୁମାନ ଚାଲିଶାର ଏହି ଦୋହା ଏବେ ପ୍ରତ୍ୟକ୍ଷ ପ୍ରମାଣିତ ହୋଇପାରିଛି। ଅଞ୍ଜନିସୂତ ହନୁମାନ ଡାକ୍ତର ବେଶରେ ପୂଜା ପାଉଛନ୍ତି ଏବଂ ଏହି ମନ୍ଦିରକୁ ଆସୁଥିବା ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛନ୍ତି। ଏପରିକି କର୍କଟ, ଟିବି, ଅଲସର୍ ଭଳି ଦୁରାରୋଗ୍ୟ ମଧ୍ୟ ଏଠାରେ ସମ୍ପୂର୍ଣ୍ଣ ଭଲ ହୋଇପାରୁଛି। ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ଆଗରେ କର୍କଟରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଏକ ଆହ୍ୱାନ ପାଲଟିଥିବା ବେଳେ ଭଗବାନଙ୍କ ପ୍ରତି ଭକ୍ତର ବିଶ୍ୱାସ ଏ କ୍ଷେତ୍ରରେ ବିଜୟଲାଭ କରିଛି। ଡାକ୍ତର ହନୁମାନଙ୍କ କୃପାରୁ କର୍କଟ ରୋଗୀ ପୁନର୍ଜନ୍ମ ପାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଡାକ୍ତର ହନୁମାନ ମନ୍ଦିର ନାମରେ ପ୍ରସିଦ୍ଧ ଏହି ମଠ ମଧ୍ୟପ୍ରଦେଶସ୍ଥିତ ଭିଣ୍ଡ ଜିଲ୍ଲାର ଦଂଦରୋଆଠାରେ ଅଛି। ଏଠାରେ ହନୁମାନଙ୍କ ମୂର୍ତ୍ତି ନୃତ୍ୟ ମୁଦ୍ରାରେ ଥିବା ଭଳି ପ୍ରତୀତ ହୋଇଥାଏ। ଭାରତର କେବଳ ଏହି ସ୍ଥାନରେ ହିଁ ହନୁମାନଙ୍କ ମୂର୍ତ୍ତି ନୃତ୍ୟରତ ସ୍ୱରୂପରେ ଅଛି ବୋଲି ଗବେଷକମାନେ ମତ ଦେଇଥା'ନ୍ତି। ମନ୍ଦିର ସମ୍ପର୍କିତ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଏକଦା ଏଠାରେ ଶିବକୁମାର ଦାସ ନାମକ ଜଣେ ସାଧୁ ସାଧନା କରୁଥିଲେ। ପରବର୍ତ୍ତୀ ସମୟରେ ସେ କର୍କଟ ରୋଗରେ ପୀଡ଼ିତ ହେଲେ। ସେ ହନୁମାନଙ୍କର ପରମ ଭକ୍ତ ଥିଲେ ଏବଂ ପ୍ରତିଦିନ ମନ୍ଦିରକୁ ଆସି ନିଷ୍ଠାପୂର୍ବକ ରୁଦ୍ରାବତାରଙ୍କ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ପୂଜାର୍ଚ୍ଚନା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଦିନେ ହନୁମାନ ତାଙ୍କୁ ଡାକ୍ତର ରୂପରେ ଦର୍ଶନ ଦେଲେ। ସେଦିନ ଶିବକୁମାର ଦାସ ସମ୍ପୂର୍ଣ୍ଣ ଭାବେ କର୍କଟରୁ ଆରୋଗ୍ୟ ଲାଭ କଲେ।




ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକମାନେ ହନୁମାନ ମୂର୍ତ୍ତିକୁ ଡାକ୍ତର ବେଶରେ ପୂଜା କରିବା ଆରମ୍ଭ କଲେ। ୩୦୦ ବର୍ଷ ପୁରୁଣା ଏହି ହନୁମାନଙ୍କ ମୂର୍ତ୍ତି ଗୋଟିଏ ନିମ୍ବ ଗଛ ତଳେ ଲୁଚି ରହିଥିଲା। ଗଛକୁ କାଟି ମୂର୍ତ୍ତିକୁ ଉଦ୍ଧାର କରିବା ପରେ ଦେଖାଗଲା ଯେ ହନୁମାନଙ୍କ ଏହି ମୂର୍ତ୍ତି ଗୋପାଙ୍ଗନା ରୂପରେ ନୃତ୍ୟ ମୁଦ୍ରାରେ ଅଛି। ସେହିଦିନଠାରୁ ନୃତ୍ୟରତ ମୁଦ୍ରାରେ ଥିବା ହନୁମାନଙ୍କୁ ଡାକ୍ତର ବେଶ କରାଇ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ଭକ୍ତମାନେ ଶୁଦ୍ଧପୂତ ଭକ୍ତିରେ ହନୁମାନଙ୍କୁ ପୂଜା କରିବା ଦ୍ୱାରା କର୍କଟ ସହିତ ଅନ୍ୟ ଦୁରାରୋଗରୁ ମଧ୍ୟ ମୁକ୍ତି ପାଇଥା'ନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି। ଏଠାରେ ଭକ୍ତମାନେ ୫ କିମ୍ବା ୭ଟି ମଙ୍ଗଳବାର କିମ୍ବା ଶନିବାର ନିରନ୍ତର ପରିକ୍ରମା କରିବାର ସଂକଳ୍ପ ନେଇଥା'ନ୍ତି। ଡାକ୍ତର ହନୁମାନଙ୍କ ଦର୍ଶନ ଓ ମନ୍ଦିରର ପରିକ୍ରମା କରିବା ପରେ ଭକ୍ତମାନଙ୍କୁ ପ୍ରସାଦ ଭାବେ ବିଭୂତି ଓ ପାଦୁକା ପାଣି ଦିଆଯାଏ। ଏହାକୁ ସେବନ କରିବା ପରେ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଥା'ନ୍ତି। ମାନସିକ ପୂରଣ ହେବା ପରେ ଏଠାରେ ସତ୍ୟନାରାୟଣ ପୂଜା ଅନୁଷ୍ଠାନ ଆୟୋଜନ କରାଯାଏ।

ଭାରତର ବିଭିନ୍ନ ଅଞ୍ଚଳ ସମେତ ବିଦେଶରୁ ମଧ୍ୟ ଅନେକ କର୍କଟ ରୋଗୀ ଏହି ପ୍ରାଣଘାତୀ ରୋଗରୁ ମୁକ୍ତି ପାଇବା ଆଶାରେ ଡାକ୍ତର ହନୁମାନଙ୍କ ନିକଟକୁ ଆସିଥା'ନ୍ତି। ଏହାର ମଠାଧୀଶ ଶ୍ରୀଶ୍ରୀ ୧୦୦୮ ମହାମଣ୍ଡଳେଶ୍ୱର ରାମଦାସଜୀ ମହାରାଜଙ୍କ କହିବା ଅନୁସାରେ ମନ୍ଦିରର ପରିକ୍ରମା କରିବା କରିବା ସହିତ ହନୁମାନଙ୍କ ବିଭୂତି ଓ ପାଦୁକା ପାଣି ସେବନ ଏବଂ "ଓଁ ଶ୍ରୀ ଦଂଦରୋଆ ହନୁମତେ ନମଃ" ମନ୍ତ୍ର ଜପ କରିବା ଦ୍ୱାରା ରୋଗ ନାଶ ହେବା ସହିତ ମାତା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୋଇଥାଏ। ତେଣୁ ଏହି ମନ୍ଦିର ଦୃଢ଼ ଭଗବତ୍ ବିଶ୍ୱାସର ପ୍ରତୀକ ଭାବେ ରହିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ନାବାଳିକାଙ୍କୁ ବିଜେପି ନେତାଙ୍କ ଦୁଷ୍କର୍ମ ଘଟଣା

## ସିବିଆଇ ତଦନ୍ତ ଦାବିକଲା ବିଜେଡି

ବ୍ରହ୍ମପୁର,୨୬।୬(ସମିସ): ବ୍ରହ୍ମପୁରରେ ଜଣେ ବିଜେପି ନେତା ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହେବା ଘଟଣାରେ ରାସ୍ତାକୁ ଓହ୍ଲାଇଛି ବିଜେଡି। ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ନେତୃତ୍ୱରେ ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଓ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇଙ୍କ ଉପସ୍ଥିତିରେ ଦଳ ପକ୍ଷରୁ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଦଳୀୟ ନେତୃବୃନ୍ଦ ଏମ୍‌କେସିଜି ମେଡିକାଲ କଲେଜ ମୁଖ୍ୟ ଫାଟକରୁ ପଦଯାତ୍ରାରେ ବାହାରି ରାଜ୍ୟରେ ମହିଳାଙ୍କ ସୁରକ୍ଷା ଦାବି କରି ତଥା ବିଜେପି ସରକାରର ବିଫଳତାକୁ ନେଇ ସ୍ଲୋଗାନ ଦେଇଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ନକଲି ଡାକ୍ତର ତଥା ଭାରତୀୟ ମଜଦୁର ସଂଘର ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାସଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଗିରଫ ବିଜେପି ନେତା ଭବାନୀ ଶଙ୍କର ଦାସ କେନ୍ଦ୍ର ଶ୍ରମ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟରତ ଥିବା ବେଳେ ଏହି ଘଟଣାକୁ ରାଜ୍ୟ ପୁଲିସ ନୁହେଁ; ବରଂ ସିବିଆଇ ତଦନ୍ତ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସେପଟେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଭବାନୀଙ୍କୁ ସହଯୋଗ କରି ଗିରଫ ହୋଇଥିବା ବାଜପେୟୀ ଆରୋଗ୍ୟଧାମର ମହିଳା କର୍ମଚାରୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ରିମାଣ୍ଡରେ ନେଇ ଅଧିକ ଜେରା କରାଗଲେ ଅନେକ ତଥ୍ୟ ମିଳିପାରିବ ବୋଲି ବିଜେଡି ଦାବି କରିଛି।

ଉଚ୍ଚଶିକ୍ଷା ବିଭାଗର ଅଜବ ନିଷ୍ପତ୍ତି

## ମୃତ ଅଧ୍ୟାପକଙ୍କୁ କଲେଜ ଅଧ୍ୟକ୍ଷ ଦାୟିତ୍ୱ

ଭୁବନେଶ୍ୱର, ୨୬।୬(ସମିସ): ଉଚ୍ଚଶିକ୍ଷା ବିଭାଗର ଅଜବ ନିଷ୍ପତ୍ତି। ୨୦୨୩ ମସିହାରେ ମୃତ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏପରିକି, ଚଳିତ ମାସ ଶେଷ ସୁଦ୍ଧା ତାଙ୍କୁ ନୂତନ ମହାବିଦ୍ୟାଳୟରେ ଯୋଗଦେବା ସହ ଅଧ୍ୟକ୍ଷ ଭାର ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମୃତ ଅଧ୍ୟାପକଜଣଙ୍କ ହେଲେ, ବିନୟକୁମାର ଲେଙ୍କା। ତାଙ୍କୁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ବଦଳି ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାନୁଯାୟୀ, ଗୁରୁବାର ୧୩ଜଣ ଅଧ୍ୟାପକଙ୍କ ବଦଳି ହୋଇଛି। ତନ୍ମଧ୍ୟରୁ ୧ରୁ ୭ କ୍ରମିକ ନମ୍ବରରେ ଥିବା ଅଧ୍ୟାପକଙ୍କୁ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଛି। ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟରେ ଯୋଗ ନଦେଲେ ଦରମା ବନ୍ଦ କରିବାକୁ କଡ଼ା ତାଗିଦ୍ କରାଯାଇଛି। ହେଲେ କ୍ରମିକ ନମ୍ବର ୩ରେ ଥିବା ଅଧ୍ୟାପକ ବିନୟ କୁମାର ଲେଙ୍କାଙ୍କ ୨୦୨୩ ନଭେମ୍ବର ୨୨ ତାରିଖରେ ମୃତ୍ୟୁ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ବେଳେ ତାଙ୍କ ପରଲୋକ ହୋଇଥିଲା। ଏନେଇ ମୃତକଙ୍କ ପରିବାର ପକ୍ଷରୁ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ବାହାର କରାଯାଇଛି। ହେଲେ ମୃତ୍ୟୁର ଦେଢ଼ ବର୍ଷ ପରେ ଉଚ୍ଚଶିକ୍ଷା ବିଭାଗ ତାଙ୍କୁ ଅଧ୍ୟକ୍ଷ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ୱର୍ଗତ ଲେଙ୍କା ମୃତ୍ୟୁ ବେଳକୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ସଂପୃକ୍ତ ଅଧ୍ୟାପକଙ୍କ ମୃତ୍ୟୁ ସଂପର୍କିତ ତଥ୍ୟ କିପରି ଉଚ୍ଚଶିକ୍ଷା ବିଭାଗ ପାଖରେ ନାହିଁ ଏବଂ ତାଙ୍କ ପାଇଁ କିଏ ଓ କେମିତି ବଦଳି ଆବେଦନ କଲା।

## ଅବଶିଷ୍ଟାଂଶ...

### ମହାପ୍ରଭୁଙ୍କ ନବଯୌବନ...

୫୦ରେ ଚକା ଅପସର କରାଯାଇଥିଲା। ପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ। ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ସକାଳ ୮ଟାରେ ଅଣସର ତାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ନୀତିକାନ୍ତି ସଅଳ ଚାଲିଥିବାରୁ ସକାଳ ୭ଟା୨୫ରେ ଫିଟିଥିଲା ଅଣସର ତାଟି। ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ। ପରମାଣିକ ଦର୍ଶନ ସକାଳ ୮ଟାରୁ ଗୋଟିଏ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ମାତ୍ର ୭ଟା ୪୦ରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ୮ଟାରେ ଶେଷ ହୋଇଥିଲା। ପରମାଣିକ ଟିକଟଧାରୀମାନେ ଦକ୍ଷିଣଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରମାଣିକ ଦର୍ଶନ ଶେଷ ହେବା ପରେ ସଅଳ ସାହାଣମେଳା ଦର୍ଶନ ହୋଇଥିଲା। ପୂର୍ବରୁ ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୦ଟା ସାହାଣମେଳା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ସକାଳ ୮ଟାରୁ ସାହାଣମେଳା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୦ଟା ଯାଏ ଚାଲିଥିଲା। ସାହାଣମେଳାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ। ପରେ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନବଯୌବନ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ସଅଳ ନୀତିକାନ୍ତି ଯୋଗୁଁ ଭକ୍ତମାନେ ଭଲ ଭାବେ ଦର୍ଶନ କରିଥିଲେ। ତେବେ ପରମାଣିକ ଟିକଟଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଶୀଘ୍ର ଦର୍ଶନ ସରିଥିଲା।

### ସିଂହଦ୍ୱାରରେ ତିନିରଥ...

ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ଅପରାହ୍ନ ୪ଟା ୪୫ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା। ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ। ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ।

ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ସନ୍ଧ୍ୟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଥିଲା। ପରେ ତିନିରଥକୁ ଫୁଲରେ ସଜାଯାଇଥିବା ବେଳେ ଚାରବନ୍ଧା ଯାଇ ରଥ ଉପରକୁ

ସାରଥୀଙ୍କୁ ନିଆଯାଇଥିଲା। ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହେବ। ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା କାର୍ଯ୍ୟ ଆରମ୍ଭ କରିବେ। ଶୁକ୍ରବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ନ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି।

ଅନ୍ୟପକ୍ଷରେ, ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ। ଅତ୍ୟାଧୁନିକ ୨୭୫ଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଯାଇଛି। ଉତ୍ତରା-ପୁରୀ ଏବଂ କୋଣାର୍କ-ପୁରୀ ରାସ୍ତାରେ ବି କ୍ୟାମେରା ରଖିଛି ନଜର। ଓଡ଼ିଶା ପୁଲିସ୍ ଚଳିତବର୍ଷ ପ୍ରଥମଥର ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିଛି। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୦୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

### ନବୀନଙ୍କ ଆଶୁ ଆରୋଗ୍ୟ...

ଯତ୍ନ ନେବା ନିମନ୍ତେ ପରାମର୍ଶ ଦେଇଛନ୍ତି।

ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ନିମନ୍ତେ ନବୀନ ୨୦ ତାରିଖରେ କୋକିଳାବେନ୍ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଦୁଇଦିନ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରହିବା ପରେ ସେ ଗତକାଲି କ୍ୟାବିନ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି ଓ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି। ପ୍ରତିଦିନ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଡାକ୍ତରଖାନାରେ ଭେଟି ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି।

### ନବୀନଙ୍କ ସହ କଥା...

ଜ୍ଞାପନ କରିଛନ୍ତି। ଓଡ଼ିଶାର ସେବା କରିବା ପାଇଁ ନବୀନଙ୍କୁ ଅଶେଷ ଶକ୍ତି ଓ ସୁସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କୁ ଫୋନ କରି ତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଭଗବାନ ଆପଣଙ୍କୁ ଶୀଘ୍ର ସୁସ୍ଥ କରିଦେବେ ବୋଲି ଆଶା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସୁସ୍ଥ କାମନା କଲେ...

ଜନ୍ ବ୍ରିଟାସ୍, ସାଂସଦ ଅଶୋକ କୁମାର ମିତ୍ତଲ, ଡିଏମ୍‌କେ ନେତ୍ରୀ କାନିମୋଝି ପ୍ରମୁଖ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଉଲ୍ଲେଖ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ସବୁଠାରୁ ଲୋକପ୍ରିୟ ବ୍ରାଣ୍ଡ ଆମ୍ବାସାଡର ନବୀନ ପଟ୍ଟନାୟକ ଶୀଘ୍ର ଆରୋଗ୍ୟଲାଭ କରନ୍ତୁ। ଉତ୍ତମ ସ୍ୱାସ୍ଥ୍ୟ ଲାଭ କରି ଓଡ଼ିଶାବାସୀଙ୍କ ପାଇଁ ବର୍ଷବର୍ଷ ସେବା କରିନ୍ତୁ ବୋଲି କାମନା କରୁଛି। ସେହିପରି ଶଶୀ ଥରୁର କହିଛନ୍ତି ଯେ ନବୀନ ବାବୁଙ୍କ ଅସ୍ତ୍ରୋପଚାର ସୂଚନା ପାଇଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଖବର ଆଶ୍ୱସ୍ତ କରିଛି। ନବୀନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ବୋଲି ଥରୁର୍ ଉଲ୍ଲେଖ କରିଛନ୍ତି। ଅଶୋକ ମିତ୍ତଲ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି। ନବୀନଙ୍କର ଶକ୍ତି, ସ୍ଥିରତା ଏବଂ ଓଡ଼ିଶା ପ୍ରତି ସମର୍ପଣ ସର୍ବଦା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସିଛି। ଆପଣ ଶୀଘ୍ର ସୁସ୍ଥ ହୁଅନ୍ତୁ ଏବଂ ଅଧିକ ଶକ୍ତିଶାଳୀ ହୋଇ ଫେରି ଆସନ୍ତୁ ବୋଲି ସେ ଲେଖିଛନ୍ତି। ଅଭିଷେକ ମନୁସିଂଘଭୀ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସଫଳ ଚିକିତ୍ସା ପ୍ରକ୍ରିୟା ଏବଂ ତାଙ୍କ ଆରୋଗ୍ୟଲାଭ ବିଷୟରେ ଶୁଣି ଖୁସି ଅନୁଭବ କରୁଛି। ଜଣେ ଅତ୍ୟନ୍ତ ଭଦ୍ରଲୋକ, ମୃଦୁଭାଷୀ। ନବୀନବାବୁଙ୍କ ନିକଟରେ ଓଡ଼ିଶା ଏବଂ ଭାରତ ପାଇଁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ଜନସେବା ବାକି ଅଛି। ତାଙ୍କର ସମ୍ପୂର୍ଣ୍ଣ ଏବଂ ଶୀଘ୍ର ଆରୋଗ୍ୟ ଏବଂ ସୁସ୍ଥତା କାମନା କରୁଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିକିତ୍ସା କରୁଥିବା କୋଏମ୍ବାଟୁରର ଡାକ୍ତର ରାଜଶେଖରଙ୍କ ସହ କଥା ହୋଇଛି। ନବୀନଙ୍କ ସ୍ୱାସ୍ଥ୍ୟ ଭଲ ଅଛି। ମୁଁ ତାଙ୍କର ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି।

### କାଶ୍ମୀର ଯୁବକକୁ...

ପାକିସ୍ତାନ ଲିଙ୍କ୍ ରହିଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା। ତେବେ ତା' ନିକଟରୁ କୌଣସି ପାକିସ୍ତାନ ଲିଙ୍କ୍ ରହିଥିବା ସୁରାଖ ମିଳିନଥିଲା। ବୁଖାରୀ ଜଣେ ବଡ଼ ଠକ ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ବିଭିନ୍ନ ଠକେଇ ମମଲାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଠକେଇ ମାମଲାରେ ପୁଲିସ ତାକୁ ଗିରଫ କରି କୋର୍ଟଚଲାଣ କରିଥିଲା। ସେବେଠାରୁ ସେ ବିଚାର ବିଭାଗୀୟ ଜେଲରେ ରହୁଥିବା ବେଳେ ଚଣ୍ଡିଖୋଲ କୋର୍ଟରେ ତା'ର ବିଚାର ଚାଲିଥିଲା। ଆଜି ଏହାର ରାୟ ପ୍ରକାଶ ପାଇଛି। ବୁଖାରୀକୁ ଚଣ୍ଡିଖୋଲ କୋର୍ଟ ଆଜି ବିଭିନ୍ନ ମାମଲାରେ ୫ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।


**RAGHUNATHJEW H.S SCHOOL**
DEULASAHI, CUTTACK-753008

**WALK IN INTERVIEW**

Wanted Teaching Guest Faculties for Education, Logic, Sanskrit, Odia, Commerce, I.T., subjects will be held in the office of the undersigned at 08:45 a.m. on 30/06/2025. Interested candidates having minimum 55% of marks in concerned subjects in master degree level should attend the interview with their Resume, original photo copied testimonials.

Sd/- Principal
Raghunathjew H.S. School
Deulasahi, Cuttack-8

O-328 email- serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

**e- Procurement Notice for Building works**

1 Name of the work : Construction of Building Works - 03 Nos
3 Class of contractor : "B" & "A" Class of (Odisha PWD) or relevant class of other licensing authority.
3 Estimated Cost : Various from Rs.102.51 Lakhs to Rs.217.15 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 06/2025-26 | 01.07.2025 at 11.00 A.M. | 19.07.2025 up to 5.00 P.M. | 18.07.2025 up to 2.00 P.M. | 21.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0063/2526

Chief Construction Engineer,
Rural Works Circle, Sunabeda.

यूनियन बैंक ऑफ इंडिया | Union Bank of India
Nanganallur 3

ପ୍ଲଟ ନଂ. ସି-୬୦, ଦ୍ୱାର ନଂ. ୨୭, ସର୍ଭେ ନଂ. ୨୫, ଅଞ୍ଜଳି ଆପାର୍ଟମେଣ୍ଟସ୍, ୪ର୍ଥ ମୁଖ୍ୟ ରାସ୍ତା, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଇମେଲ: ubin0907791@unionbankofindia.bank

**ସରଫେଶୀ ଆଇନ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ**

ପ୍ରତି
ଋଣଗ୍ରହୀତା(ମାନେ)/ବନ୍ଧକଦାତା(ମାନେ): ୧. ଶ୍ରୀମତୀ ଆଭାରାଣୀ ମହାପାତ୍ର,
ମୃତ ଋଣଗ୍ରହୀତା ତଥା ବନ୍ଧକଦାତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମ୍ପତ୍ତି, ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଛି।
୨. ଶ୍ରୀମତୀ ଆଭାରାଣୀ ମହାପାତ୍ର (ମୃତକଙ୍କ ପତ୍ନୀ),
୩. ଶ୍ରୀ ଅଭିଷେକ ମହାପାତ୍ର (ମୃତକଙ୍କ ପୁତ୍ର)
ସମସ୍ତଙ୍କ ଠିକଣା: ଫ୍ଲାଟ ନଂ. ୨୫-ବି/୧, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଅନ୍ୟ ଠିକଣା: ଶିବାନନ୍ଦ ଗେଷ୍ଟ ହାଉସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ପଛପଟେ, ଭିଆଇପି ରୋଡ, ପୁରୀ-୭୫୨୦୦୨।
ମହୋଦୟ/ମହୋଦୟା,
ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୨) ସହିତ ଧାରା ୧୩(୩) ଅନୁଯାୟୀ ନୋଟିସ।
ଆପଣମାନେ, ଉପରେ ଉଲ୍ଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନେ, ଆମର ଚେନ୍ନାଇ ନାଙ୍ଗାନାଲ୍ଲୁର ୩ ଶାଖାରୁ ନିମ୍ନଲିଖିତ ଋଣ ସୁବିଧା ଗ୍ରହଣ କରିଛନ୍ତି ଏବଂ ବକେୟା / କିସ୍ତି / ସୁଧ /ଖାତାକୁ ସନ୍ତୋଷଜନକ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ତେଣୁ, ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଆୟ ସ୍ୱୀକୃତି ଏବଂ ସତର୍କତାପୂର୍ଣ୍ଣ ହିସାବ ନୀତି ଅନୁସାରେ, ଆପଣଙ୍କ ଖାତା(ଗୁଡ଼ିକ)କୁ ୩୧.୦୩.୨୦୨୫ ସୁଦ୍ଧା ଅଣ-ନିଷ୍ପାଦନଶୀଳ ସମ୍ପତ୍ତି (ନନ-ପରଫର୍ମିଂ ଆସେଟ୍) ଭାବେ ଶ୍ରେଣୀବଦ୍ଧ କରାଯାଇଛି। ୩୧.୦୩.୨୦୨୫ ସୁଦ୍ଧା ଆପଣଙ୍କ ଖାତା(ଗୁଡ଼ିକ)ରେ ମୋଟ ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅସୀ ପଇସା) ବକାୟା ରହିଛି।
ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କକୁ ବକେୟା ରାଶିର ବିବରଣୀ ନିମ୍ନଲିଖିତ ଅନୁସାରେ ରହିଛି:

| କ୍ର.ନଂ. | ସୁବିଧା/ଋଣ | ସୀମା (ଲକ୍ଷରେ) | ସମୟରେ | ୩୧.୦୩.୨୦୨୫ ସୁଦ୍ଧା ବକେୟା ଦେୟ |
|---|---|---|---|---|
| ୧ | ଗୃହ | ୧୫.୦୦ | ୧୦୦୯-୨୦୧୦ | ଟ.୭,୪୮,୯୭୮.୭୯/- |

ବ୍ୟାଙ୍କକୁ ବକେୟା ଅର୍ଥ କିମ୍ବା ଭବିଷ୍ୟତରେ ବକେୟା ହେବାକୁ ଥିବା ଅର୍ଥର ପରିଶୋଧ ନିଶ୍ଚିତ କରିବା ପାଇଁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶ୍ରୀମତୀ ଆଭାରାଣୀ ମହାପାତ୍ର ତାରିଖ ୩୧.୧୨.୨୦୦୯ରେ ଏବଂ ୦୨.୦୩.୨୦୧୦ରେ ଏମଓଡିଟି (MODT) ତାରିଖରେ ଦଲିଲ ସମ୍ପାଦନ କରିଥିଲେ /କରିଛନ୍ତି ଏବଂ ଏହାଦ୍ୱାରା ନିମ୍ନଲିଖିତ ଭାବେ ସୁରକ୍ଷା ସୁଧ ସୃଷ୍ଟି କରିଛନ୍ତି:
**ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନରେ ଦିଆଗଲା:**
ସମ୍ପତ୍ତି ୧: ଆବାସିକ ଫ୍ଲାଟ ନଂ. ୨-ବି୨, ପ୍ରଥମ ମହଲା, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧, ଯାହାର ପ୍ଲିନ୍ଥ କ୍ଷେତ୍ରଫଳ ପ୍ରାୟ ୭୫୩.୫ ବର୍ଗଫୁଟ, ଯେଉଁଥିରେ ୪୮.୬୯ ବର୍ଗଫୁଟ ସାଧାରଣ କ୍ଷେତ୍ର ଅନ୍ତର୍ଭୁକ୍ତ, ଏବଂ ପ୍ରାୟ ୩୨୧୦ ବର୍ଗଫୁଟ ଜମିରେ ୧/୪ଅଂଶ ଅବିଭାଜିତ ଅଧିକାର, ସ୍ୱତ୍ୱ ଏବଂ ସୁଧ ସହିତ, ଯାହା ପ୍ଲଟ ନଂ. ୬, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧ରେ ଅବସ୍ଥିତ, ପାଲାଭାନ୍ଥାଙ୍ଗଲ ଗାଁ, ଆଲନ୍ଦୁର ତାଲୁକ, କାଞ୍ଚୀପୁରମ ଜିଲ୍ଲାର ସର୍ଭେ ନଂ. ୧୯/୧ (ଆଂଶିକ)ରେ ଅନ୍ତର୍ଭୁକ୍ତ, ଯାହା ଦକ୍ଷିଣ ଚେନ୍ନାଇ ନିବନ୍ଧନ ଜିଲ୍ଲା ଏବଂ ଆଲନ୍ଦୁର, ଚେନ୍ନାଇର ଉପ-ନିବନ୍ଧନ ଜିଲ୍ଲା ମଧ୍ୟରେ ଅବସ୍ଥିତ।
ଚାରିପାର୍ଶ୍ୱରେ (ମୋଟ ୩୨୧୦ ବର୍ଗଫୁଟ ଜମି): ଉତ୍ତର: ୨୦ ଫୁଟ ଚଉଡ଼ା ରାସ୍ତା, ଦକ୍ଷିଣ: ପ୍ଲଟ ନଂ. ୧୦, ପଶ୍ଚିମ: ପ୍ଲଟ ନଂ. ୫, ପୂର୍ବ: ପ୍ଲଟ ନଂ. ୭
ଆପଣମାନେ, ନଂ. ୨ ଏବଂ ନଂ. ୩, ମୃତ ଋଣଗ୍ରହୀତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ଉତ୍ତରାଧିକାର ସୂତ୍ରେ ପାଇଛନ୍ତି। ତେଣୁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ଆପଣମାନେ ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଗୃହୀତ ଉପରୋକ୍ତ ଦାୟିତ୍ୱ ଏବଂ ବକେୟା ପରିଶୋଧ କରିବା ପାଇଁ ଦାୟୀ ଅଟନ୍ତି। ତେଣୁ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ, ଆପଣଙ୍କୁ ଏହି ନୋଟିସ ମାଧ୍ୟମରେ ତାରିଖ ୩୧.୦୩.୨୦୨୫ ସୁଦ୍ଧା ବକେୟା ଥିବା **ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅସୀ ପଇସା)** ଏବଂ ଋଣ ଦଲିଲର ସର୍ତ୍ତାବଳୀ ଅନୁଯାୟୀ ଚୁକ୍ତିବଦ୍ଧ ହାରରେ ଅଧିକ ସୁଧ ଏବଂ ଶୁଳ୍କ ସହିତ ପରିଶୋଧ କରିବାକୁ ଏବଂ ଏହି ନୋଟିସ ପ୍ରାପ୍ତିର ତାରିଖଠାରୁ ୬୦ ଦିନ ମଧ୍ୟରେ ଆପଣଙ୍କ ସମସ୍ତ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାକୁ ଅନୁରୋଧ କରାଯାଉଛି। ଏହା କରିବାରେ ବିଫଳ ହେଲେ, ଆମେ ଉକ୍ତ ଆଇନ ଅନୁଯାୟୀ ପ୍ରଦତ୍ତ ଅଧିକାରଗୁଡ଼ିକ ମଧ୍ୟରୁ କୌଣସି ଏକ ବା ସମସ୍ତ ଅଧିକାର ପ୍ରୟୋଗ କରି ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ପ୍ରବର୍ତ୍ତନ କରିବାକୁ ବାଧ ହେବୁ।
ଆଇନର ଧାରା ୧୩(୧୩) ଅନୁଯାୟୀ, ଏହି ନୋଟିସ ପ୍ରାପ୍ତ ହେବା ପରେ ଆପଣମାନେ ବ୍ୟାଙ୍କର ସମ୍ମତି ବିନା ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା କିମ୍ବା କୌଣସି ପ୍ରକାରେ ବ୍ୟବହାର କରିବାରୁ ନିଷେଧିତ/ପ୍ରତିରୋଧିତ ହୋଇଛନ୍ତି।
ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ସାରଫେସୀ ଆଇନର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାଗୁଡ଼ିକ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ସ୍ଥାନ: ଚେନ୍ନାଇ, ତାରିଖ: ୩୧.୦୫.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**
By virtue of an Affidavit No. 360/20/06/2025 I, Suchismita Padhi, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as Suchismita Padhi instead of Suchismita Nanda in all purposes.
Sd/- Suchismita Padhi

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore .Sl No- 7292 Dt- 21/06/2025.I Mallika Dei,W/o- Late. Bhagabat Jena, D/o- Late. Mushina Jena, of Village- Ghagarapal, Po- Udambar, Ps-Industrial,Dist- Balasore,Pin-756019 ,My Voter Id No-ZHO0227959 & D.O.B – 01/01/1958 .That my Name wrongly mentioned Aadhar Card – 643151138321 As Tulasi Majhi instead of Mallika Dei. I declared that Mallika Dei & Tulashi Majhi same and one person for all future purposes.
Mallika Dei

**WANTED**
ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**AFFIDAVIT**
I, Smt. Sukmati Chattar, wife of Army No. 1490884A Ex-Hav Damodar Chattar residing at Vill - Baria, PO - Mananda Biunria, PS - Jashipur, Dist-Keonjhar, Odisha, have changed my name from Smt. Sukmati Chattar to Smt. Arati Chattar & Date of Birth is 11/03/1966 vide affidavit dtd. 02/05/2025 before Notary Keonjhar (Odisha). Hence Smt. Sukmati Chattar and Smt. Arati Chattar both are same and one person. Henceforth I will be known as **Smt. Arati Chattar** in all purposes.

**SALE**
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

**AFFIDAVIT**
I, Chitrasen Ananta Sahu, S/o- Ananta Sahu, resident of At-Sadasibapur VTC, PO-Gandala, PS-Hinjili, Dist-Ganjam, Pin-761003, Odisha declare by this affidavit No.575, dated-16/06/2025 that now onwards I shall be known as **CHITRASEN SAHU** for all future purposes.

**AFFIDAVIT**
By virtue of affidavit sworn before Notary Public Puri Affidavit No.: 33, dtd. 26.06.2025 Nibedita Satapathy, D/o-Dasharathi Satapathy Bhagabanpur, Brahmagiri, Puri. I have declared that my father's name Dasharathi Satapathy and Dasarathi Satapathy is one and same person.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar dated- 16/04/2025. I, **Ramesh Bhoi,** Address: At-Brahmakundal, PO- Retanga, PS- Airfield, Bhubaneswar, Dist- Khordha, Odisha declare that I have changed my minor son's name from **Om Prakash Sahoo To Om Prakash Bhoi.** Henceforth, he shall be known as **Om Prakash Bhoi** for all future purposes.
**Ramesh Bhoi**

**AFFIDAVIT**
By virtue of an affidavit No. 321, dt. 29.5.2025 sworn before the Executive Magistrate, Rajesh Kumar Hota S/o Gangadhar Hota, P.O./P.S. Komna, Dist. Nuapada state that my daughter's actual and correct name is ARADHANA HOTA.But in her Aadhaar card no. 2745 3218 7088, her name is wrongly recorded as Annal Hota.Her name should be corrected as **ARADHANA HOTA**, D/o Rajesh Kumar Hota and Sagarika Hota.

**AFFIDAVIT**
By virtue of an affidavit before The Notary Public, Titilagarh, on dated- 25/06/2025. I, **Mukteswari Bhoi** (new name), formerly called as **Mukteswar Bhoi** (old name), D/o- Nishakanta Bhoi, Permanent resident of AT- Kotenmunda, P.O.- Bhuliasikuan, P.S. Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Mukteswar Bhoi** (old name) To **Mukteswari Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mukteswari Bhoi** (new name).
**Mukteswari Bhoi**

**TO-LET**
Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.
CONTACT : 6371093914

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated- 26/06/2025. I, **Basanti Nag,** now lately called as **Pasanti Majhi,** Wife of Rajendra Nag, permanent resident of AT- Kumudipadar, PO- Desil, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Pasanti Majhi To Basanti Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Basanti Nag** (new name).
**Basanti Nag**

Office of the Principal
**PANCHAYAT SAMITI COLLEGE GAISILAT**
Dist.- Bargarh, Pin-768037

**Tender Call Notice**

Invited sealed quotations from deputed Farms / Agency / Vendors to supply 8.00 lakhs IT equipment's project at the college office by post /by hand on or before 30.06.2025. For more details call: - 9937145100 (Principal) as per Govt rate.

Sd/- Principal
PS College, Gaisilat

Office of the Principal
**SALANDI DEGREE MAHAVIDYALAYA**
UTTARABAHINI, BHADRAK – 756181
Ph. (06784) 250991, Mob. 9090209949 (Principal)
E-mail: salandidegreemv@rediffmail.com

Walk-in-Interview for male candidates for the following posts in our college – Lecturers in Pol.Sc, Economics, English, Urdu and work with at least 55% marks in P.G. in respective subjects and practical computer knowledge and one clerk with graduation and practical computer knowledge of accounting and office work for seven hours.
**Date of Interview - 14.7.2025**
**Registration - 10 AM to 11 AM**
Documents – All original certificates + matriculation onwards with complete Biodata. Principal, Salandi Degree Mahavidyalaya, Uttarabahini, Bhadrak – 756181

Sd/- Principal
SALANDI DEGREE MAHAVIDYALAYA
UTTARABAHINI, BHADRAK

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020.

***Statement of Standalone & Consolidated Audited Financial Results For the quarter and year ended 31st March' 2025***

(Rs in lakhs)

| Sl No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation (including Other Income) | (19.40) | (6.90) | 44.27 | 95.56 | 2,572.79 | 5,696.03 | 13,405.00 | 17,546.53 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (29.41) | (11.57) | (28.91) | 2.10 | (3,166.75) | 239.19 | (3,518.39) | 592.46 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (29.41) | (11.37) | (28.91) | 2.30 | (3,173.88) | 111.36 | (3,525.52) | 464.63 |
| 6 | Net Profit attributable to Non Controlling Interests | - | - | - | | (1,580.08) | 122.32 | (1,791.41) | 255.35 |
| 7 | Net Profit attributable to Owners of the Company | - | - | - | | (1,586.67) | 116.87 | (1,726.98) | 337.11 |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.64 | 26,575.55 | 26,546.64 | 26,575.55 | (9,409.25) | (7,678.70) | (9,409.25) | (7,678.70) |
| 10 | Earning per share ( Rs) | | | | | | | | |
| | (i) Basic : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |
| | (ii) Diluted : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |

1. The above results of the Company were approved by the Board of Directors at their respective meetings held on 25-06-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 25th June' 2025

Sd/-
(S.C.Pandey)
Managing Director-EIL

**AFFIDAVIT**
By virtue of an affidavit sworn before The Executive Magistrate, Champua dated- 25/06/2025. I, **Priyanka Priyadarshini Sarangi,** W/o- Shasibhusan Sarangi, currently resident of AT/PO- Nakasara, PS- Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi.** Henceforth, I shall be known as **Priyanka Priyadarshini Sarangi,** W/o- Shasibhusan Sarangi for all future purposes.
**Priyanka Priyadarshini Sarangi**





# ବେଆଇନ୍ ପାର୍କିଂ; ଯନ୍ତ୍ରଣା ଦେଉଛି ଡମଣା ହାଟ

ଭୁବନେଶ୍ୱର, ୨୬।୬(ସମିସ)

ରାଜଧାନୀର ଅଧିକାଂଶ ଅଞ୍ଚଳରେ ଯାନବାହନ ସୁରୁଖୁରରେ ଯାତାୟାତ ପାଇଁ ରାସ୍ତା ସମ୍ପ୍ରସାରଣ କରାଯାଇଛି। କିନ୍ତୁ ରାସ୍ତା ଉପରେ ହେଉଛି ଶହଶହ ଗାଡ଼ି ପାର୍କିଂ। ଫଳରେ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ସାଧାରଣ ଲୋକେ ଯାତାୟତ କରିବାରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି ରାଜଧାନୀର ଏକ ପ୍ରମୁଖ ପ୍ରମୁଖ ଅଞ୍ଚଳ କୁହାଯାଉଥିବା ଡମଣା ହାଟ ନିକଟସ୍ଥ ରେସିଡେନ୍ସିଆଲ୍

## ହାଟବାରିରେ ଘରୁ ବାହାରି ପାରୁନାହାନ୍ତି ସ୍ଥାନୀୟ ଲୋକେ

ଅଞ୍ଚଳର ପୃଷ୍ଟି ଫେସନ ଲେନ୍‌ରେ। ହାଟରେ ପାର୍କିଂ ସୁବିଧା ନ ଥିବାରୁ ଲୋକମାନେ ବାଟଘାଟ ଯେଉଁଠି ପାରୁଛନ୍ତି ସେଇଠି ଗାଡ଼ି ପାର୍କିଂ କରୁଛନ୍ତି। ବିଏମ୍‌ସି ପକ୍ଷରୁ କୌଣସି କଟକଣା ନ ଥିବାରୁ ପ୍ରତିଦିନ ଭିଡ଼ରେ ଫସି ଅସନ୍ତୋଷ ପ୍ରକାଶ କରୁଛନ୍ତି ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଗାଡ଼ି ଚାଳକ।

ସୂଚନା ଅନୁସାରେ, ଡମଣା ହାଟ ଉପରେ ଚନ୍ଦ୍ରଶେଖରପୁର, ନୀଳାଦ୍ରି ବିହାର ସେକ୍ଟର-୧, ୨, ପ୍ରାଚୀ ଏନକ୍ଲେଭ୍, ଡିଷ୍ଟ୍ରିକ୍ଟ ସେଣ୍ଟର, ଶୈଳଶ୍ରୀବିହାର, ଡମଣା ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ନିର୍ଭର କରିଥାନ୍ତି। ପ୍ରତି ସପ୍ତାହରେ ରବିବାର, ମଙ୍ଗଳବାର ଓ ଗୁରୁବାର ହାଟ ବାର ହୋଇଥିବାରୁ ଏହି ଦିନ ମାନଙ୍କରେ ସ୍ଥାନୀୟ ଲୋକଙ୍କୁ ନାକେଦମ୍ ହେବାକୁ ପଡୁଛି। ହାଟ ନିକଟରେ ଯାନବାହାନ ପାର୍କିଂ ପାଇଁ କୌଣସି ବ୍ୟବସ୍ଥା



ନ ଥିବାରୁ ଶହଶହ ବାଇକ୍, କାର, ଅଟୋ ଆଦି ରାସ୍ତା ଉପରେ ପାର୍କିଂ ହେଉଛି। ବିଶେଷକରି ହାଟକୁ ଲାଗି ରହିଥିବା ପୃଷ୍ଟି ଫେଶନ ଲେନ୍‌ରେ ୩ଟି ଆପାର୍ଟମେଣ୍ଟ ଓ ୫୦ ରୁ ଅଧିକ ପ୍ରାଇଭେଟ୍ ଘର ରହିଛି। ଏଠାରେ ରହୁଥିବା ଲୋକମାନେ ଭିଡ଼ ଯୋଗୁଁ ନିଜ ଘରୁ ମଟରସାଇକେଲ କିମ୍ବା କାର୍ ନେଇ ବାହାରିପାରୁ ନାହାନ୍ତି। ପରିସ୍ଥିତି ଏମିତି ହୋଇଥାଏ ଯେ, ଯଦି କେହି ସକାଳ ସମୟରେ କୌଣସି କାମରେ ଘରୁ ବାହାରି ଯାଇଥିବେ ସନ୍ଧ୍ୟା ସମୟରେ ଘରକୁ ଫେରିବା ମଧ୍ୟ ଅସମ୍ଭବ ହୋଇପଡ଼ୁଛି। ଅନେକ ସମୟରେ ଭିଡ଼ କାରଣରୁ ଦୂର ସ୍ଥାନରେ ଗାଡ଼ି ରଖି ଲୋକେ ନିଜ ଘରକୁ ଯାଉଥିବା କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଯେଉଁମାନେ ହାଟକୁ ଯାଉଛନ୍ତି ସେମାନେ ପୃଷ୍ଟି ଫେସନ ଲେନର ରାସ୍ତା ଉପରେ ବେଆଇନ୍ ଭାବେ ଗାଡି ପାର୍କିଂ କରୁଥିବାରୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ବିଏମ୍‌ସି ପୋର୍ଟାଲରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ହାଟବାରରେ ସେଠିକାର ବାସିନ୍ଦା ଘରୁ ଗାଡ଼ିନେଇ ବାହାରକୁ ଯିବାକୁ ମନ ବଳାଉନାହାଁନ୍ତି। ତେବେ ହାଟ ସାମ୍ନାରେ ଏକ ୟୁଟର୍ଣ୍ଣ ଥିବାରୁ ଅଧିକ ଟ୍ରାଫିକ୍ ସମସ୍ୟା ଅନେକ ସମୟରେ ଗଣ୍ଡଗୋଳ ଭଳି ସ୍ଥିତି ଉପୁଜିବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ୱାର୍ଡ କର୍ପୋରେଟର ଲାଲ ମୋହନ ଟୁଡୁଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ଯୋଗଯୋଗ ହୋଇପାରି ନାହିଁ।

# ବିଧାନସଭା ପରିସରରେ ଉତ୍କଳମଣିଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୬।୬(ସମିସ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧଦିବସ ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ୍ ସାହୁ ପରିଚାଳନା କରିଥିଲେ।

# ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର, ୨୬।୬(ସମିସ): ଅବୈଧ ଚାଲାଣ ବିରୋଧୀ ଦିବସ ୨୦୨୫ ପରିପ୍ରେକ୍ଷୀରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ କର୍ମଶାଳା ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏଥିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଉପସ୍ଥିତ ଥିଲେ।

# ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ସଂକ୍ରାନ୍ତ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬।୬(ସମିସ): ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଦୁଇ ଦିନିଆ ଉଦ୍ୟୋଗୀକରଣ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଷ୍ଟାର୍ଟ ଅପ୍ ଉପଦେଷ୍ଟା ଡ. ମନୀଷା ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଆଇଟି କାନ୍‌ପୁରର ପୂର୍ବତନ ପ୍ରଫେସର ଅସୀମା ପ୍ରଧାନ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ଆଇବିସିଏସ୍‌ର ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦହିବରା ଏକ୍ସପ୍ରେସ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ଶୁକ୍ଲା ଯୋଗଦେଇ ବ୍ୟବସାୟ ନିମନ୍ତେ ବିନିଯୋଗ ଏବଂ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଇଡିପିର କୋଅର୍ଡିନେଟର ଡ. ସୌମ୍ୟା ମିଶ୍ର ଏବଂ ଡ. ଆଶିଷ ମହାନ୍ତି ପରିଚାଳନା କରିଥିଲେ।

# ‘ସାମ୍ପ୍ରତିକ ସମାଜରେ ଗୋପବନ୍ଧୁଙ୍କ ବିଚାରର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ’


କଟକ, ୨୬।୬(ସମିସ): ଲୋକସେବକ ମଣ୍ଡଳ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ



## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ

୯୭ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ ଯେ, ସାମ୍ପ୍ରତିକ ସମାଜରେ ଗୋପବନ୍ଧୁଙ୍କ ବିଚାରର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ। ଲାଲା ଲଜପତ୍ ରାୟଙ୍କ ସହ ମିଶି ପଣ୍ଡିତ ଗୋପବନ୍ଧୁ ଦାସ ଭାରତରେ ସାମାଜିକ ମୂଲ୍ୟବୋଧ ନବ ସୃଜନ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ଆଗାମୀ ଏକବିଂଶ ଶତାବ୍ଦୀର ପୂରା ସମୟ ଗୋପବନ୍ଧୁଙ୍କ ବିଚାର ପୁନଃଗ୍ରହଣ କରିବା ପାଇଁ ପ୍ରୟାସ କଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ପୁରୀ ସାଂସଦ ଡ.ସମ୍ବିତ ପାତ୍ର କହିଲେ ଯେ, ସଂଘର୍ଷର ଅନ୍ୟନାମ ହେଉଛନ୍ତି ଗୋପବନ୍ଧୁ। ଯିଏ ନିଜ ବିଷୟ ଚିନ୍ତା ନ କରି ସମାଜ ପାଇଁ ଚିନ୍ତା କରନ୍ତି, ତାଙ୍କ ବିଷୟରେ ସମାଜ ଚିନ୍ତା କରେ । ଏଥିପାଇଁ ଆଜିର ପିଢ଼ିଙ୍କୁ ଅନୁଚିନ୍ତନ ଆବଶ୍ୟକତା ରହିଛି ବୋଲି ଡା.ପାତ୍ର କହିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜକୁମାର, ଉପସଭାପତି ଦୀପକ ମାଳବ୍ୟ, ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଡ.ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଗୋପବନ୍ଧୁ ଦାସଙ୍କ ଜୀବନାଦର୍ଶ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଲୋକସେବକ ମଣ୍ଡଳର କୋଷାଧକ୍ଷ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ‘ସମାଜ’ର ସମ୍ପାଦକ ତପନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ବାର୍ତ୍ତା ସମ୍ପାଦକ ଅନୁପମ ପ୍ରହରାଜ ଏବଂ କାଳୀପ୍ରସନ୍ନ ଶତପଥୀ ସଭା ପରିଚାଳନା କରିଥିଲେ।




# ପଦ୍ମଶ୍ରୀ ମାଧଭିଙ୍କୁ ‘ମାର୍ଗି ଜୀବନବ୍ୟାପୀ ସାଧନା ସମ୍ମାନ’



ଭୁବନେଶ୍ୱର, ୨୬।୬ (ସମିସ):ନୃତ୍ୟଶାଳା ଓ ମାସିକ ସାଂସ୍କୃତିକ ପତ୍ରିକା କଳାକୃତିର ମିଳିତ ସହଯୋଗରେ ୧୫ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ ‘ମାର୍ଗୀ’ ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ବାବୁ ସିଂହ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ନାଟ୍ୟଗୁରୁ ଧିରେନ୍ଦ୍ର ନାଥ ମଲ୍ଲିକ, ମର୍ଦ୍ଦଳ ଗୁରୁ ସଚିଦାନନ୍ଦ ଦାସ, ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠିତ ନୃତ୍ୟଗୁରୁ ପଦ୍ମଶ୍ରୀ ମାଧଭି ମଦୁଗଲ୍‌ଙ୍କୁ ‘ମାର୍ଗି ଜୀବନ ବ୍ୟାପୀ ସମ୍ମାନ-୨୦୨୫’ ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିବା ବେଳେ ଆଲୋକ ସମ୍ପାଦନ ଦେବୀପ୍ରସାଦ ମିଶ୍ର କରିଥିଲେ।

# ସଂସ୍କୃତି ଚର୍ଚ୍ଚା ସମାରୋହରେ ‘ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ’

ଭୁବନେଶ୍ୱର, ୨୬।୬(ସମିସ): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୪ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ କହିଥିଲେ ଯେ, ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାବାସୀଙ୍କ ଅଧ୍ୟାତ୍ମିକ ସାଂସ୍କୃତିକ ଚେତନାର କେନ୍ଦ୍ରବିନ୍ଦୁ। ସାଲବେଗ, ବନମାଳୀ, ଦୀନକୃଷ୍ଣ, ଦାସିଆବାଉରୀ, ଗୋପାଳକୃଷ୍ଣ, ଅଭିମନ୍ୟୁଙ୍କ ଠାରୁ ଆରମ୍ଭ କରି ଇନ୍ଦ୍ରଦ୍ୟୁମ୍ନ, ବିଶ୍ୱାବସୁ, ଜାରାଶବର, ଲଳିତା, ବିଦ୍ୟାପତି ପ୍ରମୁଖଙ୍କ ଠାରୁ କାଳିଆ ଠାକୁରଙ୍କ ସମ୍ପର୍କରେ ଅନେକ ଅଲୌକିକ କଥାକୁ ବିସ୍ତୃତ ଭାବେ ସେ ଆଲୋଚନା କରିଥିଲେ। ଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।








# ଉତ୍କଳ ସମ୍ମିଳନୀ ପକ୍ଷରୁ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, ୨୬।୬ (ସମିସ): ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଆଦି ବରପୁତ୍ରଙ୍କ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ସଂଯୋଜନା କରିଥିଲେ।






## ବିଏମ୍ସିର ୩୨ତମ ସାଧାରଣ ପରିଷଦ ବୈଠକ

# ଖୁବ୍‌ଶୀଘ୍ର ରାଜଧାନୀରେ କୁକୁର ଗଣନା

- ସହିଦ ନଗର ହାଟ ପିଣ୍ଡି ଆବଣ୍ଟନ ଖୁବ୍‌ଶୀଘ୍ର
- କଡ଼ାକଡ଼ି ହେବ ରାସ୍ତାକଡ଼ ଖାଦ୍ୟ ଦୋକାନ ଯାଞ୍ଚ
- ମୋବାଇଲ୍ ଆପ୍‌ରେ ଦେଇହେବ ଟିକସ

ଭୁବନେଶ୍ୱର, ୨୬।୬(ସମିସ)

ଯଦିବା ପୂର୍ବରୁ ବିଏମ୍ସି ଅଞ୍ଚଳରେ କୁକୁର ବନ୍ଧ୍ୟାକରଣ କରାଯାଇଥିଲା କିନ୍ତୁ କୁକୁର ଗଣନା କରାଯାଇ ନ ଥିଲା। ତେଣୁ କୁକୁରଙ୍କ ଗଣନା ପାଇଁ ବିଏମ୍ସି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଖୁବ୍‌ଶୀଘ୍ର ରାଜଧାନୀରେ କୁକୁର ଗଣନା କରାଯିବ ବୋଲି ବିଏମ୍ସିର ୩୨ ତମ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ସହିଦ ନଗର ହାଟ ପିଣ୍ଡି ଆବଣ୍ଟନ ନେଇ ସମସ୍ତ କାମ ପ୍ରାୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ସେଗୁଡ଼ିକ ଆବଣ୍ଟନ କରାଯିବାକୁ କର୍ପୋରେସନ୍ ବୈଠକରେ ନିଷ୍ପତ୍ତି ହୋଇଛି। ସେହିଭଳି ଅନୁଷ୍ଠିତ ବୈଠକରେ ବିଜ୍ଞାପନ ସଂସ୍ଥା ସେମାନଙ୍କର ବକେୟା ଅର୍ଥ ବିଏମ୍ସିକୁ ପ୍ରଦାନ କରି ନାହାଁନ୍ତି। ସେଥିପାଇଁ ତାଙ୍କୁ ନୋଟିସ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେମାନେ ବକେୟା ଅର୍ଥ ପୈଠ ନ କଲେ, ତାଙ୍କ ବିରୋଧରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଡ୍ରେନରୁ ପଙ୍କୋଦ୍ଧାର କରିବା ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଚଳିତ ବର୍ଷ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ଆଗୁଆ ବ୍ୟାପକ ପଦକ୍ଷେପ ନିଆଯାଇଥିବାରୁ ରୋଗୀଙ୍କ ସଂଖ୍ୟା କମ ରହିଛି ବୋଲି କୁହାଯାଇଥିଲା। ଆଗାମୀ ଦିନରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ହ୍ରାସ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।




ସେହିଭଳି ନିକଟରେ ରାଜଧାନୀରେ ଦେଖା ଦେଇଥିବା ଡାଇରିଆ ପ୍ରତି ବିଏମ୍ସି ସଜାଗ ରହିଛି। ପ୍ରତିଶେଧକ ବ୍ୟବସ୍ଥା ସ୍ୱରୂପ, ଖାଦ୍ୟ ସୁରକ୍ଷା ଟିମ୍ ସହ ୱାଟକୋ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଖାଦ୍ୟ ଓ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଉଛନ୍ତି। ରିପୋର୍ଟ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜଧାନୀର ଯେଉଁ ଖାଦ୍ୟ ଦୋକାନୀ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସେହିଭଳି ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ବର୍ଷା ଦିନ ଆସିଯାଇଥିବାରୁ ଏଣିକି ରାସ୍ତା ପାର୍ଶ୍ୱ ଏବଂ ବିଭିନ୍ନ ହୋଟେଲରେ ଖାଦ୍ୟ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିଭଳି ବୈଠକ ମୁତାବକ ଏଣିକି ଆଉ ଲୋକଙ୍କୁ ବିଭିନ୍ନ ପ୍ରକାର ଟାକ୍ସ ଦେବାକୁ ଆଉ ବିଏମ୍ସି ଅଫିସ କିମ୍ବା ୱାର୍ଡ ଅଫିସ ଯିବାକୁ ପଡ଼ିବ ନାହିଁ। ମୋବାଇଲ ହ୍ୱାଟ୍ସ ଆପରେ ସେମାନେ ନିଜେ ନିଜର ସମସ୍ତ ପ୍ରକାର ଟ୍ୟାକ୍ସ ଦେଇପାରିବେ। ଯେଉଁ ଠିକାସଂସ୍ଥା କାମ କରିଛନ୍ତି ସେମାନେ କିଭଳି ବକେୟା ଅର୍ଥ ପାଇପାରିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିଳାଶ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ସଂଯୋଜନା କରିଥିଲେ। ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧି, ବିଏମ୍ସିର ସମସ୍ତ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଟାରୀ ରୟାଲର ଡିଜି ଓ ଓସିଭି ଅନୁଷ୍ଠିତ




ଭୁବନେଶ୍ୱର, ୨୬।୬(ସମିସ): ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ରୟାଲ ଆନୁକୂଲ୍ୟରେ 'ପ୍ରାନ୍ତପାଳ ଅଧିକାରୀଙ୍କ କ୍ଲବ ପରିଦର୍ଶନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଦିବସବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରପଦା ଛକରେ 'ରୋଟାରୀ ପିସ୍ ପୋଲ' ପ୍ରତିଷ୍ଠା କରାଯିବା ସହ ରୋଟାରୀର 'ସ୍ୱାବଲମ୍ବୀ' ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ବ୍ୟବସାୟିକ ଟ୍ରଲି ପ୍ରଦାନ କରାଯାଇଥିଲା। ରୋଟାରୀ ରୟାଲ ଚକ୍ଷୁ ଚିକିତ୍ସାଳୟର ପରିବର୍ଦ୍ଧିତ ଶାଖା କାର୍ଯ୍ୟାଳୟର ଉଦ୍‌ଘାଟନ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଣାଯାଇ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଥିବା ୨୫ ଜଣଙ୍କୁ ଉପଚାର ସାମଗ୍ରୀ ଦିଆଯାଇଥିଲା। ଏଥିରେ ଅତିଥି ଭାବେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର, ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ୍ ସାମଲ ଓ ସ୍ଥାନୀୟ କାର୍ପୋରେଟର ମଧୁସ୍ମିତା ପ୍ରଧାନ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଏକ ହୋଟେଲରେ ସଭାପତି ଶ୍ରୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଚଳିତ ରୋଟାରୀ ବର୍ଷରେ କ୍ଲବ ପକ୍ଷରୁ ସମ୍ପାଦିତ ହୋଇଥିବା ବିଭିନ୍ନ ସେବା ପ୍ରକଳ୍ପର ଭୂୟସୀ ପ୍ରଶଂସା କରିଥିଲେ। କ୍ଲବ ସମ୍ପାଦକ ଆଶିଷ ପରିଡ଼ା ବାର୍ଷିକ ସେବା କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ। ରୋଟାରୀ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରବର୍ତ୍ତୀ ସଭାପତି ଅର୍ଜୁନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜୟଦେବ କଲେଜରେ ପାଠଚକ୍ର

ଭୁବନେଶ୍ୱର, ୨୬।୬(ସମିସ): ଶ୍ରୀଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦେବାଶିଷ ଦାସଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ମମତା ପ୍ରଧାନ, ଅଧ୍ୟାପକ ହିମାଂଶୁ ଶେଖର ନାୟକ, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସୁପ୍ରିୟା ଦାଶ ଆଲୋଚନା କରିଥିଲେ। ଏଥିରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେମାନଙ୍କର ପ୍ରବନ୍ଧ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ କରମଚାନ୍ଦ ସିଂହ ପରିଚାଳନା କରିଥିଲେ।


## ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୨୬।୬ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମଦିନ ଅବସରରେ ବିଜେପି ଯୁବ ନେତା ରାଣା ପ୍ରତାପ ପାତ୍ରଙ୍କ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶତାଧିକ ସଂଖ୍ୟାରେ ସ୍ୱେଚ୍ଛାସେବୀ ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିଥିଲେ। ଏଥିସହ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି, ସ୍ୱେଚ୍ଛାକୃତ ଭାବେ ଆମେ ରକ୍ତଦାନ ଶିବିର, ଫଳ ବଣ୍ଟନ ଓ ବୃକ୍ଷରୋପଣ ଆଦି ସାମାଜିକ କାର୍ଯ୍ୟକ୍ରମ କରୁଛୁ। ଶ୍ରୀ ପ୍ରଧାନ ନିଜର ବିଚକ୍ଷଣ ରାଜନୈତିକ ଚିନ୍ତାଧାରା ପାଇଁ ସାରା ଭାରତରେ ଯୁବକମାନଙ୍କର ପ୍ରେରଣାର ଉତ୍ସ ସାଜିଛନ୍ତି। ଓଡ଼ିଶା ସମେତ ସାରା ଭାରତର ବିକାଶ କରିବାରେ ତାଙ୍କର ଯୋଗଦାନ ପ୍ରତ୍ୟେକ ଯୁବପିଢ଼ିଙ୍କୁ ଆକର୍ଷିତ କରୁଛି।

## ନିଶା ନିବାରଣ ପାଇଁ 'ୱାଦା ସୈନିକ ସମ୍ମାନ'

ଭୁବନେଶ୍ୱର, ୨୬।୬(ସମିସ): ଅନ୍ତର୍ଜାତୀୟ ମାଦକଦ୍ରବ୍ୟ ସେବନ ଓ ଅବୈଧ ବ୍ୟବସାୟ ବିରୋଧୀ ଦିବସ ଅବସରରେ ୱାର ଏଗେନଷ୍ଟ ଡ୍ରଗ ଆବ୍ୟୁଜ (ୱାଦା) ଆନୁକୂଲ୍ୟରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ସୁଶାନ୍ତ କୁମାର ନାଥ, ରାଜ୍ୟ ବିଜେପି ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ୱାଦାର ସମ୍ପାଦକ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଦକ ବିରୋଧୀ ଯୁଦ୍ଧରେ ଅସାଧାରଣ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ 'ୱାଦା ସୈନିକ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ଅତିଥିଙ୍କ ଦ୍ୱାରା ୱାଦା ଆନ୍ଥେମ, ବ୍ରୋଚର ଓ ଟି ସାର୍ଟ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମକୁ ବାସୁଦେବ ନାଥ ସଞ୍ଚାଳନ କରିଥିବାବେଳେ ବିଭୁ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ସ୍ୱର୍ଗତଃ ନିରଞ୍ଜନ ରଥଙ୍କୁ ଶ୍ରଦ୍ଧାଞ୍ଜଳି



ନନ୍ଦନକାନନ, ୨୬।୬(ସମିସ): ସମାଜସେବୀ ତଥା ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ସ୍ୱର୍ଗତଃ ନିରଞ୍ଜନ ରଥଙ୍କ ବିୟୋଗରେ ଚନ୍ଦ୍ରଶେଖରପୁର କାଉଣ୍ଟର ସମସ୍ତ ସଂଘର ହକରମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ନାଲକୋ ହକର ସଂଘର ସାଧାରଣ ସମ୍ପାଦକ ଅରୁଣ ଦେ ସ୍ୱର୍ଗତଃ ରଥଙ୍କ ଜୀବନୀ ତଥା ପୂର୍ବତନ ସମଜେ ସମ୍ପାଦକ ଥିବା ସମୟରେ ସମାଜର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ଥିଲେ ବୋଲି କହିଥିଲେ। ସ୍ୱର୍ଗତଃ ରଥଙ୍କ ଅମର ଆତ୍ମାର ସଦଗତି ପାଇଁ ସମସ୍ତେ ନିରବ ପ୍ରାର୍ଥନା କରିଥିଲେ।




## 'ନିଶା ଅଜଗର' ମଞ୍ଚସ୍ଥ



ଭୁବନେଶ୍ୱର, ୨୬।୬(ସମିସ): ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଆନୁକୂଲ୍ୟରେ ଏବଂ ଆଭା ଅନୁଷ୍ଠାନ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ସଂଯୋଜକ ଏଜେନ୍ସି (ଏସ୍ଏଲ୍ସିଏ) ପକ୍ଷରୁ ଆନ୍ତର୍ଜାତୀୟ ନିଶା ସେବନ ଓ ଅବୈଧ କାରବାର ବିରୋଧ ଦିବସ ଭଞ୍ଜକଳା ମଣ୍ଡପ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନିଶା ମୁକ୍ତ ସଚେତନତା ଶୋଭାଯାତ୍ରା ବିଜେବି କଲେଜରୁ ବାହାରି ଭଞ୍ଜକଳା ମଣ୍ଡପ ଠାରେ ପହଞ୍ଚିଥିଲା। ଏହା ସହିତ 'ନିଶା ଅଜଗର' ସଚେତନତା ନାଟକ ପରିବେଷଣ ହୋଇଥିଲା। ଗଜପତି ଜିଲ୍ଲାର ବନ୍ଦେ ଭାରତ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ ବିଷ୍ଣୁପଦ ମିଶ୍ର। ଏହି ଉତ୍ସବରେ ଅତିଥି ଭାବେ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ସୁପରିଟେଣ୍ଡେଣ୍ଟ ସମିରାନ୍ ପଲ୍, ଏନ୍ସିବି ସବ୍ଇନିସ୍‌ପେକ୍ଟର ପରମର୍ ସିଦ୍ଧାର୍ଥ ବିକ୍ରମ, ରାଜ୍ୟସ୍ତରୀୟ ସଂଯୋଜକ ଏଜେନ୍ସିର ମୁଖ୍ୟ ସୁଧିର ଚନ୍ଦ୍ର ଦାସ, ଆଭାର ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା, ପ୍ରକଳ୍ପ ସଂଯୋଜକ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ନିଶା ସେବନର ଅପକାରିତାକୁ ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିଲେ।

## ସମ୍‌ରେ ଅଗ୍ନିକଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୬।୬(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଜରୁରିକାଳୀନ ମେଡିସିନ୍ ବିଭାଗ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିରରେ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ବେସିକ୍ ଲାଇଫ ସପୋର୍ଟ (ବିଏଲ୍ଏସ୍), କାର୍ଡିଓପଲ୍‌ମୋନାରୀ ରିସସିଟେସନ୍ ( ସିପିଆର) ଓ ପେଣ୍ଟ୍ ସେଫ୍ଟି ଟ୍ରେନିଂ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ପ୍ରାୟ ୬୫ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ୮ଟି ଦଳରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ଏଥିରେ ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବାର ଆଡିସ୍‌ନାଲ ଡିଜି ଡ. ସୁଧାଂଶୁ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିବା ବେଳେ ହସ୍ପିଟାଲ୍‌ର ଇନ୍‌ଚାର୍ଜ ଡିନ୍ ତଥା ଇନ୍ଏଟି ବିଭାଗର ମୁଖ୍ୟ ପ୍ରଫେସର ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।















# ଦୋମୁହାଁ ନୀତିକୁ ଭାରତର ବିରୋଧ

## ଏସ୍‌ସିଓ ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ମନାକଲେ ରାଜନାଥ



ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ଚୀନ୍‌ର କିଙ୍ଗଦାଓ ରାଜ୍ୟରେ ଗୁରୁବାର ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ରେ ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ହୋଇଛି । ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ପାକିସ୍ତାନର ଖ୍ୱଜା ଆସିଫ୍ ଯୋଗ ଦେଇଛନ୍ତି । କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ । ଏସିଓର ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ରାଜନାଥ ମନା କରିଦେଇଛନ୍ତି । ଏଥିରେ ଜମ୍ମୁ- କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା । କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା ।

ଏ ନେଇ ଭାରତ ଖୋଲାଖୋଲି ଭାବେ ତା'ର ଅସନ୍ତୋଷ ଜାହିର କରିଛି । କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି । ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି । ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ । ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ହୃଦୟଙ୍ଗମ କରିବାକୁ ହେବ । ଏସ୍‌ସିଓକୁ ଏହିଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ ବୋଲି ରାଜନାଥ କହିଛନ୍ତି । ଏଥିରେ ସବୁଦେଶ ଏକାଠି ହୋଇ ସହମତି ପ୍ରକାଶ କରିପାରିନାହାନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ଖାସ୍ ଏଥିପାଇଁ ଏହି ଦସ୍ତାବିଜ୍‌କୁ ଅନ୍ତିମ ରୂପ ଦିଆଯାଇନାହିଁ । ଆତଙ୍କବାଦ ଓ ଏଥି ସହିତ ଜଡିତ ସମସ୍ୟା ଓ ଚିନ୍ତା ନେଇ ମିଳିତ ବିବୃତିରେ ସ୍ଥାନ ଦେବାକୁ ଭାରତ ଚାହୁଁଥିଲା । କିନ୍ତୁ ପାକିସ୍ତାନ ନାମ ନ ନେଇ କେବଳ ଗୋଟିଏ ଦେଶକୁ ଏହା ମଞ୍ଜୁର ନଥିଲା ବୋଲି ସେ କହିଛନ୍ତି । ସବୁ ୧୧ଟି ଦେଶକୁ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ଭାରତ ଦାବି କରିଥିଲା । ଏହି ବୈଠକରେ ରାଜନାଥ ୪ଟି ପଏଣ୍ଟକୁ ଗୁରୁତ୍ୱ ଦେଇଥିଲେ । ଉଗ୍ରବାଦ ଓ ଆତଙ୍କବାଦ ଏବେ ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି ଓ ଆତଙ୍କାବଦ ବିରୋଧରେ ଶୂନ୍ୟ ସହନଶୀଳତାକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି । ସେହିପରି ଦେଶଗୁଡିକ ମଧ୍ୟରେ ହେଉଥିବା ସଂଘର୍ଷକୁ କଥାବାର୍ତ୍ତା ମଧ୍ୟରେ ରୋକିବାକୁ ଏବଂ କରୋନା ଭଳି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ଭାରତ ସମେତ ଚୀନ, ରୁଷ, ଇରାନ, ପାକିସ୍ତାନ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ, ବେଲାରୁଷ, କିର୍‌ଗିଜସ୍ତାନ ଓ କାଜାଖସ୍ତାନର ପ୍ରତିନିଧି ଯୋଗଦେଇଥିଲେ ।

**■ ଆତଙ୍କବାଦ ନେଇ ବୈଠକରେ ଦୋମୁହାଁ ନୀତି**

**■ ବିବୃତିରେ ବେଲୁଚିସ୍ତାନ ରହିଛି; ପହଲଗାମ ବାଦ୍**

## ଅହମଦାବାଦ ବିମାନ ଦୁର୍ଘଟଣା

### ମିଳିଲା ବ୍ଲାକବକ୍ସ ତଥ୍ୟ

ଅହମଦାବାଦ୍, ୨୬ ।୬(ଏଜେନ୍ସି): ଅହମଦାବାଦ୍‌ରେ ଜୁନ୍ ୧୨ରେ ହୋଇଥିବା ଏୟାରଇଣ୍ଡିଆ ବିମାନ ଦୁର୍ଘଟଣାର ବ୍ଲାକ ବକ୍ସର ଡାଟା ମିଳିଛି ତଥା ରିକଭର ହୋଇଛି । ଏହି ଡାଟା ତଥା ତଥ୍ୟକୁ ଡାଉନଲୋଡ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି । ମେମୋରି ମଡ୍ୟୁଲର ଆକ୍ସେସ ବି ମିଳିଯାଇଛି । ଏବେ ଯାଞ୍ଚ ଏଜେନ୍ସି ମିଳିଥିବା ଡାଟାର ବିଶ୍ଳେଷଣ କରିବେ । ଏଥିରେ ଦୁର୍ଘଟଣା କାରଣ ନେଇ ସୂଚନା ମିଳିପାରିବ ବୋଲି କୁହାଯାଇଛି । ପୂର୍ବରୁ ୨୪ ତାରିଖରେ ଯାଞ୍ଚ ପାଇଁ ବ୍ଲାକ୍ ବକ୍ସକୁ ବିଦେଶ ପଠାଯିବ ନାହିଁ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାୟୁଡୁ କହିଥିଲେ । ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ବ୍ଲାକ୍ ବକ୍ସର ଯାଞ୍ଚ କରୁଛି । ବିମାନର ଦୁଇଟି ବ୍ଲାକ ବକ୍ସ ଯଥା ସିଭିଆର ଓ ଡିଏଫ୍‌ଡିଆରର ସେଟ୍ ମିଳିଛି । ଦୁର୍ଘଟଣା ସମୟରେ ପାଇଲଟ୍‌ଙ୍କ ମଧ୍ୟ ହୋଇଥିବା କଥାବାର୍ତ୍ତାର ଓ ବିମାନର ବୈଷୟିକ ତଥ୍ୟ ନେଇ ସୂଚନା ଏଥିରୁ ମିଳିପାରିବ ।

## ଅଲକାନନ୍ଦାରେ ଖସି ପଡ଼ିଲା ଟ୍ରାଭେଲର୍

### ୩ ଜଣଙ୍କ ମୃତ୍ୟୁ, ୫ ନିଖୋଜ

ଉଦୟପୁର, ୨୬ ।୬(ଏଜେନ୍ସି): ଉତ୍ତରାଖଣ୍ଡର ଅଲକାନନ୍ଦା ନଦୀରେ ଏକ ଛୋଟ ବସ୍ (ଟ୍ରାଭେଲର) ଖସିପଡ଼ିଛି । ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି । ୧୦ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଉଦୟପୁର ଓ ଗୋଗୁନ୍ଦାରୁ ୪ ଧାମକୁ ଯାତ୍ରା କରୁଥିବା ଏକ ପରିବାରର ୨୦ ଜଣ ସଦସ୍ୟଙ୍କୁ ନେଇ ଯାଉଥିବା ଏହି ଟ୍ରାଭେଲରକୁ ରୁଦ୍ରପ୍ରୟାଗ ଓ ଗୌଚ୍ଛର ମଧ୍ୟରେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ନିୟନ୍ତ୍ରଣ ହରାଇ ବସ ନଦୀକୁ ଖସି ପଡ଼ିଥିଲା ।

## ନ୍ୟୁୟର୍କ ମେୟର ପ୍ରାର୍ଥୀ ମୀରା ନାଏରଙ୍କ ପୁଅଙ୍କୁ ନେଇ ଚର୍ଚ୍ଚା

ନ୍ୟୁୟର୍କ, ୨୬ ।୬(ଏଜେନ୍ସି): ପ୍ରସିଦ୍ଧ ଭାରତୀୟ ସିନେମା ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ ୩୩ ବର୍ଷୀୟ ଜୋହରାନ ମାମଦାନୀ ଆମେରିକାର ନ୍ୟୁୟର୍କ ମେୟର ପଦ ପାଇଁ ଲଢିବା ଏକପ୍ରକାର ନିଶ୍ଚିତ ହୋଇଛି । ମାମଦାନୀ ମଙ୍ଗଳବାର ରାତିରେ ନ୍ୟୁୟର୍କ ଟାଉନ୍ ପାଇଁ ଡେମୋକ୍ରାଟିକ୍ ଦଳର ପ୍ରାଥମିକ ନିର୍ବାଚନରେ ପୂର୍ବ ଗଭର୍ନର ଆଣ୍ଡ୍ରୁ କୁଓମୋଙ୍କୁ ପରାସ୍ତ କରି ଆଗରେ ରହିଛନ୍ତି । ଜୋହରାନ ଏପେ ଡେମୋକ୍ରାଟିକ୍ ପାର୍ଟି ତରଫରୁ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି । କେବଳ ସେତିକି ନୁହଁ ସେ ମେୟର ପଦ ପାଇଁ ଆୟୋଜନ ହେବାକୁ ଥିବା ସାଧରଣ ନିର୍ବାଚନରେ ବିଜୟୀ ହେବା ମଧ୍ୟ ନିଶ୍ଚିତ । ସେ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ତାଙ୍କୁ ନେଇ ସବୁଠି ଚର୍ଚ୍ଚା ଚାଲିଛି ।

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ଉଧମପୁର, ୨୬ ।୬(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧମପୁରର ବସନ୍ତଗଡ଼ ଇଲାକାରେ ଗୁରୁବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି । ଏହି ଅଞ୍ଚଳରେ ଆଉ ୩ ଜଣ ଆତଙ୍କବାଦୀ ଛପି ରହିଥିବା ଆଶଙ୍କା କରାଯାଉଛି । ସେନାବାହିନୀ ଓ ପୁଲିସର ସର୍ଚ୍ଚ ଅପରେସନ ଚାଲୁ ରହିଛି । ଗତବର୍ଷରୁ ଏହି ଅଞ୍ଚଳରେ ୪ ଆତଙ୍କବାଦୀ ଲୁଚି ରହିଥିବାର ସୂଚନା ମିଳିଥିଲା ବୋଲି ଜମ୍ମୁ ଜୋନ ଆଇଜିପି ଭିମ ସେନ୍ କହିଛନ୍ତି । ଗୁରୁବାର ସକାଳ ୮ଟାରେ ଏ ନେଇ ଠୋସ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଚାଲୁ ରହିଛି । ଏତିକି ବେଳେ ଆତଙ୍କବାଦୀମାନେ ସୁରକ୍ଷାବଳର ଜବାନଙ୍କ ଉପରେ ଗୁଳି ଚଳାଇବା ପରେ ଜବାବି କାର୍ଯ୍ୟାନୁଷ୍ଠାନ ପରେ ଜଣେ ଆତଙ୍କବାଦୀ ଟଳି ପଡ଼ିଥିଲେ ।

## ଇହୁଦୀକୁ ପରିବର୍ତ୍ତିତ ହେବା ଚର୍ଚ୍ଚାକୁ ଆର୍ମେନିଆ ପ୍ରଧାନମନ୍ତ୍ରୀଙ୍କ ଖଣ୍ଡନ

ୟେରେଭାନ, ୨୬ ।୬(ଏଜେନ୍ସି): ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନୟାନଙ୍କ ବିରୋଧରେ ଏକ ନୂଆ ଅଭିଯୋଗ ଆଣିଛନ୍ତି ଦେଶର ସବୁଠାରୁ ବଡ଼ ଚର୍ଚ୍ଚର ପାଦ୍ରୀ ଫାଦର ଜୋରହ ଅଶୁରୟାନ । ଖତନା କରି ନିକୋଲ ଇହୁଦି ଧର୍ମ ଆପଣାଇଛନ୍ତି ବୋଲି ଫାଦର ସୋସିଆଲ ମିଡିଆରେ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି । ସେ ଖ୍ରୀଷ୍ଟିଆନ ନୁହନ୍ତି ବୋଲି କୁହାଯାଇଛି । କିନ୍ତୁ ଏହି ଅଭିଯୋଗକୁ ନିକୋଲ ଖଣ୍ଡନ କରିଛନ୍ତି । ଖତନା କରିନାହିଁ ଓ ଏ ନେଇ ପ୍ରମାଣ ଦେବାକୁ ରାଜି । ଯଦି ଚର୍ଚ୍ଚ ମୋ ଉପରେ ସନ୍ଦେହ କରୁଛି, ତେବେ ଏ ନେଇ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି । ପୂର୍ବରୁ ନିକୋଲ ଫାଦରଙ୍କ ବିରୋଧରେ ମଧ୍ୟ ବିଭିନ୍ନ ଅଭିଯୋଗ ଆଣିଥିଲେ । ତେଣୁ ଉଭୟେ ପରସ୍ପର ବିରୋଧରେ ଅଭିଯୋଗ ଲଗାଇ ଚାଲିଛନ୍ତି ।

## ଟ୍ୟୁସନ କରି ମାସକୁ ୮୬ ଲକ୍ଷ ଆୟ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ । ନ୍ୟୁୟର୍କର ଷ୍ଟିଭନ ମେକିଙ୍ଗ ଟ୍ୟୁସନ କରି ଘଣ୍ଟାକୁ ହଜାରେ ଡଲାର (ପ୍ରାୟ ୮୬ ହଜାର ଟଙ୍କା) ଆୟ କରୁଛନ୍ତି । ସେ ସପ୍ତାହକୁ ୨୦-୨୫ ଘଣ୍ଟା ପର୍ଯ୍ୟନ୍ତ ଟ୍ୟୁସନ କରୁଛନ୍ତି । ଏହି ପରି ଭାବେ ସେ ମାସକୁ ଘରେ ରହି ୮୬ ଲକ୍ଷ ଟଙ୍କା ଆୟ କରୁଛନ୍ତି । ଷ୍ଟିଭନ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଟ୍ରେଡରରେ କାମ କରୁଥିଲେ । କିନ୍ତୁ ଟ୍ୟୁସନ ପାଇଁ ସେ ଏହି ଚାକିରି ଛାଡ଼ି ଦେଇଥିଲେ । ସେ ପ୍ରଥମେ ସହରର ବିଭିନ୍ନ ଏଜେନ୍ସି ସହ ମିଶି କାମ କରୁଥିଲେ । ପରେ ୱାଇଜାଣ୍ଟ ଭଳି ଅନ୍‌ଲାଇନ ପ୍ଲାଟଫର୍ମ ସହ ସାମିଲ ହୋଇଥିଲେ । ପ୍ରଥମେ ସେ ଘଣ୍ଟାକୁ ୪ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ । କିନ୍ତୁ ପରେ ଏଭଳି ବିଷୟ ପଢ଼ାଇଲେ ଯେଉଁଥି ପାଇଁ ତାଙ୍କ ଆୟ ବଢି ଯାଇଥିଲା ।

## ଉତ୍ସବ ପାଳନ ବେଳେ ଗୁଳିବର୍ଷା; ୧୨ ମୃତ

ମେକ୍ସିକୋ ସିଟି, ୨୬ ।୬(ଏଜେନ୍ସି): ମେକ୍ସିକୋର ଗୁଆନାଜୁଆଟୋ ରାଜ୍ୟର ଇରାପୁଆଟୋ ସହରରେ ମଙ୍ଗଳବାର ରାତିରେ ଏକ ଉତ୍ସବ ପାଳନ ହେଉଥିବା ବେଳେ ଗୁଳିକାଣ୍ଡ ଘଟିଛି । ଏଥିରେ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୦ଜଣ ଆହତ ହୋଇଛନ୍ତି । ସେଣ୍ଟ ଜନ୍ ଦି ବାପ୍ଟିଷ୍ଟ ଉତ୍ସବ ପାଳନ କରିବା ଅବସରରେ ଲୋକେ ରାସ୍ତା ଉପରେ ନାଚିବା ଓ ଗାଇବା ସହ ଉତ୍ସବ ମନାଉଥିବା ବେଳେ ଏହି ଘଟଣା ଘଟିଥିଲା । ସ୍ଥାନୀୟ ପ୍ରଶାସନ ବୁଧବାର ଏହି ଘଟଣା ନେଇ ସୂଚନା ଦେଇଥିଲା । ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ୧୧ ଜଣଙ୍କ ପରିଚୟ ମିଳିଛି । ଏଥିରେ ୮ ଜଣ ପୁରୁଷ ୨ ଜଣ ମହିଳା ଓ ଜଣେ ୧୭ ବର୍ଷୀୟା ନାବାଳିକା ସାମିଲ ଅଛନ୍ତି । ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି ।


ମେକ୍ସିକୋ ସ୍ତବ୍ଧ

ଏହ ଘଟଣାରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ୍ ଦୁଃଖ ପ୍ରକାଶ କରିଛନ୍ତି ଓ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗୁଆନଜୁଆଟୋ ରାଜଧାନୀ ମେକ୍ସିକୋ ସିଟିର ଉତ୍ତରପଶ୍ଚିମରେ ଅବସ୍ଥିତ । ଏହି ସହରରେ ଅପରାଧୀମାନଙ୍କ ପ୍ରଭାବ ରହିଛି । ସହର ଉପରେ ପତିଆରା ଜାହିର କରିବାକୁ ଅପରାଧୀମାନଙ୍କର କେତୋଟି ସଂଗଠନ ମଧ୍ୟରେ ବିବାଦ ତଥା ହିଂସା ଏଠାରେ ଦେଖିବାକୁ ମିଳିଥାଏ । ଏହି କାଣ୍ଡ ଘଟାଇଥିବା ଅପରାଧୀଙ୍କୁ ଧରିବା ପାଇଁ ଅଭିଯାନ ଜୋରଦାର ହୋଇଛି । ଏହା ମେକ୍ସିକୋର ସବୁଠାରୁ ହିଂସାଗ୍ରସ୍ତ ରାଜ୍ୟ ଭାବେ କୁଖ୍ୟାତି ହାସଲ କରିଛି । ଚଳିତ ବର୍ଷ ପ୍ରଥମ ୫ ମାସରେ ଏଠାରେ ୧, ୪୩୫ ଲୋକ ହତ୍ୟାର ଶିକାର ହୋଇଛନ୍ତି ।

## ଯୁଦ୍ଧ ଜିତିଛୁ; ଆମେରିକା ମୁହଁକୁ ଶକ୍ତ ଚାପୁଡ଼ା ମାରିଛୁ: ଖାମନେଇ



ତେହରାନ, ୨୬।୬ (ଏଜେନ୍ସି): ଅସ୍ତ୍ରବିରତି ପରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇ ଗୁରୁବାର ବାହାରକୁ ବାହାରିଛନ୍ତି । ଇସ୍ରାଏଲ ଏବଂ ଆମେରିକା ସହ ସଂଘର୍ଷ ପରେ ସେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ବାର୍ତ୍ତା ଦେଇଛନ୍ତି । ଇସ୍ରାଏଲ ସହ ଯୁଦ୍ଧରେ ଇରାନ ବିଜୟୀ ହୋଇଛି ବୋଲି ଖାମନେଇ ଦାବି କରିଛନ୍ତି । ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ନେଇ ସେ ଆମେରିକାକୁ ସମାଲୋଚନା କରିଛନ୍ତି । ଆମେରିକା ମୁହଁକୁ ଇରାନ ଶକ୍ତ ଚାପୁଡ଼ା ମାରିଛି ବୋଲି ଖାମନେଇ କହିଛନ୍ତି । ଟିଭିରେ ପ୍ରସାରିତ ବାର୍ତ୍ତାରେ ଖାମନେଇ ଏହି ମନ୍ତବ୍ୟ ଦେଇଛନ୍ତି ।

ଇରାନର ଏହି ସର୍ବୋଚ୍ଚ ନେତା ତିନି ପରମାଣୁ କେନ୍ଦ୍ରରେ ଆମେରିକା ଆକ୍ରମଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି । ଖାମନେଇ କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ପରମାଣୁ କେନ୍ଦ୍ରରେ ସେତେ କ୍ଷତି ହୋଇନାହିଁ । ଆମେରିକା ବିଶେଷ କିଛି ହାସଲ କରିପାରି ନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାଲି ଦେଖେଇ ହେଉଛନ୍ତି । ଖାମନେଇଙ୍କ ଏହି ମନ୍ତବ୍ୟକୁ ନେଇ ଟ୍ରମ୍ପ କରିଥିବା ଦାବି ଉପରେ ପ୍ରଶ୍ନ ଉଠୁଛି । ପେଣ୍ଟାଗାନ ରିପୋର୍ଟରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଇଥିଲା । କିନ୍ତୁ ଟ୍ରମ୍ପ ରିପୋର୍ଟକୁ ମିଥ୍ୟା କହି ଖଣ୍ଡନ କରିଦେଇଥିଲେ । ଅଶେଷ କ୍ଷତି ହୋଇଥିବା କହିଥିଲେ ।

ଖାମନେଇ କହିଛନ୍ତି ଯେ ମିଛୁଆ ଇସ୍ରାଏଲ ବିରୋଧରେ ଯୁଦ୍ଧ ଜିତିବାକୁ ନେଇ ଦେଶବାସୀଙ୍କୁ ଶୁଭେଚ୍ଛା । ଆକ୍ରମଣ କରି ଇସ୍ରାଏଲକୁ ଇରାନ ଧରାଶାୟୀ କରିଦେଲା, ଦଳି ଦେଲା । ଆମେରିକା ଏହି ଯୁଦ୍ଧକୁ ଡେଇଁ ଥିଲା । କାରଣ ଯୁଦ୍ଧରେ ଦଖଲ ନ ଦେଲେ ଇସ୍ରାଏଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଆମେରିକା ଭାବିଥିଲା । କିନ୍ତୁ ୱାଶିଂଟନ କିଛି ହାସଲ କରିପାରିଲା ନାହିଁ । ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଠିକଣାରେ ଇରାନ ପହଞ୍ଚି ଯାଇଥିଲା । ଆଉ ଯଦି ଆକ୍ରମଣ ହୁଏ ତେବେ ଶତ୍ରୁକୁ ବହୁମୂଲ୍ୟ ଦେବାକୁ ପଡ଼ିବ । ଅନ୍ୟପଟେ ନେଦରଲାଣ୍ଡର ହେଗ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ସାମିଲ ହୋଇ ଟ୍ରମ୍ପ ଇରାନକୁ ପ୍ରଶଂସା କରିଛନ୍ତି । ତେହରାନ ସାହସର ସହ ଯୁଦ୍ଧ ଲଢ଼ିଥିଲା ବୋଲି କହିଛନ୍ତି । ଯୁଦ୍ଧର କ୍ଷୟକ୍ଷତିରୁ ବାହାରିବା ପାଇଁ ଇରାନକୁ ତେଲ ବିକିବାର ଆବଶ୍ୟକତା ରହିଛି । ଯଦି ଚୀନ୍ ଇରାନଠାରୁ ତେଲ କିଣେ ତେବେ ଆମେରିକାର କୌଣସି ସମସ୍ୟା ନାହିଁ । ତେଲ ବିକ୍ରିକୁ ନେଇ ଇରାନ ଉପରେ କୌଣସି କଟକଣା ଲଗାଇବୁ ନାହିଁ । ତେବେ ସମ୍ମିଳନୀରେ ସାମିଲ ହେବା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଚୀନ୍ ଆମେରିକାଠାରୁ ମଧ୍ୟ ତେଲ କିଣିବ ।

**■ ଇରାନ ସାହସର ସହ ଲଢ଼ିଥିଲା: ଟ୍ରମ୍ପ**

**■ ତେଲ ବିକ୍ରି କରିବାକୁ ଅଟକାଇବୁନି**

## ସଂସଦ ନୁହେଁ; ସମ୍ବିଧାନ ସର୍ବୋପରି: ସିଜେଆଇ



ନୂଆଦିଲ୍ଲୀ, ୨୬ ।୬(ଏଜେନ୍ସି): ସଂସଦ ଓ ସମ୍ବିଧାନ ମଧ୍ୟରେ କେଉଁଟି ଉପରେ ବା ଅଧିକ ପ୍ରଭାବୀ ସେ ନେଇ ବିତର୍କ ଚାଲଥିବା ବେଳେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏ ନେଇ ବଡ଼ ମନ୍ତବ୍ୟ ଦେଇଛନ୍ତି । ସଂସଦଠାରୁ ସମ୍ବିଧାନ ଯଥେଷ୍ଟ ଉପରେ ବୋଲି ସେ କହିଛନ୍ତି । ନିଜ ଘରୋଇ ସହର ଅମରାବତୀରେ ବୁଧବାର ବାର ଆସୋସିଏସନର ଏକ ଅଭ୍ୟର୍ଥନା ଉତ୍ସବରେ ଯୋଗ ଦେଇ ସମ୍ବିଧାନ ସର୍ବୋପରି ବୋଲି ସେ କହିଛନ୍ତି । ଆମ ଲୋକତନ୍ତ୍ରର ୩ଟି ଅଙ୍ଗ ବା ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ସମ୍ବିଧାନ ଅଧିନରେ ହିଁ କାର୍ଯ୍ୟ କରିଥାଏ । କିଛି ଲୋକ ସଂସଦ ସବୁଠାରୁ ଉଚ୍ଚରେ ବୋଲି କହୁଛନ୍ତି । କିନ୍ତୁ ମୋ ମତରେ ସମ୍ବଧାନ ହିଁ ସର୍ବୋପରି । ସୁପ୍ରିମକୋର୍ଟର ୫୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ନେବା ପରେ ଗଭାଇ ଏହି ସମାରୋହରେ ଯୋଗ ଦେଇଥିଲେ । ସଂସଦ ପାଖରେ ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ରହିଛି । କିନ୍ତୁ ସଂସଦ ସମ୍ବିଧାନର ମୂଳ ଢ଼ାଞ୍ଚାକୁ ବଦଳାଇ ପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଦେଶରେ ନାଗରିକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ଓ ସିଦ୍ଧାନ୍ତର ରକ୍ଷା କରିବା ହେଉଛି ଜଣେ ବିଚାରପତିଙ୍କ ପ୍ରଥମ କର୍ତ୍ତବ୍ୟ । ଏହି ସବୁ କଥାକୁ ଜଣେ ବିଚାରପତି ମନେ ରଖିବା ଉଚିତ । ଲୋକ କ'ଣ କହିବେ ସେ ନେଇ ଆମେ ନିଷ୍ପତ୍ତି ନେବୁ ନାହିଁ । ନିଷ୍ପତ୍ତି ନେବା ବେଳେ ଜଣେ ବିଚାରପତି ତୃଣମୂଳସ୍ତରରେ ଥିବା ତଥ୍ୟ ଓ ସତ୍ୟକୁ ଅଣଦେଖା କରିପାରିବେ ନାହିଁ ବୋଲି ସେ କହିଛନ୍ତି ।

## ୫୨ ବର୍ଷ ପରେ ପେଟରୁ ବାହାରିଲା ଟୁଥ୍‌ବ୍ରଶ୍

ବେଜିଂ, ୨୬।୬ (ଏଜେନ୍ସି): ଚୀନ୍‌ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି । ୬୪ ବର୍ଷୀୟ ୟାଙ୍ଗଙ୍କ ପେଟରୁ ଡାକ୍ତର ଏକ ଟୁଥ୍‌ବ୍ରଶ୍ ବାହାର କରିଛନ୍ତି । ଏହା ୫୨ ବର୍ଷ ହେଲା ତାଙ୍କ ପେଟରେ ଫସି ରହିଥିଲା । ପେଟ ଦରଜ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଯାଞ୍ଚ କରିବା ପରେ କ୍ଷୁଦ୍ରାନ୍ତରେ ୧୭ ସେମି ଲମ୍ବର ଏକ ଟୁଥ୍‌ବ୍ରଶ୍ ଥିବା ଜଣା ପଡ଼ିଥିଲା । ଏହାକୁ ବାହାର କରିବା ପାଇଁ ଏଣ୍ଡୋସ୍କୋପିକ ସର୍ଜରୀ କରିବାକୁ ପଡ଼ିଥିଲା । ୮୦ ମିନିଟର ଅସ୍ତ୍ରୋପଚାର ପରେ ଏହାକୁ ବାହାର କରାଯାଇଥିଲା । ୟାଙ୍ଗ କହିଛନ୍ତି ଯେ ୧୨ ବର୍ଷ ବୟସରେ ସେ ଏହି ବ୍ରଶ୍ ଗିଳି ଦେଇଥିଲେ । ମାତାପିତାଙ୍କ ଡରରେ ସେ କାହାକୁ ଏହା କହି ନ ଥିଲେ । ଏହା ଆପେ ଆପେ ବାହାରିଯିବ ବୋଲି ସେ ଭାବିଥିଲେ । ଏହା ଭାବି ସେ ଜୀବନ ଅତିବାହିତ କରୁଥିଲେ ।

## ଏଣିକି ଉଡ଼ିବ ଇଲେକ୍‌ଟ୍ରିକ୍ ବିମାନ

ୱାସିଂଟନ, ୨୬।୬ (ଏଜେନ୍ସି): ଇଲେକ୍‌ଟ୍ରିକ ଗାଡ଼ି ପରେ ଏବେ ଇଲେକ୍‌ଟ୍ରିକ ବିମାନ ସେବା ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଥର ପାଇଁ ଏକ ବିଦ୍ୟୁତ ଚାଳିତ ବିମାନ ଆମେରିକାର ଇଷ୍ଟ ହାମ୍ପଟନରୁ ନ୍ୟୁୟର୍କ ପର୍ଯ୍ୟନ୍ତ ଉଡ଼ାଣ ଭରିଛି । ବିଟା ଟେକ୍ନୋଲୋଜି କମ୍ପାନୀର ଏହି ବିମାନ ସିଏକ୍ସ୩୦୦ ୪ ଯାତ୍ରୀଙ୍କୁ ନେଇ ୧୩୦ କିମି ଯାତ୍ରା କରିଛି । ଏଥିପାଇଁ ମାତ୍ର ୭୦୦ ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲିକପ୍ଟରରେ ଏତିକି ବାଟ ଯିବା ପାଇଁ ୧୩ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଚଳିତ ବର୍ଷ ଶେଷ ସୁଦ୍ଧା ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ଏହି ବିମାନକୁ ପ୍ରମାଣପତ୍ର ଦେବ ବୋଲି ଆଶା । କମ୍ପାନୀର ପ୍ରତିଷ୍ଠାତା କାଇଲ କ୍ଲାର୍କ କହିଛନ୍ତି ଯେ ଏହି ବିମାନକୁ ଚାର୍ଜ କରି ୧୩୦ କିମି ଉଡ଼ାଣ କରିବା ପାଇଁ ମାତ୍ର ୮ ଡଲାର ଖର୍ଚ୍ଚ (ପ୍ରାୟ ୭୦୦ ଟଙ୍କା) ହେଉଛି । ପାଇଲଟ ଏବଂ ବିମାନ ଖର୍ଚ୍ଚ ଯିବା ସତ୍ତ୍ୱେ ଏହା ସବୁଠୁ ଶସ୍ତା ।

## ହିମାଚଳରେ ବାଦଲଫଟା ବର୍ଷା; ଅହମଦାବାଦ ରାଜପଥ ଜାମ୍

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେଉଛି । ଏଥିଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଏହି ବନ୍ୟାରେ ହିମାଚଳ ପ୍ରଦେଶ ଏବଂ ଗୁଜରାଟ ସର୍ବାଧିକ ପ୍ରଭାବିତ ହୋଇଛି । ଅହମଦାବାଦରେ ଜଣେ ବାଇକ ଚାଳକ ପ୍ରଖର ସ୍ରୋତରେ ଭାସି ଯାଇ ଡ୍ରେନ୍‌ରେ ଫସି ଯାଇଥିଲେ । ୯ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସୁରଟ ଗୀତାନଗର ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି । ଏଠାରୁ ଜଣେ ଗର୍ଭବତୀଙ୍କୁ ଉଦ୍ଧାର କରାଯାଇଛି । ଭଦୋଦରାରେ ପ୍ରବଳ ବର୍ଷା ଯୋଗୁଁ ଅହମଦାବାଦ-ମୁମ୍ବାଇ ହାଇୱେରେ ବଡ଼ ବଡ଼ ଖାତ ହୋଇଯାଇଛି । ଏଥିପାଇଁ ୧୫ କିମି ପର୍ଯ୍ୟନ୍ତ ଜାମ୍ ଲାଗିଛି ।

ସେହିପରି ହିମାଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ କ୍ଷୟକ୍ଷତି ହୋଇଛି । ବୁଧବାର କୁଲ୍ଲୁ ଜିଲ୍ଲାର ଜୀଭା ନାଲ, ସିଲାଗଡ଼ ଘାଟୀ, ସ୍ନୋ ଗ୍ୟାଲେରି, ହୋରନଗଡ଼, କାଙ୍ଗଡ଼ା ଏବଂ ଧର୍ମଶାଳାର ଖନିୟାରାରେ ବାଦଲଫଟା ବର୍ଷା ହୋଇଛି । ଏଥିରେ ୫ ଜଣ ପ୍ରାଣ ହରାଇଥିବାବେଳେ ୭ରୁ ଅଧିକ ନିଖୋଜ ଅଛନ୍ତି । ୧୫ରୁ ୨୦ ଲୋକ ଭାସିଯାଇଥିବାବେଳେ ସେମାନଙ୍କ ଖୋଜ ଖବର ମିଳିପାରି ନାହିଁ । ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଫସିଛନ୍ତି ୨ ହଜାର ପର୍ଯ୍ୟଟକ । ଏହା ବ୍ୟତୀତ ମଧ୍ୟପ୍ରଦେଶର ଜବଲପୁର-ବିଦିଶାରେ ଘରେ ଘରେ ପାଣି ପଶି ଯାଇଛି । ରାଜସ୍ଥାନରେ ଅଲୱରରେ ବନ୍ଧରେ ଛିଡ଼ା ହୋଇ ସେଲ୍‌ଫି ନେଉଥିବା ଜଣେ ଯୁବକର ପାଣି ବୁଡି ମୃତ୍ୟୁ ହୋଇଛି ।

**■ ୫ ମୃତ, ୭ରୁ ଅଧିକ ନିଖୋଜ**

**■ ଫସିଛନ୍ତି ୨ ହଜାର ପର୍ଯ୍ୟଟକ**

## ରେଳ ଧାରଣାରେ କାର୍ ଚଳାଇଲେ ମହିଳା; ବଦଳିଲା ୧୫ ଟ୍ରେନ୍‌ର ଗତିପଥ

ହାଇଦରାବାଦ୍, ୨୬ ।୬(ଏଜେନ୍ସି): ତେଲଙ୍ଗାନାରେ ଜଣେ ମହିଳା ଅଜବ କାଣ୍ଡ ଘଟାଛନ୍ତି । ରଙ୍ଗା ରେଡ୍ଡୀ ଜିଲ୍ଲାରେ ଜଣେ ୩୪ ବର୍ଷୀୟ ମହିଳା ରେଳ ଧାରଣ ଉପରେ ହିଁ ନିଜ କାର୍ ଚଳାଇଥିଲେ । ଏହା ଦେଖି ସେଠାରେ ଉପସ୍ଥିତ ରେଳ କର୍ମଚାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ଏହି କାରଣରୁ ୧୦ରୁ ୧୫ଟି ଟ୍ରେନ୍‌କୁ ରୋକା ଯାଇଛି କିମ୍ବା ସେଗୁଡିକର ଗତିପଥ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି । ଶଙ୍କରପଲ୍ଲୀ ନିକଟରେ ଘଟିଥିବା ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି । ୧୩ ସେକେଣ୍ଡର ଏହି ଭିଡିଓରେ ମହିଳା ଜଣକ ନିଜ କିଆ ସୋନେଟ କାରକୁ ରେଲୱେ ଟ୍ରାକ୍ ଉପରେ ଚଳାଉଥିବା ଦେଖାଯାଉଥିଲା । ଭାଇରାଲ ହୋଇଥିବା ଆଉ ଏକ ଭିଡିଓରେ ସ୍ଥାନୀୟ ଲୋକ, ରେଳ କର୍ମଚାରୀ ଓ ପୁଲିସ ମିଶି କରି ମହିଳାଙ୍କୁ କାରରୁ ବାହାର କରିବାକୁ ପ୍ରୟାସ କରୁଥିବାର ଦେଖାଯାଇଛି । ମହିଳାଙ୍କୁ କାରରୁ ବାହାର କରି ସେଠାରେ ଉପସ୍ଥିତ ଭିଡ଼ ତାଙ୍କ ହାତ ବାନ୍ଧି ଦେଇଥିଲେ । ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି । ମହିଳାଙ୍କ ମାନସିକ ସ୍ଥିତି ନେଇ ପ୍ରଶ୍ନ ଉଠିଛି । ବହୁ ରେଳ କର୍ମଚାରୀ ଓ ପୁଲିସ୍ ଏହି କାର ପଛରେ ଦୌଡିଥିଲେ ଓ ବଡ଼ କଷ୍ଟରେ କାରକୁ ରୋକିବାରେ ସମର୍ଥ ହୋଇଥିଲେ । ପାଖାପାଖି ୨୦ ଜଣ ଲୋକ ମିଶି ମହିଳାଙ୍କୁ କାରରୁ ବାହାର କରିବାରେ ସମର୍ଥ ହୋଇଥିଲେ । ଏହି ପ୍ରକ୍ରିୟାରେ ମହିଳା ଜଣକ ଆଦୌ ସହଯୋଗ କରୁ ନଥିଲେ । ସମ୍ପୃକ୍ତ ମହିଳା ଜଣକ ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ରେଲୱେ ପୁଲିସ ତରଫରୁ କୁହାଯାଇଛି । ସେ ଉତ୍ତରପ୍ରଦେଶରେ ରୁହନ୍ତି । ସେ ବେଶ୍ ଆକ୍ରମଣାତ୍ମକ ବ୍ୟବହାର କରୁଥିଲେ । କାରରୁ ମହିଳାଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ପାନ କାର୍ଡ ଜବତ କରାଯାଇଛି । ମହିଳା ଜଣକ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିଲେ କି ନା ସେ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି । ଏହି ଘଟଣାରେ ବେଙ୍ଗାଲୁରୁ-ହାଇଦରାବାଦ ଟ୍ରେନ୍ ସମେତ ୧୫ଟି ପାସେଞ୍ଜର ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିଲା ।



# ଜଟାଧାରରେ ଜେଟି ନିର୍ମାଣ କରିବ ଜେଏସ୍‌ଡବ୍ଲ୍ୟୁ



■ ୨୧୦୦ କୋଟି ନିବେଶ, ୫୨ ନିୟୁତ ଟନ୍ ପଣ୍ୟ ପରିବହନ ଲକ୍ଷ୍ୟ
■ ୫୦ ନିୟୁତ ଟନ୍‌କୁ ବଢ଼ିବ ଗୋପାଳପୁର ବନ୍ଦର ପରିବହନ କ୍ଷମତା

ଭୁବନେଶ୍ୱର,୨୬।୬(ସମିସ): ଗୋପାଳପୁର ବନ୍ଦର ଉନ୍ନତିକରଣ ଓ ଜଟାଧାର ମୁହାଣରେ ଜେଏସ୍‌ଡ଼ବ୍ଲ୍ୟୁ କମ୍ପାନୀର ନିଜସ୍ୱ ଜେଟି ନିର୍ମାଣ ପାଇଁ ଗୁରବାର ରାଜ୍ୟ ସରକାର ବୁଝାମଣା କରିଛନ୍ତି। ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉକ୍ରଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ୫୨ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ପାଇଁ ପ୍ରାରମ୍ଭିକ ସ୍ତରରେ ୨୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତିକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଏହା ମାଧ୍ୟମରେ ପ୍ରାୟ ୫ ହଜାର ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ ବୋଲି କୁହାଯାଉଛି।


ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲୁ ଉକ୍ରଳ ଷ୍ଟିଲ ଲିମିଟେଡ୍‌ର ଅଧ୍ୟକ୍ଷ ଅନିଲ କୁମାର ସିଂ ଓଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜିନେସ ହେଡ ସନ୍ଦିପ ଜୟସ୍ୱାଲ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗୋପାଳପୁର ବନ୍ଦର ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଦଳିତଙ୍କ ଉପରେ ବଢ଼ୁଛି ବର୍ବୋରଚିତ ଆକ୍ରମଣ

# ଜାତୀୟ ସ୍ତରରେ ନିନ୍ଦିତ ହେଉଛି ଓଡ଼ିଶା

ଭୁବନେଶ୍ୱର,୨୬।୬(ସମିସ): ଗତ୨୨ ତାରିଖରେ ଗଞ୍ଜାମ ଜିଲ୍ଲା ଧରାକୋଟ ଦୁଇ ଦଳିତ ବ୍ୟକ୍ତି ବୁଲୁ ନାଏକ ଓ ବାବୁଲା ନାଏକଙ୍କୁ ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରି ଅଧା ଲଣ୍ଡା କରି, ଆଣ୍ଠେଇ, ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଗଲା। ନିଜକୁ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ, ଗୋରକ୍ଷକ କହି ଯେଉଁ ଅମାନବୀୟ କାଣ୍ଡ କରାଯାଇଛି ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି। ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷ ଥିବା କାଡାମ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାକୁ ନେଇ ପ୍ରତିଟି ଓଡ଼ିଆ ଦୁଃଖିତ, ଚିନ୍ତିତ ଓ ମର୍ମାହତ।

ଶ୍ରୀ କାଡାମ କହିଥିଲେ କି ପୀଡ଼ିତ ବାବୁଲା ନାୟକ ନିଜ ଝିଅ ବିବାହ ପାଇଁ ହିନ୍ଦୁ ରୀତି ନୀତି ଅନୁଯାୟୀ ଗୋଧନ ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୨ ତାରିଖ ଦିନ ଦିନ ଗୁମା ଅଞ୍ଚଳରୁ ଗାଇ କିଣି ନିଜ ଘରକୁ ଫେରୁଥିଲେ। ଫେରିବା ସମୟରେ ଖାରିଗୁମାଠାରେ କିଛି ଅସାମାଜିକ ଯୁବକ ଅଟକାଇଥିଲେ। ବାବୁଲା ଝିଅ ପାଇଁ ଗୋଧନ ପ୍ରଦାନ କରିବାକୁ ନେଉଛି ବୋଲି କହିଥିଲେ। କିନ୍ତୁ ଏହି ଯୁବକମାନେ ମିଥ୍ୟାରୋପ ଲଗାଇ ଗାଈ ବେପାରୀ ଇତ୍ୟାଦି କହିବା ସହ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ବାବୁଲା ଭୟଭୀତ ହୋଇ ଛାଡ଼ିବାପାଇଁ କାକୁତି ମିନତି ହେବାରୁ ତାଙ୍କୁ ମାଡ ମାରିଥିଲେ। କିଛି ସମୟପରେ ଅଭିଯୁକ୍ତମାନେ ତାଙ୍କର ସହଯୋଗୀମାନଙ୍କୁ ଡକାଇଲେ ଏବଂ ଛାଡ଼ିବାକୁ ୩୦ ହଜାର ଟଙ୍କା ବଟି ମାଗିଲେ। ସେହି ଘଟଣା ସମୟରେ ବୁଲୁ ପହଞ୍ଚି ବାବୁଲାକୁ ଛାଡ଼ିବାକୁ କହିବାରୁ ବୁଲୁକୁ ମଧ୍ୟ ନିସ୍ତୁକ ମାଡ଼ ମାରିଲେ। ଦଳିତ ଦୁଇ ଜଣ ଗରିବ ପରିବାର ଓ ଆର୍ଥିକ ସ୍ଥିତି ଦୁର୍ବଳ, ନିଜ ପରିବାରକୁ ଚଳାଇବା ମଧ୍ୟ କଷ୍ଟ। ୩୦ ହଜାର ନଦେବାରୁ ସେମାନଙ୍କୁ ରାସ୍ତାରେ କଙ୍ଗାରୁ କୋର୍ଟ କରି ଚଲାଇଲେ ପରେ ଆଣ୍ଠେଇଲେ, ଘାସ ଖୁଆଇଲେ, ନର୍ଦ୍ଦମା ଅପରିଷ୍କାର ପାଣି ପିଆଇ ଦୀର୍ଘ ୩ ଘଂଟା ଧରି ନିର୍ଯାତନା ଦେଇ ଚାଲିଥିଲେ। ଥାନାରୁ ୬ କିମି ଦୂରରେ ଏମିତି ଲୋମହର୍ଷଣକାରୀ ଘଟଣା ଘଟୁଥିଲା। କିନ୍ତୁ ପ୍ରଶାସନ ପାଖରେ ଖବର ନଥିବାକୁ ନେଇ କାଡାମ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ଅପରାଧୀମାନେ ଦିନଦ୍ୱିପହରରେ ଅପରାଧ କରୁଛନ୍ତି। ସରକାର ଓ ଗୃହ ବିଭାଗ ଚୁପ୍ ହୋଇ ନୀରବ ଦ୍ରଷ୍ଟା ସାଜିଛନ୍ତି। ଦଳିତ ମାନଙ୍କ ଉପରେ ଆକ୍ରମଣ ବଢ଼ୁଛି। ଏହି ଘଟଣାର ଅଭିଯୁକ୍ତ ମାନେ ସରକାରୀ ଦଳର କର୍ମକର୍ତା, ମନ୍ତ୍ରୀଙ୍କ ସହ ଶାସକ ଦଳର ନେତାଙ୍କ ସହ ଫଟୋ ଭାଇରାଲ ହେଉଛି। ଶାସକ ଦଳର ପୃଷ୍ଠପୋଷକତାରେ ଏହି ଘଟଣା ଘଟିଛି। କିନ୍ତୁ ମୁଖ୍ୟ ଆସାମୀ ରାଜା ଏପର୍ଯ୍ୟନ୍ତ ଗିରଫ ନ ହେବାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି।




ଇଣ୍ଡିଆ ଟୁଡେ ସର୍ଭେ

## ଭୁବନେଶ୍ୱର ଏମ୍ସ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ

ଭୁବନେଶ୍ୱର,୨୬।୬(ସମିସ): ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଭୁବନେଶ୍ୱର ଏମ୍ସ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷ, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇନଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମିକ୍ ଉତ୍କର୍ଷ', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ମାନଦଣ୍ଡକୁ ନେଇ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବେ କରାଯାଇଥିଲା।

ଏହି ଉପଲବ୍ଧି ଆମ ନିରନ୍ତର ପ୍ରୟାସର ପ୍ରତିଫଳନ ବୋଲି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି।

## କାର୍ଯ୍ୟ ନିବୃତ୍ତ ସମୟରେ ସାମୟିକ କର୍ମଚାରୀ ପାଇବେ ୨.୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟର ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ନିବୃତ୍ତ ବେଳେ ପାଉଥିବା ଅର୍ଥରାଶିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ସାମୟିକ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ କରାଯିବା ସମୟରେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗ ମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରି ପାରିବେ।

## ବିଜେପି କାର୍ଯ୍ୟାଳୟରେ ବୋମାମାଡ଼

ଅଳ୍ପକେ ବର୍ତ୍ତିଲେ ରାଜ୍ୟ ସମ୍ପାଦକ ନବୀନ ରାମ

ରାଇରଙ୍ଗପୁର, ୨୬।୬(ସମିସ): ରାଇରଙ୍ଗପୁର ସହରରେ ଥିବା ବିଜେପି କାର୍ଯ୍ୟାଳୟରେ ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ସୂଚନାନୁସାରେ, ରାଇରଙ୍ଗପୁର ସହରର ୧୩ ନଂ. ୱାର୍ଡସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ଥିବା ବେଳେ ବୁଧବାର ରାତି ୧୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବୁଲେଟରେ ପହଞ୍ଚି କାର୍ଯ୍ୟାଳୟ ଉପରକୁ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ତେବେ ଏହି ବୋମାମାଡ଼ରୁ ରାଜ୍ୟ ସମ୍ପାଦକ ନବୀନ ରାମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମାମାଡ଼ ପରେ ନବୀନ ରାମ ଘଟଣା ସମ୍ପର୍କରେ ନିଜ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ବୋମାମାଡ଼ରେ କାର୍ଯ୍ୟାଳୟର ମୁଖ୍ୟଦ୍ୱାର କାନ୍ଥର ଗୋଟିଏ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ସକାଳେ ଶ୍ରୀ ରାମ ଏହି ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଟାଉନ୍ ଥାନା ପୁଲିସ ଓ ବାରିପଦାରୁ ଆସିଥିବା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।









## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୩୫ • ପାଉଣ୍ଡ ୧୧୭.୪୫
- ୟୁରୋ ୧୦୦.୮୪ • ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୦,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୦୬,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୩,୭୫୫.୦୦
- ନିଫ୍ଟି ୨୫,୫୪୯.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ପାଇଁ ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ

ଭୁବନେଶ୍ୱର,୨୬।୬((ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପୁରୀରେ ରଥଯାତ୍ରା ସମୟରେ ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ସୁରକ୍ଷା ଓ ଭିତ୍ତିଭୂମି ପ୍ରସ୍ତୁତି ପଦକ୍ଷେପ ଗ୍ରହଣ କରିଛି। ଦିନ ରାତି ୨୪ ଘଣ୍ଟା ୮୦୦ କର୍ମଚାରୀଙ୍କୁ ମୂତୟନ କରି ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରା ୨୦୨୫ ପାଇଁ ଦୃଢ଼ ସୁରକ୍ଷା ଅଭିଯାନ ଗ୍ରହଣ କରାଯାଇଛି। ଏଥିରେ ଲିକେଜ୍ କରେଣ୍ଟ ପରୀକ୍ଷା, ଲୁହା ଖୁଣ୍ଟରେ ଇନସୁଲେସନ ପେଣ୍ଟିଂ ଏବଂ ଲୋକମାନଙ୍କ ସୁରକ୍ଷା ପାଇଁ ଡିଟି ଫେନ୍ସିଂ ଦେବା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। ଏହି ପବିତ୍ର ଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବା ଲାଗି ପ୍ରତିଷେଧମୂଳକ ଓ ପୂର୍ବାନୁମାନ ଭିତ୍ତିକ ରକ୍ଷଣାବେକ୍ଷଣ ସହିତ ଫିଡର, ବିଦ୍ୟୁତ ଓ ବିତରଣ ଟ୍ରାନ୍ସଫରମରଗୁଡ଼ିକର ନେଟ୍‌ୱର୍କରେ ଉନ୍ନତି ଅଣାଯାଇଛି ଏବଂ ବିଦ୍ୟୁତ୍ ବିଭ୍ରାଟକୁ ଏଡ଼ାଇବା ଲାଗି ରିଲେ ପ୍ରୋଟେକ୍ସନ ସେଟିଂର ବ୍ୟାପକ ପରୀକ୍ଷଣ କରାଯାଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ବେଦାନ୍ତ ଆଲୁମିନିୟମ୍ ରଥଯାତ୍ରା ପାଇଁ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ସହ ସହଭାଗୀ




ଭୁବନେଶ୍ୱର, ୨୬।୬(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଉପଲକ୍ଷେ ପୁରୀ ଅନ୍ତର୍ଜାତୀୟ ବେଳାଭୂମିରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ଭବ୍ୟ ବାଲୁକା ମୂର୍ତ୍ତି ଉନ୍ମୋଚନ କରିଛି। ଏହାକୁ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ୧୫ ଫୁଟ ଲମ୍ବ ଏବଂ ୬ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିଟିକୁ ୧୦ ଟନ୍ ବାଲି ବ୍ୟବହାର କରି ତିଆରି କରାଯାଇଥିଲା। ଏହାକୁ ତିଆରି କରିବା ପାଇଁ ଦୁଇଦିନ ସମୟ ଲାଗିଥିଲା। ମୂର୍ତ୍ତିଟିକୁ ବିଭିନ୍ନ ପ୍ରକାରର ରଙ୍ଗ ଏବଂ ଫୁଲ ମାଳାରେ ସଜ୍ଜିତ କରାଯାଇଛି। ଏହି ଆକର୍ଷଣୀୟ ମୂର୍ତ୍ତିଟି ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। କୋଣାର୍କର ଜଣେ ପ୍ରସିଦ୍ଧ ମୂର୍ତ୍ତିକାର ଏବଂ ଐତିହ୍ୟ ସଂରକ୍ଷଣକାରୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଏହି କୃତିକୁ ପ୍ରଶଂସା କରିଥିଲେ, ଯାହା ଏହାର ସାଂସ୍କୃତିକ ଗୁରୁତ୍ୱକୁ ଆହୁରି ସୁଦୃଢ଼ କରିଥିଲା। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ; ଏହା ମହାପ୍ରଭୁ ଜଗନ୍ନାଥ ଏବଂ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ, ସମ୍ପ୍ରଦାୟ ଏବଂ ଅନନ୍ତ ବନ୍ଧନର ଏକ ଉତ୍ସବ। ଆମେ ବାଲୁକା କଳା ମାଧ୍ୟମରେ ଏହି ପବିତ୍ର ପରମ୍ପରାକୁ ସମର୍ଥନ ଓ ପାଳନ କରି ଗର୍ବିତ, ଯାହାକି ଓଡ଼ିଶାର ସଂସ୍କୃତିରେ ଗଭୀର ଭାବରେ ରୂପାୟିତ। ସବୁବର୍ଷ ଭଳି ଏ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ରଥଯାତ୍ରା ଏବଂ ବାହୁଡା ଯାତ୍ରା ସମୟରେ ଅନ୍ନଛତ୍ର-ଭଣ୍ଡାର ମାଧ୍ୟମରେ ଖାଦ୍ୟ ବଣ୍ଟନ, ପାନୀୟ ଜଳ ଏବଂ ଭକ୍ତଙ୍କ ପାଇଁ ଜଳଖିଆର ବ୍ୟବସ୍ଥା କରାଯିବା ସହିତ ଏକ ଶାନ୍ତିପୂର୍ଣ୍ଣ ଭଜନ ସନ୍ଧ୍ୟାର ମଧ୍ୟ ଆୟୋଜନ କରାଯିବ, ଯେଉଁଥିରେ ମହାପ୍ରସାଦ ଏବଂ ନିର୍ମାଲ୍ୟ ବଣ୍ଟନ କରାଯିବ।

# ନାଲ୍‌କୋ ପକ୍ଷରୁ ଆଇଏ୯୦ ଗ୍ରେଡ୍ ଆଲୁମିନିୟମ୍ ଆଲୟ ଇଙ୍ଗଟର ବଜାର ପ୍ରବେଶ



ଭୁବନେଶ୍ୱର, ୨୬।୬(ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ନିଜର ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବା ସହ ଅଟୋମୋବାଇଲ କ୍ଷେତ୍ରରେ ବଢୁଥିବା ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଆଲୁମିନିୟମ ଆଲୟ ଇଙ୍ଗଟ ଆଇଏ୯୦ର ବଜାର ପ୍ରବେଶ କରାଇଛି। ନାଲକୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଅନୁଗୋଳସ୍ଥିତ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ନୂତନ ଗ୍ରେଡ୍ ଇଙ୍ଗଟ ବଜାର ପ୍ରବେଶ କରାଇଛନ୍ତି। ଏହା ପ୍ରତିରୋଧି ହେବା ସହ ଅଟୋମୋଟିଭ୍ ପ୍ରୟୋଗ ନିମନ୍ତେ ସ୍‌ବତନ୍ତ୍ର ଭାବେ ଡିଜାଇନ କରାଯାଇଛି। ଉଚ୍ଚ ଶକ୍ତି ସହ ଉତ୍କୃଷ୍ଟ କାଷ୍ଟିଙ୍ଗ କ୍ଷମତା ହେତୁ ଏହାକୁ ହୁଇଲ, ଇଞ୍ଜିନ ବ୍ଲକ୍, ସିଲିଣ୍ଡର ହେଡ୍ ଏବଂ ଅଟୋମୋଟିଭ୍ କ୍ଷେତ୍ରରେ ଅନ୍ୟାନ୍ୟ ଗଠନମୂଳକ ଉପାଦାନଗୁଡ଼ିକର ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ। ଆଇଏ୯୦ର ବଜାର ପ୍ରବେଶ ଫଳରେ ଘରୋଇ ଆଲୁମିନିୟମ ବଜାରରେ ନାଲକୋ ନିଜର ପ୍ରତିଷ୍ଠାକୁ ଆହୁରି ସୁଦୃଢ କରିପାରିଛି।

# ରଥଯାତ୍ରାରେ ଆଦାନୀ ଗ୍ରୁପ ପକ୍ଷରୁ ସେବା

ଭୁବନେଶ୍ୱର,୨୬।୬(ସମିସ): ମହାକୁମ୍ଭ ପରେ ଆଦାନୀ ଗ୍ରୁପ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସେବା ଯୋଗାଇବା ପାଇଁ ସ୍ଥିର କରିଛି। ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର୍) କାର୍ଯ୍ୟଧାରା




ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଦିଗରେ ପରିବ୍ୟାପ୍ତ ହୋଇ ରହିଛି। ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ସେବା ହି ସାଧନା ହୈ' (ସେବା ହିଁ ପୂଜା) ବିଶ୍ୱାସକୁ ପାଳନ କରି, ଜୁନ ୨୬ରୁ ଜୁଲାଇ ୮ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ପଦସ୍ଥ ଅଧିକାରୀମାନଙ୍କୁ କମ୍ପାନୀ ସମର୍ଥନ ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛି। ଚଳିତ ବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାୟ ୪ ନିୟୁତ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି ଯେଉଁଠାରେ ମାଗଣା ପୌଷ୍ଟିକଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଲାଇଫ୍‌ଗାର୍ଡ଼ର୍ ମହାସଂଘକୁ ସହାୟତା, ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ପାଇଁ ସ୍ୱେଚ୍ଛାସେବୀ, ପଦସ୍ଥ ଅଧିକାରୀମାନଙ୍କପାଇଁ ମାଗଣା ଟି-ସାର୍ଟ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ଜ୍ୟାକେଟ,ରେନକୋଟ୍, କ୍ୟାପ୍ ଏବଂ ଛତାର ବ୍ୟବସ୍ଥା କରାଯାଇଛି।

# ବ୍ୟାଙ୍କ ଅଫ୍ ବରୋଦାର ୬୨ ତମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୬(ସମିସ): ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱରା ଅଞ୍ଚଳର ୬୨ ତମ ଗଣିଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଭୁବନେଶ୍ୱର ଜୋନ୍‌ର ଜିଏମ୍ ତଥା ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଜୋନ୍‌ର ଡିଜିଏମ୍ ତଥା ସିଏ ଭିଏମ୍‌ଏନ୍‌ଏସ୍ ସାଇବାବୁ, ଡେପୁଟି ଜେନେରାଲ ଓ ରିଜିଓନାଲ ହେଡ୍ ସତ୍ୟ ରଞ୍ଜନ ମହାପାତ୍ର, ଏଜିଏମ୍ ଓ ଡେପୁଟି ଜେନେରାଲ ହେଡ୍ ରାଜୀବ କୁମାର ସିହ୍ନା, ବିଏମ୍ ରାଜ ରାଇ ଟୁଡୁ ଏବଂ ବ୍ୟାଙ୍କ ଅନ୍ୟ କାର୍ଯ୍ୟନିର୍ବାହୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଭୁବନେଶ୍ୱରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୫୮ ତମ ଶାଖା



ଭୁବନେଶ୍ୱର, ୨୬।୬ (ସମିସ): ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ନୂତନ ଶାଖା ଗଞ୍ଜାମର ଛତ୍ରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂଆ ଶାଖା ଗଞ୍ଜାମ ଜିଲ୍ଲାର ୫ମ ଏବଂ ରାଜ୍ୟର ୫୮ତମ ଶାଖା। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତିକୁ ସୁଦୃଢ କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛତ୍ରପୁର ଉପ-ଜିଲ୍ଲାପାଳ ଡଃ. ଶିବାଶିଷ ବରାଳ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଆଞ୍ଚଳିକ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ ଶାଖା ପ୍ରବନ୍ଧକ ଜିବିତେଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।






# ରଥେ ତୁ ବାମନଂ ଦୃଷ୍ଟ୍ୱା...

ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ। ଓଡ଼ିଆ ସଂସ୍କୃତିର ମୂଳାଧାର ପ୍ରଭୁ ଶ୍ରୀଜଗନ୍ନାଥ। ମହାନ ସନାତନ ଓ ଉତ୍କଳୀୟ ବିଚାରଧାରାରେ ଶ୍ରୀଜଗନ୍ନାଥ ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମାନବବାଦର ପ୍ରତୀକ। ତାଙ୍କ ଲୀଳାର ଅନ୍ତ ନାହିଁ। ସେ ଅନନ୍ତ ଓ ଅସୀମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣରେ କୁହାଯାଇଛି। ପୁରୀ ତଥା ଦେଶ ବିଦେଶରେ ପାଳିତ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତିର ଏହା ଏକ ଅନନ୍ୟ ପର୍ବ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସୁପ୍ରସିଦ୍ଧ । ଏହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ। ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ନବଦିନ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ। ରଥଯାତ୍ରା ଏକ ଅଦ୍ୱିତୀୟ ମହୋତ୍ସବ। ବର୍ଷକରେ ଥରେ ମହାପ୍ରଭୁ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ଏହି ମହୋତ୍ସବରେ ସାମିଲ ହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଘୋଷଯାତ୍ରା ଦିନ ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରିଥାନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ଦିନ ବ୍ରାହ୍ମ ମୁହୂର୍ତ୍ତରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ତଡ଼ପ ଲାଗି, ରୋଷହୋମ ଓ ଅବକାଶ ନୀତି, ଦ୍ୱାରପାଳ ପୂଜା ପରେ ରଥ ପ୍ରତିଷ୍ଠା ହୋଇଥାଏ । ଖେଚୁଡ଼ି ଭୋଗ ପରେ ମଙ୍ଗଳା ଅର୍ପଣ ହୋଇ ଆରମ୍ଭ ହୁଏ ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡ଼ ଭାଇ ବଳଭଦ୍ର ଓ ପରେ ପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇଥାଏ । ଶେଷରେ କୋଟି ଓଡ଼ିଆଙ୍କ ମଉଡ଼ମଣି, ମହାପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ହଲେଇ, ଝୁଲି ଝୁଲି ପହଣ୍ଡିରେ ଆସିଥାନ୍ତି। ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ଆସି ନବନିର୍ମିତ ରଥରେ ବିଜେ କରିଥାନ୍ତି। ଶ୍ରୀଜଗନ୍ନାଥ ନନ୍ଦିଘୋଷ, ଶ୍ରୀବଳଭଦ୍ର ତାଳଧ୍ୱଜ, ଦେବୀ ସୁଭଦ୍ରା ଓ ପ୍ରଭୁ ଶ୍ରୀସୁଦର୍ଶନ ଦର୍ପଦଳନ ରଥରେ ବିଜେ ହୁଅନ୍ତି। ଯେଉଁମାନେ ଶ୍ରୀମନ୍ଦିରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେମାନେ ଘୋଷଯାତ୍ରା ଦିନ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁଙ୍କୁ ରଥାରୂଢ଼ ଦେଖି ତାଙ୍କର ରଥ ଦଉଡ଼ିକୁ ସ୍ପର୍ଶ କରି ପ୍ରତ୍ୟେକ ଭକ୍ତ ଅପୂର୍ବ ଆନନ୍ଦ ଲାଭ କରିଥାଏ। ଭକ୍ତ ଓ ଭଗବାନଙ୍କର ଏକାକାରରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ବାଦ୍ ଦେଲେ, ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରୁହନ୍ତି । ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜା ପାଇବା ବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି। ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଏହାପରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରି ଆସନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ। ବାହୁଡ଼ା ଦଶମୀ ପରଦିନ ଠାକୁରମାନେ ସ୍ୱର୍ଣ୍ଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତା' ପରଦିନ ଅନୁଷ୍ଠିତ ହୁଏ ଅଧରପଣା ନୀତି। ଶେଷରେ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ "ନୀଳାଦ୍ରି ମଣ୍ଡପ" ବା "ରତ୍ନ ସିଂହାସନ"କୁ ବିଜେ କରିଥାନ୍ତି ଶ୍ରୀବିଗ୍ରହମାନେ। ଏହାକୁ "ନୀଳାଦ୍ରି ବିଜେ" ନାମରେ ଅଭିହିତ କରାଯାଇଛି। ମହାପ୍ରଭୁଙ୍କ ଏ ମାନବୀୟ ଲୀଳା ସତରେ ଅପୂର୍ବ, ବିଚିତ୍ର ଓ ଅଲୌକିକ। ମାନବୀୟ ଲୀଳା ରଚନା କରି ଆମର ଆରାଧ୍ୟ ଦେବତାମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା। ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି ।

## ଶ୍ରୀଜଗଦୀଶୋଽବତୁ

(ଛନ୍ଦଃ - ଅନୁକୂଳା)

ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ



ନୀଳମହୀଭୃଚ୍ଛିଖରବିଳାସୀ
ନୀରଦନୀଳଃ ଶଶିସିତହାସୀ ।
ଶ୍ରୀଧରଣୀହୃତ୍ପ୍ରଣୟବିକାସୀ
ଶ୍ରୀଜଗଦୀଶୋଽବତୁ ଭୟନାଶୀ ॥୧
*(ନୀଳଶୈଳଶିଖରବିଳାସୀ, ମେଘଶ୍ୟାମଳ, ଚନ୍ଦ୍ରସମ-ଶୁଭ୍ର-ହାସଯୁକ୍ତ, ଶ୍ରୀଦେବୀ ଓ ଭୂଦେବୀଙ୍କ ପ୍ରୀତିଭାବର ବିକାସକ, ଭୟନାଶକ, ଶ୍ରୀଜଗଦୀଶ୍ୱର ରକ୍ଷା କରନ୍ତୁ ।)*

କାମସହସ୍ରଦ୍ୟୁତିଜୟଦଙ୍ଗୀ
ରାମସୁଭଦ୍ରାସ୍ଫୁରଦରିସଙ୍ଗୀ ।
ତାମରସାଦିସ୍ଫୁଟସୁମହାରୀ
ଧାମ ଦୟାୟା ହ୍ୟବତୁ ମୁରାରିଃ ॥୨
*(ସହସ୍ରକନ୍ଦର୍ପଙ୍କ ତେଜଃକୁ ଜୟ କରୁଥିବା ଅଙ୍ଗଶାଳୀ, ବଳଭଦ୍ର-ସୁଭଦ୍ରା-ଭାସ୍ୱରଚକ୍ରଙ୍କ ସଙ୍ଗୀ, ପଦ୍ମାଦିପ୍ରସ୍ଫୁଟିତପୁଷ୍ପହାରଧାରୀ, ଦୟାର ଧାମ, ମୁରାରି ନିଶ୍ଚିତଭାବେ ରକ୍ଷା କରନ୍ତୁ ।)*

ତୁଙ୍ଗଶତାଙ୍ଗଭ୍ରମଣବିତୃପ୍ତଃ
ପଙ୍କସମୂହପ୍ରମଥନଦୃପ୍ତଃ ।
ବଂଶକିରୀଟାଭରଣସୁଦୀପ୍ତଃ
ପାତୁ ହରିଶ୍ଚନ୍ଦନରସଲିପ୍ତଃ ॥୩
*(ବିରାଟ-ରଥଭ୍ରମଣଦ୍ୱାରା ତୃପ୍ତ, ପାପସମୂହର ବିନାଶରେ ଦୃପ୍ତ, ବାଉଁଶରେ ତିଆରି କିରୀଟ (ଟାହିଆ) ମଣ୍ଡିତ, ଚନ୍ଦନବିଲିପ୍ତ, ହରି ରକ୍ଷା କରନ୍ତୁ ।)*

ଉତ୍ସବଯାତ୍ରାସୁଖସମୁଦାୟ-
ପ୍ରୀଣିତଚେତାସ୍ତରୁମୟକାୟଃ ।
ମାଳବରାଜସ୍ତୁତପଦକଞ୍ଜଃ
ପାତୁ ମୁକୁନ୍ଦଃ କୃତରିପୁଗଞ୍ଜଃ ॥୪
*(ଉତ୍ସବ ଓ ଯାତ୍ରାଦିଜାତ-ସୁଖସମୁଦାୟରେ ପ୍ରୀତମନା, ଦାରୁମୟଦେହଧାରୀ, ମାଳବରାଜ(ଇନ୍ଦ୍ରଦ୍ୟୁମ୍ନ)ଙ୍କ ଦ୍ୱାରା ବନ୍ଦିତ ପାଦପଦ୍ମଧାରୀ, ଶତ୍ରୁଭଞ୍ଜକ, ମୁକୁନ୍ଦ ରକ୍ଷା କରନ୍ତୁ ।)*

ବାସବମୁଖ୍ୟାମରଗଣବନ୍ଦ୍ୟଃ
ସେବକବୃନ୍ଦୈର୍ବିଭୁରଭିନନ୍ଦ୍ୟଃ ।
ଚନ୍ଦ୍ରବିବସ୍ୱଦ୍ୱଲୟିତଦୃଷ୍ଟୀ
ରକ୍ଷତୁ ନୀତାବନଲୟସୃଷ୍ଟିଃ ॥୫
*(ଇନ୍ଦ୍ରାଦିଦେବଗଣଙ୍କ ବନ୍ଦନୀୟ, ସେବକମାନଙ୍କଦ୍ୱାରା ଅଭିନନ୍ଦନୀୟ, ଚନ୍ଦ୍ର-ସୂର୍ଯ୍ୟ-ସମ-ବର୍ତ୍ତୁଳ-ନେତ୍ରଧାରୀ, ସୃଷ୍ଟି-ସ୍ଥିତି-ଲୟର ନିର୍ବାହକର୍ତ୍ତା, ମହାପ୍ରଭୁ ରକ୍ଷା କରନ୍ତୁ ।)*

ସୁନ୍ଦରରକ୍ତାଧରରମଣୀୟଃ
କାଞ୍ଚନପୀତାମ୍ବରକମନୀୟଃ ।
ଲମ୍ବିତହସ୍ତାଧୃତଦରଚକ୍ରଃ
କମ୍ବୁପୁରେଶୋଽବତୁ ହତନକ୍ରଃ ॥୬
*(ସୁନ୍ଦର-ଆରକ୍ତ-ଅଧରରେ ଶୋଭମାନ, ସୁବର୍ଣ୍ଣୋପମପୀତବସ୍ତ୍ରରେ କମନୀୟ, ପ୍ରସାରିତହସ୍ତରେ ଶଙ୍ଖ-ଚକ୍ରଧାରୀ, ଗଜରାଜଙ୍କ ଉଦ୍ଧାରକାଳରେ ନକ୍ରହନ୍ତା, କମ୍ବୁକଟକାଧିପତି ରକ୍ଷା କରନ୍ତୁ ।)*

ଭକ୍ତକଦମ୍ବସ୍ତବନଜଭାବ-
ପ୍ରୋଲ୍ଲସିତାତ୍ମା ପରିଭବଲାବଃ ।
କାହଳଘଣ୍ଟାରବରସିକେନ୍ଦ୍ରଃ
ପାତୁ ଭବାବ୍ଧେସ୍ତ୍ୱରିତମୁପେନ୍ଦ୍ରଃ ॥୭
*(ଭକ୍ତସମୂହର ସ୍ତବଗତ-ଭାବରେ ଉଲ୍ଲସିତ, କଷ୍ଟହାରକ, କାହାଳ-ଘଣ୍ଟାଦିର ଧ୍ୱନିଶ୍ରବଣରେ ରସିକ, ଉପେନ୍ଦ୍ର ଶୀଘ୍ର ଭବରୂପକ କୂପରୁ ରକ୍ଷା କରନ୍ତୁ ।)*

ଲୁବ୍ଧକବିଶ୍ୱାବସୁନୁତିହୃଷ୍ଟୋ
ବ୍ରାହ୍ମଣବିଦ୍ୟାପତିପରିତୁଷ୍ଟଃ ।
ସର୍ବଜଗନ୍ନାୟକ ଇହ ଜୁଷ୍ଟଃ
ଚାରଗଣୈଃ ପାତ୍ୱଭିହତଦୁଷ୍ଟଃ ॥୮
*(ଶବର-ବିଶ୍ୱାବସୁଙ୍କ ସ୍ତୁତିରେ ହୃଷ୍ଟ, ବ୍ରାହ୍ମଣ-ବିଦ୍ୟାପତିଙ୍କ ଦ୍ୱାରା ସନ୍ତୁଷ୍ଟ, ନିଜ ଅନୁଚରମାନଙ୍କ ଦ୍ୱାରା ଆମୋଦିତ, ଦୁଷ୍ଟମାନଙ୍କ ବିନାଶକ, ସକଳ ଜଗତର ନାୟକ ଭୂତଳେ ରକ୍ଷା କରନ୍ତୁ ।)*

କେଶବକୃଷ୍ଣାଭିଧକବିପଦ୍ୟଂ
ଯୋଽଷ୍ଟକମେତନ୍ମଧୁ ନିରବଦ୍ୟମ୍ ।
ସାଦରମଧେତି ସ ଭବମୁକ୍ତଃ
ସ୍ୟାଜ୍ଜଗଦୀଶେ ହ୍ୟନୁରତିଯୁକ୍ତଃ ॥ଫଳଶ୍ରୁତିଃ॥
*(କବି କୃଷ୍ଣକେଶବଙ୍କ ଏହି ମଧୁର ତଥା ଅନିନ୍ଦ୍ୟ ଅଷ୍ଟକ-ପଦ୍ୟକୁ ଯିଏ ସାଦର ପାଠ କରନ୍ତି; ସେ ସଂସାରକଷ୍ଟରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜଗଦୀଶ୍ୱର-ଶ୍ରୀଜଗନ୍ନାଥଙ୍କଠାରେ ଅନୁରାଗ (ପ୍ରେମଭକ୍ତି) ଲାଭ କରନ୍ତି ।)*

ମୋ-୯୪୩୭୫୬୬୩୨୪

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ୍ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୨୦୦୮- ମାଇକ୍ରୋସଫ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ବିଲ୍ ଗେଟ୍‌ସ ନିଜ ପଦରୁ ଇସ୍ତଫା ଦେଲେ।

# ଯେତେ ଚକ, ସେତେ ଘଣ୍ଟୁଆ



ପହଣ୍ଡି ଏବଂ ରଥଟଣା ସମୟରେ ଘଣ୍ଟୁଆ ସେବକମାନେ ବିଶେଷ ଆକର୍ଷଣ ରହିଥା'ନ୍ତି। ଘଣ୍ଟର ତାଳେ ତାଳେ ଠାକୁରଙ୍କ ପହଣ୍ଡି ହେଉଥିବାବେଳେ ରଥ ବି ଆଗକୁ ଗଡ଼େ। ତେଣୁ ଘଣ୍ଟୁଆ ସେବକଙ୍କର ବି ବେଶ୍ ଗୁରୁତ୍ୱ ରହିଛି। ଚଳିତବର୍ଷ ବ୍ୟବସ୍ଥାବଳୀରେ ଘଣ୍ଟୁଆଙ୍କ ସେବା ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇଛି। ଯେଉଁ ରଥରେ ଯେତେ ଚକ ସେହି ରଥରେ ସେତେ ଘଣ୍ଟୁଆ ରହିବେ ବୋଲି ଚୂଡ଼ାନ୍ତ ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ, ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସରିବା ପରେ ହିଁ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରଥ ଉପରକୁ ଚଢ଼ିବେ। ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ। ଅର୍ଥାତ୍ ଯେଉଁ ରଥରେ ଯେତେ ଚକ ସେତିକି ସଂଖ୍ୟକ ଘଣ୍ଟୁଆ ସେହି ରଥରେ ଚଢ଼ିବେ। ତାଳଧ୍ୱଜ ରଥରେ ମୋଟ୍ ୧୪ ଜଣ, ଦେବଦଳନ ରଥରେ ୧୨ ଜଣ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଘଣ୍ଟୁଆ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀ ତଳକୁ ଓହ୍ଲାଇ ଦେବେ। ରଥ ଉପରେ ଉପସ୍ଥିତ ଥିବା ନିର୍ଦ୍ଧାରିତ ସଂଖ୍ୟକ ସେବ ଓ କର୍ମଚାରୀ ଶ୍ରୀବିଗ୍ରହଙ୍କୁ ଅବରୋଧ ନ କରି ରଥ ଉପରେ ଦୁଇକଡ଼ରେ ରହିବେ। ରଥ ଚାଲିବା ସମୟରେ ଉଭୟ ଗୋଷ୍ଠୀ ସମତାଳରେ ଘଣ୍ଟ ବାଦନ କରିବେ। ଉଭୟ ଗୋଷ୍ଠୀର ଘଣ୍ଟୁଆ ନିଯୋଗ ସେମାନଙ୍କ ଘଣ୍ଟୁଆମାନଙ୍କ ରଥୱାରୀ ତାଲିକା ପ୍ରଦାନ କରିଥିବେ। ପ୍ରଶାସନର ଚୟନ ପରେ ସେମାନଙ୍କୁ ପାସ୍ ଦିଆଯିବାର ବ୍ୟବସ୍ଥା କରାଯାଇଥିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।










### ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ଉଦ୍‌ଯାପିତ

# ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ ଦ୍ୱିତୀୟ କାଂସ୍ୟ


ଦିବ୍ୟାଙ୍କା ପ୍ରଧାନ, ମନ୍ନତା ମିଶ୍ର, ସ୍ରିଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ

ଭୁବନେଶ୍ୱର,୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୭୮ତମ ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାର ଧାରା ବଜାୟ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ତାହା ମଧ୍ୟରୁ ମନ୍ନତା ମିଶ୍ର ରୌପ୍ୟ ଓ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ମନ୍ନତା ୧୦୦ ମିଟର ବ୍ରେଷ୍ଟ୍‌ଷ୍ଟ୍ରୋକ୍‌ରେ ୧ମିନିଟ୍ ୧୫.୫୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେଲବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ହର୍ଷିତା ଜୟରାମ ୧ମିନିଟ୍ ୧୩.୨୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଜ୍ୟର ଶୀର୍ଷ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ଦ୍ୱିତୀୟ ଦିନରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ୧ ମିନିଟ୍ ୦୫.୬୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ ମିନିଟ୍ ୨୪.୭୭ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଥିଲେ। କର୍ଣ୍ଣାଟକର ସନ୍ତରଣକାରୀ ବିନୀତା ନାରାୟଣ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶାର ସ୍ରିଷ୍ଟି ଉପାଧ୍ୟାୟ ବ୍ୟକ୍ତିଗତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪ ଗୁଣା ୧୦୦ ମିଟର ମେଡ୍‌ଲେ ଟିମ୍ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହା ଫଳରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୩ଟି କାଂସ୍ୟ ସହ ୬ଟି ପଦକ ଜିତି ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଓଡ଼ିଶା ୭ମ ସ୍ଥାନରେ ରହିଛି। ପଦକ ତାଲିକାରେ କର୍ଣ୍ଣାଟକ ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ ୧୪ଟି ନୂଆ ରେକର୍ଡ ହୋଇଥିଲାବେଳେ କର୍ଣ୍ଣାଟକ ଓଭରଅଲ ଚାମ୍ପିଅନ ହୋଇଛି। ଏହି ରାଜ୍ୟ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ବ୍ୟକ୍ତିଗତ ବିଭାଗରେ ମଧ୍ୟ କର୍ଣ୍ଣାଟକର ସନ୍ତରଣକାରୀ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଅଲିମ୍ପିଆନ ଧୀନିଧି ଦେସିଙ୍ଗୁ ଓ ପୁରୁଷ ବିଭାଗରେ ସୋହନ ଗାଙ୍ଗୁଲି ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।

## ଓଡ଼ିଆ କୋଚ୍ ଓ ଭାରତକୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୬।୬(ସମିସ): ମାଲେସିଆର କୁଚିଂଠାରେ ଚାଲିଥିବା ଏସିଆନ୍ ଯୁଗଳ ସ୍କ୍ୱାଶ୍ ପ୍ରତିଯୋଗିତାରେ ଭାରତ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଖେଳାଳିମାନେ ପୁରୁଷ, ମହିଳା ଓ ମିଶ୍ରିତ ଯୁଗଳରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଭାରତର ଏହି ଦଳର କୋଚ୍ ହେଲେ ଓଡ଼ିଆ ପୁଅ ଗୌତମ ଦାସ। କେନ୍ଦ୍ରପଡା ଜିଲ୍ଲାର ମୂଳ ନିବାସୀ ଗୌତମ ୧୫ ବର୍ଷ ହେବ ଭାରତୀୟ ଦଳ ସହ ଜଡିତ ରହିଛନ୍ତି। ସେ ନିଜେ ଜଣେ ଭଲ ସ୍କ୍ୱାସ ଖେଳାଳି ଥିଲେ।

### ● ମାଷ୍ଟର୍ସ କପ୍ ହକି

## ଫାଇନାଲରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୬।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୪-୧ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ଅଧିନାୟିକା ଲୁସେଲା ଏକ୍କା ୨ଟି ଗୋଲ୍ ଦେଇଥିଲେ। ଶୁକ୍ରବାର ଫାଇନାଲରେ ଓଡ଼ିଶାର ମୁକାବିଲା ପଞ୍ଜାବ ସହ ହେବ। ଅନ୍ୟ ଏକ ସେମିରେ ପଞ୍ଜାବ ୩-୨ ଗୋଲ୍‌ରେ ହରିୟାଣାକୁ ହରାଇଥିଲା। ଅପରପକ୍ଷରେ ସେମିଫାଇନାଲରେ ପରାସ୍ତ ହୋଇଥିବା ଓଡ଼ିଶା ପୁରୁଷ ଦଳ ଶୁକ୍ରବାର କାଂସ୍ୟ ପଦକ ଲଢ଼େଇରେ ଚଣ୍ଡିଗଡ଼କୁ ଭେଟିବ।

### ୨୦୨୫-୨୬ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ

# ସିଡ୍‌ନୀ ଦିନିକିଆ, କାନ୍‌ବେରା ଟି-୨୦ ଟିକଟ ବିକ୍ରି ଶେଷ


ମେଲବୋର୍ଣ୍ଣ,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ଲୋକପ୍ରିୟତା କେତେ ତାହାର ଆଗୁଆ ଟିକଟ ବିକ୍ରିରୁ ଆଉଥରେ ପ୍ରମାଣିତ ହୋଇଛି। ଭାରତର ସୀମିତ ଓଭର ଟୁର୍ ଆରମ୍ଭ ହେବାକୁ ଆଉ ୪ ମାସ ବାକି ରହିଛି। କିନ୍ତୁ ଏବେଠାରୁ ସିଡ୍‌ନୀରେ ଖେଳାଯିବାକୁ ଥିବା ଦିନିକିଆ ଓ କାନବେରାରେ ଖେଳାଯିବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ଟି-୨୦ ମ୍ୟାଚ୍‌ର ସମ୍ପୂର୍ଣ୍ଣ ଟିକଟ ବିକ୍ରି ହୋଇଯାଇଛି। ଏହି ଟୁର୍‌ରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ପର୍ଥରେ ଅକ୍ଟୋବର ୧୯ରୁ ପ୍ରଥମ ଦିନିକିଆ ସହ ଏହି ସିରିଜ୍ ଆରମ୍ଭ ହୋଇ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବାକୁ ଥିବା ୫ମ ତଥା ଶେଷ ଟି-୨୦ରେ ଟୁର୍ ଶେଷ ହେବ। ଏହି ଦୁଇଟି ମ୍ୟାଚ୍ ବ୍ୟତୀତ ପ୍ରାୟ ୯୦,୦୦୦ ଟିକଟ ବିକ୍ରି ଶେଷ ହୋଇଯାଇଛି। କ୍ରିକେଟ ଅଷ୍ଟ୍ରେଲିଆର ସୂଚନା ଅନୁଯାୟୀ ଏହି ଟିକଟର ୧୬ ଭାଗ ଭାରତୀୟ ଫ୍ୟାନ୍ କ୍ଲବ୍‌ଗୁଡିକ କିଣି ନେଇଛନ୍ତି। ଏମାନଙ୍କ ମଧ୍ୟରୁ ଭାରତ ଆର୍ମି ୨,୪୦୦, ଫ୍ୟାନ୍ସ ଇଣ୍ଡିଆ କ୍ଲବ୍ ୧,୪୦୦, ବ୍ରିସି ବଣିଆ ସଂଘର ଅମିତ ଗୋୟଲ ଗାବ୍ବା ଟି-୨୦ ଲାଗି ଏକାକୀ ୮୮୦ ଟିକଟ କିଣିଛନ୍ତି। ଏହି ସଂଘ ଅଗରୱାଲ ସମ୍ପ୍ରଦାୟରେ ସବୁଠାରୁ ବଡ଼ ସଂଗଠନ।




### ■ ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ୨ରୁ

# ୪ ବର୍ଷ ପରେ ଇଂଲଣ୍ଡ ଦଳରେ ଆର୍ଚର

ଏଜ୍‌ବାଷ୍ଟନ,୨୬।୬ (ଏଜେନ୍ସି): ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରେ ଖେଳାଯିବ। ଏହି ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଦୀର୍ଘ ୪ ବର୍ଷ ପରେ ସେ ଇଂଲଣ୍ଡ ଜାତୀୟ ଦଳକୁ ଫେରିଛନ୍ତି। ସେହିପରି ୪ ବର୍ଷ ପରେ ମଧ୍ୟ ସେ କାଉଣ୍ଟି କ୍ରିକେଟ ଖେଳିଥିଲେ। ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୫ ୱିକେଟରେ ଜିତିଥିଲା। ଏହା ମଧ୍ୟରେ ଭାରତୀୟ ଦଳରେ ଅଧିକ ଖେଳାଳି ରହିଥିବା ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି।



ଘୋଷିତ ଦଳ: ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), ଜ୍ୟାକବ ବେଥେଲ, ସାମ କୁକ୍, ଜେମି ଓଭରଟନ, କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର, ଜୋଶ ଟଙ୍ଗ୍ ଓ ସୋଏବ ବସିର।

## ଢେଙ୍କାନାଳରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୨୬।୬ (ସମିସ): ଅଲ୍ ଓଡ଼ିଶା ଓ ଢେଙ୍କାନାଳ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ଜୁଲାଇ ୧୦ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଉଭୟ ଓପନ ଓ ବାଳିକା ବର୍ଗରେ ୮ ରାଉଣ୍ଡ ଲେଖାଏଁ ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଶ୍ରେଷ୍ଠ ୨ଜଣ ଖେଳାଳି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ମୋଟ ୨୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ସନ୍ତୋଷ କୁମାର ମହାପାତ୍ର (ଫୋନ୍ ନଂ-୬୩୭୧୭-୨୨୯୩୯)ଙ୍କ ଜୁଲାଇ ୯ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଯୋଗାଯୋଗ କରିପାରିବେ ବୋଲି ଆୟୋଜକ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।


## ଗୋଟିଏ ଦିନରେ ୧୪ ୱିକେଟ ପତନ


**ଅଷ୍ଟ୍ରେଲିଆ-ଇଣ୍ଡିଜ୍ ପ୍ରଥମ ଟେଷ୍ଟ**

ବ୍ରିଜ୍‌ଟାଉନ୍,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏଠାରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୪ଟି ୱିକେଟ ପତନ ଘଟିଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ସମସ୍ତ ୧୦ଟି ଯାକ ଓ ଖେଳ ଶେଷବେଳକୁ ୱେଷ୍ଟଇଣ୍ଡିଜ୍ ୫୭ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷ ଖବର ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୫୫ ରନ୍ କରିଛି। ଦଳ ପକ୍ଷରୁ ଅଲ୍‌ଜାରୀ ଜୋଶେଫ୍ ୧ ଓ ସାଇହୋପ୍ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

## ନିଶାଙ୍କାଙ୍କ ଅପରାଜିତ ଶତକ | ବାଂଲା ୨୪୭; ଶ୍ରୀଲଙ୍କା ୨୯୦/୨

କଲମ୍ବୋ,୨୬।୬ (ଏଜେନ୍ସି): ଓପନର ପାଥୁମ ନିଶାଙ୍କାଙ୍କ ଅପରାଜିତ ୧୪୬ ରନ୍ ବଳରେ ଏଠାରେ ଚାଲିଥିବା ବାଂଲାଦେଶ ସହ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୯୦ ରନ୍ କରିଛି। ଦିନେଶ ଚାଣ୍ଡିମାଲ ୯୩ ଓ ଯୁବ ଓପନର ଲାହିରୁ ଉଦାରା ୪୦ ରନ୍ କରିଥିଲେ। ପୂର୍ବରୁ ଗୁରୁବାର ସକାଳେ ବାଂଲାଦେଶ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଇନିଂସରେ ଶ୍ରୀଲଙ୍କା ପକ୍ଷରୁ ଅସିଥ ଫର୍ଣ୍ଣାଣ୍ଡୋ ଓ ଡେବ୍ୟୁଟାଣ୍ଟ ସୋନାଲ ଦିନୁଶା ୩ଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS